READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ | ସଂଖ୍ୟା-୪୯ | ୧୯ - ୨୫ ଡିସେମ୍ବର, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-49 | 19th - 25th DECEMBER, 2022 | BHUBANESWAR | ₹ 5/- (8 Pages)

### ରାଜଧାନୀରେ ଲୋକଙ୍କ ନିଦ ହଜାଇଲାଣି ମଶା

# ହରଡଘଣାରେ ଭୁବନେଶ୍ୱର ମହାନଗର ନିଗମ

**ଭୁବନେଶ୍ୱର :** ଆଗକୁ ଭୁବନେଶ୍ୱରରେ ହେବ ହକି ବିଶ୍ୱକପ୍। ସେଥିପାଇଁ ସଜେଇ ହେଉଛି ରାଜଧାନୀ। ରାସ୍ତାଘାଟ ଚକାଚକ୍ ହେଉଛି। ସବୁଜିମା ସହରକୁ ସୁନ୍ଦର କରିବା ପାଇଁ ଛକ ଛକରେ ଫୁଲ ଗଛ ରୋପଣ କରାଯାଉଛି। ହେଲେ ତାହାରି ଭିତରେ ସହରବାସୀଙ୍କୁ ବ୍ୟଥିତ କରିଛି ମଶାଙ୍କ ପ୍ରାଦୁର୍ଭାବ। ରାଜଧାନୀବାସୀଙ୍କୁ କାଲୁବାଲୁ କଲେ ମଶା। ଯାହାକୁ ନେଇ ଅକଳରେ ପଡ଼ି ଯାଇଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଅଳିଆ ପକାଇବାକୁ ନେଇ ହରଡ଼ଘଣା ପଡ଼ିଥିବା ବିଏମ୍‌ସି ଏବେ ମଶାକୁ ନେଇ ଚିନ୍ତାରେ ପଡ଼ିଯାଇଛି। ତେଣୁ ମଶା ବଂଶ ଲୋପ୍ ପାଇଁ ଡ୍ରୋନ୍ ବ୍ୟବହାର କରିବାକୁ ବିଏମ୍‌ସି ବ୍ୟବସ୍ଥା କରୁଥିବା ଜଣାପଡ଼ିଛି। ରାଜଧାନୀରେ ଯୁଆଡେ ଦେଖିବ ମଶାଙ୍କ ଉତ୍ପାତ। ଦିନ ହେଉ କି ରାତି, କିଛି ମାନୁ ନାହାନ୍ତି ମଶା। ମଶା ଧୂପ ବା ଲିକ୍ୱିଡ୍ କାମ ଦେଉନାହିଁ। ଏପରି ସ୍ଥିତିରେ ବିଏମ୍‌ସି କୌଣସି ଠୋସ୍ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ପନ୍ଦର ଦିନ କିମ୍ବା ମାସକୁ ଥରେ କାଁ ଭାଁ ମଶା ଧୁଆଁ ଗାଡି ବୁଲୁଛି। କେବଳ ମୁଖ୍ୟ ରାସ୍ତାକୁ ଛାଡି ଦେଲେ, ଗଳି ଭିତରକୁ ମଧ ତାହା ଯାଉନଥିବା ଅଭିଯୋଗ ହେଉଛି। ସ୍ଥିତି ଏମିତି ହୋଇଛି ଯେ, ରାଜଧାନୀର ଅଧିକାଂଶ ସ୍ଥାନରେ ମଶା ସାନ୍ଦ୍ରତା ୧୦୦ ଟପିଲାଣି। ଏହା ୫୦ ତଳକୁ ରହିବା କଥା। ଯଦିଓ ଏବେ ଡେଙ୍ଗୁ ବ୍ୟାପିବାର ଆଶଙ୍କା କମ୍, ତଥାପି ଏହି ମଶା



କାମୁଡିଲେ ମ୍ୟାଲେରିଆ ଓ ଫାଇଲେରିଆ ଭଳି ରୋଗ ହୋଇପାରେ ବୋଲି ମତ ପ୍ରକାଶ ପାଇଛି। ମଶା ଉପଦ୍ରବକୁ ନେଇ ଲୋକେ ଅତିଷ୍ଠ ହେବା ପରେ ଚେଇଁ ଶୋଇଥିବା ବିଏମ୍‌ସି ତତ୍ପର ହୋଇଛି। ମଶାଙ୍କ ବଂଶ ବିସ୍ତାର ହେଉଥିବା ସ୍ଥାନ ଯେମିତିକି ଜଳାଶୟ, ଅପନ୍ତରା ଜାଗା ଓ ଖାଲି ଆଖିକୁ ଦେଖାଯାଉନଥିବା ସ୍ଥାନକୁ ଚିହ୍ନଟ କରିବା ପାଇଁ ଏଣିକି ଡ୍ରୋନ ବ୍ୟବହାର କରାଯିବ। ଜାଗା ଚିହ୍ନଟ ସହ ମଶା ଔଷଧ ସିଞ୍ଚନ ମଧ କରିବ ଡ୍ରୋନ। ବିଏମ୍‌ସି ପକ୍ଷରୁ ଏନେଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ତିନିଟି ୱାର୍ଡରେ ପରୀକ୍ଷାମୂଳକ ଭାବରେ ଏହାର ଆରମ୍ଭ କରାଯିବ। ମଶା ସାନ୍ଦ୍ରତା ବୃଦ୍ଧି ପାଇଥିବା ଅଞ୍ଚଳରେ ସ୍ୱତନ୍ତ୍ର ବୈଷୟିକ ଟିମ୍ ଗଠନ କରାଯିବା ସହ ମଶାଙ୍କ ଉପରେ ➤ ପୃ-୬

### ଲାଞ୍ଚୁଆ ବାବୁଙ୍କ ପାଇଁ ଖାକିରେ ଦାଗ

## ବଦନାମ୍ ହେଉଛି କମିସନରେଟ୍ ପୋଲିସ




**ଭୁବନେଶ୍ୱର:** ଲାଞ୍ଚୁଆ ପୋଲିସ ବାବୁଙ୍କ ପାଇଁ ବଦ୍‌ନାମ ହେଉଛି କମିସନରେଟ ପୋଲିସ। ଥାନାକୁ ଅଭିଯୋଗ ନେଇ ଗଲେ ଟଙ୍କା ନ ଦେଲେ ମାମଲା

### ୬ବର୍ଷରେ ଧରାପଡ଼ିଲେଣି ୨୫ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ

ପଞ୍ଜିକୃତ ହେଉନି ବୋଲି ଆଜି ବି ସେ ବିଶ୍ୱାସ ରହିଛି। ପୋଲିସ ଜନକୈନ୍ଦ୍ରୀକ ଯୋଗୁଁ ଅଭିଯୋଗକାରୀ ଥାନାକୁ ଆସି ଅଭିଯୋଗ ଦେଉଛନ୍ତି। କିନ୍ତୁ କିଛି ପୋଲିସ ବାବୁ ଲାଞ୍ଚ ମାଗିବା ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରି ବିସ୍ତାର କରୁଛନ୍ତି ଅମାପ ସମ୍ପତ୍ତିର ସାମ୍ରାଜ୍ୟ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ପଞ୍ଝାରେ ତମାଣ୍ଡୋ ଥାନାର କୋଟିପତି ଏସ୍‌ଆଇ ଅଭିମନ୍ୟୁ ଚୌଧୁରୀ। ତାଙ୍କ ଠାରୁ ସାଢ଼େ ୩ କୋଟି ଟଙ୍କା ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। କେବଳ ➤ ପୃ-୬

### ଚାଲୁନି ବିଧାନସଭା

# ଦରମା ବୃଦ୍ଧି ପାଇଁ ବିଧାୟକ ସଜବାଜ

**ଭୁବନେଶ୍ୱର :** ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନିମନ୍ତେ କାର୍ଯ୍ୟପରାମର୍ଶଦାତା କମିଟି ସୁପାରିଶ କରିବା ତଥା ଗତ ୧୧ବର୍ଷ ମଧରେ ତୃତୀୟ ଥର ପାଇଁ ବିଧାୟକମାନଙ୍କ ଦରମା ବୃଦ୍ଧି ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବାକୁ ନେଇ ବିଭିନ୍ନ ମହଲରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ରାଜ୍ୟର ବିଭିନ୍ନ ବର୍ଗର କର୍ମଚାରୀମାନେ ବର୍ଷତମାମ ପରିଶ୍ରମ କରି ନିଜର ହକ୍ ବା ନ୍ୟାଯ୍ୟ ଦରମା ପାଉନଥିବାବେଳେ ରାଜ୍ୟର ଏହି ଆଇନ ପ୍ରଣେତା ବିଧାୟକମାନେ ଓଡ଼ିଶା ବିଧାନସଭାର କାର୍ଯ୍ୟ ପରିଚାଳନା ନିୟାମବଳୀର ଧାରା ୧୧କୁ ଖୋଲାଖୋଲି ଉଲ୍ଲଙ୍ଘନ କରି ବର୍ଷକୁ ସର୍ବନିମ୍ନ ୬୦ଦିନ ଗୃହ(ଅଧିବେଶନ)କୁ ଚଳାଇ ଦେଉନଥିଲେ ବି ପ୍ରତି ସାଧାରଣ ନିର୍ବାଚନ ପୂର୍ବରୁ ନିଜର ଦରମା ଓ ଭତ୍ତାକୁ ବୃଦ୍ଧି କରାଇବା ଦିଗରେ ପଦକ୍ଷେପ ନେବା କେତେଦୂର ଯୁକ୍ତିଯୁକ୍ତ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ନିଜର ହାତପାଣ୍ଡିକୁ ୩କୋଟି ଟଙ୍କାକୁ ବୃଦ୍ଧି କରିସାରିଥିବା ଷୋଡ଼ଶ ଓଡ଼ିଶା ବିଧାନସଭା (୨୦୧୯ରେ ନିର୍ବାଚିତ ସଦସ୍ୟ)ର ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ୪.୪୧କୋଟି ଟଙ୍କା ହୋଇଥିଲେ ମଧ ସେମାନେ ଆସନ୍ତା ସାଧାରଣ ନିର୍ବାଚନ



ପୂର୍ବରୁ ନିଜର ଦରମା ଓ ଭତ୍ତା ପରିମାଣକୁ ଅଢ଼େଇଗୁଣ ବୃଦ୍ଧି କରିବାକୁ ପ୍ରୟାସ କରୁଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ବିଜେଡି ବିଧାୟକ ଅମରପ୍ରସାଦ ଶତପଥୀଙ୍କ ଅଧକ୍ଷତାରେ ଗଠିତ କାର୍ଯ୍ୟପରାମର୍ଶଦାତା କମିଟି ଗତ କିଛିଦିନ ତଳେ ବିଧାୟକମାନଙ୍କ ଦରମା ଓ ଭତ୍ତା ଏବଂ ପୂର୍ବତନ ବିଧାୟକମାନଙ୍କ ପେନସନ୍ ଓ ଭତ୍ତା ଆଦି ବୃଦ୍ଧି ନିମନ୍ତେ ବାଚସ୍ପତିଙ୍କୁ ସୁପାରିଶ କରିଛନ୍ତି। ଚଳିତ ଶୀତ ଅଧିବେଶନକୁ ନିର୍ଦ୍ଧାରିତ ୨୯ଦିନ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯିବାରୁ ଏହି ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ବିଲ୍ ବିଧାନସଭାକୁ ଆସିପାରିନଥିଲା। ଯଦିଓ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସ୍ତାବକୁ ଶାସକ ବିଜେଡି ସମ୍ମତି ଜଣାଇ ସାରିଥିଲା। ଦେଶର ୨୫ଟି ରାଜ୍ୟରେ ବିଧାୟକମାନେ ଦରମା ଓ ଭତ୍ତା ବାବଦରେ ପାଉଥିବା ଅର୍ଥ ଓଡ଼ିଶା ତୁଳନାରେ ଅଧିକ ବୋଲି ଯୁକ୍ତି ବାଢ଼ି ରାଜ୍ୟର ବିଧାୟକମାନେ ନିଜର ଦରମା ବୃଦ୍ଧି ଚାହୁଁଛନ୍ତି। ବିଜେଡି, ବିଜେପି ଓ କଂଗ୍ରେସ ସମସ୍ତେ ଏକସ୍ୱରରେ ଏହି ଦରମା ଓ ଭତ୍ତା ବୃଦ୍ଧି ଚାହୁଁଥିବାବେଳେ ତେଲେଙ୍ଗାନାରେ ସର୍ବାଧିକ ୨.୫୦ଲକ୍ଷ ଟଙ୍କା ଓ ପୁଡୁଚେରୀରେ ୧.୦୫ଲକ୍ଷ ଟଙ୍କା ଦରମା ବିଧାୟକମାନେ ପାଉଛନ୍ତି। ଅବଶ୍ୟ ବିଧାୟକମାନେ କେରଳରେ ୭୦ହଜାର, ପଶ୍ଚିମବଙ୍ଗରେ ୫୨ହଜାର ଓ ମିଜୋରାମରେ ୬୫ହଜାର ଟଙ୍କା ଦରମା ପାଉଛନ୍ତି। ଅନ୍ୟପକ୍ଷରେ ୨୦୦୦ ମସିହାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ସରକାର ଗଠନ ହେବା ପରଠୁ ୨୦୦୩ ମସିହାରେ ବିଧାୟକମାନଙ୍କ ଦରମା ଓ ଭତ୍ତା ୨୧୯୫୦ଟଙ୍କାକୁ ବୃଦ୍ଧି ପାଇଥିଲା। ଯାହାକି ପୁଣିଥରେ ୨୦୧୧ ମସିହାରେ ପ୍ରାୟ ୩ଗୁଣ ବୃଦ୍ଧି ପାଇ ୬୦ହଜାର ଟଙ୍କା ହୋଇଥିଲା। ଏହା ୨୦୧୮ ଏପ୍ରିଲରେ ପ୍ରାୟ ୨ଗୁଣ ବୃଦ୍ଧି ପାଇ ୧ଲକ୍ଷ ଟଙ୍କା ହୋଇଛି। ୨୦୦୪, ୨୦୧୪, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାର ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇ ସାରିଥିବାବେଳେ ୨୦୨୪ ନିର୍ବାଚନକୁ ➤ ପୃ-୬

### ରାଜ୍ୟକୁ ଅନ୍ଧାରରେ ରଖୁଛି କେନ୍ଦ୍ର

## ଆବାସ ପୋର୍ଟାଲରୁ ମିଳୁନି ହିତାଧିକାରୀଙ୍କ ସୂଚନା




**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ୮ ଲକ୍ଷ୧୭ ହଜାର ଗରିବ ହିତାଧିକାରୀଙ୍କ ସମ୍ପର୍କିତ ସୂଚନା ନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିପାରୁନାହିଁ। ଏହା ସହିତ ସମ୍ପ୍ରତି ଆବାସ ପୋର୍ଟାଲରେ ଯୋଡ଼ିହେବା ପାଇଁ ଆବେଦନ କରିଥିବା ନୂଆ ହିତାଧିକାରୀଙ୍କ ସମ୍ବନ୍ଧରେ ତଥ୍ୟ ମଧ ରାଜ୍ୟ ସରକାରଙ୍କୁ ମିଳିପାରୁନାହିଁ। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳରେ 'ହାଉସିଂ ସର୍ଭେ' କରି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ରାଜ୍ୟ ସରକାରଙ୍କ ପକ୍ଷରୁ ଅପଲୋଡ୍ କରିଦିଆଯାଇଥିଲେ ମଧ ଏହାର ସ୍ଥିତାବସ୍ଥା ଜଣାପଡୁନାହିଁ। କେଉଁ ମାନେ ତାଲିକାରେ ସାମିଲ ହେଲେ ଓ କେଉଁମାନେ ବାଦ ପଡ଼ିଲେ ତାହା ମଧ ସ୍ପଷ୍ଟ ହେଉନାହିଁ। ୨ୟ ପର୍ଯ୍ୟାୟରେ କେନ୍ଦ୍ର ସରକାର ୮ ଲକ୍ଷ ୧୭ ହଜାର ଆବେଦନକାରୀଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ କେତେ ସଂଖ୍ୟକ ଗରିବ ହିତାଧିକାରୀ ଚଳିତ ଆର୍ଥିକ ବର୍ଷରେ ପ୍ରକ୍ରିୟାରେ ସାମିଲ ହେଲେ ତାହା ରାଜ୍ୟ ସରକାର ଜାଣିପାରୁ ନାହାଁନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ➤ ପୃ-୬

### ବକ୍ରବାଣୀ



କୋର୍ଟ୍ ବେଞ୍ଚ୍ ଦାବୀ ନାମକୁ ମାତର
ଓଡ଼ିଶାଟାକୁ କରିବେ ଦି'ଫାଳ
ନୂଆ ରାଇଜଟେ ତିଆରି କରିବେ
ନାଆଁଟି ରଖିବେ ତା'ର କୋଶଳ
ହିସାବ ଛିଡ଼ିଚି ପପୁଫେଙ୍କୁର
ଫାଳେ ତାଙ୍କରକୁ ଫାଳେ ଯା'ଙ୍କର
ମିଛୁଟାରେ ଏଠି ବାଡ଼ିଆବାଡ଼ି
ଚିପିଛନ୍ତି ଦିହେଁ ଆମର ନାଡ଼ି
ଦିଲ୍ଲୀ ଦରବାରେ ହୁଅନ୍ତି ଦେଖା
ଆମକୁ ସତରେ ଭାବନ୍ତି ବୋକା।

——ଟୁଟୁ

### ନୀଳାଦ୍ରି ବିହାରକୁ ବିକଳ୍ପ ରାସ୍ତା ନଦେଇ ଭାଙ୍ଗିଦେଲେ ପୋଲ

# ନିର୍ମାଣ କାର୍ଯ୍ୟ ଆରମ୍ଭ; ହେଲେ ଗତି ମନ୍ଥର

**ଭୁବନେଶ୍ୱର :** ଚନ୍ଦ୍ରଶେଖରପୁର ଭାରତ ପେଟ୍ରୋଲ ପମ୍ପ ନିକଟରୁ ନୀଳାଦ୍ରି ବିହାରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଥିବା ଏକମାତ୍ର ପୋଲକୁ ପିଡବ୍ଲ୍ୟୁଡି ପାଖାପାଖି ବର୍ଷେ ତଳେ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। ଉଦ୍ଦେଶ୍ୟ ଥିଲା ପୁରୁଣା ଛୋଟିଆ ପୋଲକୁ ଭାଙ୍ଗି ନୂତନ ଚଉଡା ପୋଲ ନିର୍ମାଣ କରିବା। ହେଲେ ନୂତନ ପୋଲ କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରତିବନ୍ଧକ ସାଜିଲା ଘରୋଇ ଜାଗା। ଯାହାକୁ ନେଇ ମାମଲା ଅଦାଲତକୁ ଯାଇଥିଲା। ଯାହାକୁ ନେଇ ସମସ୍ୟା ସୃଷ୍ଟି ହେଲା ଏବଂ ଜଣାପଡିଲା ଯେ, ଡମଣା ଗାଁର ଜଣେ ୮୦ ବର୍ଷ ବୟସ୍କ ବ୍ୟକ୍ତି ପୋଲ ଜାଗାକୁ ନେଇ କୋର୍ଟରେ ମାମଲା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ➤ ପୃ-୬



## 'ବିକଳ୍ପ ରାସ୍ତା ଦିଆଯାଉ'



ଚନ୍ଦ୍ରଶେଖରପୁରରୁ ନୀଳାଦ୍ରି ବିହାରକୁ ସଂଯୋଗ କରୁଥିବା ଏକମାତ୍ର ପୋଲକୁ ବରିଷ୍ଠ ନାଗରିକ ଆନନ୍ଦ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି ଯେ, ସରକାର ବର୍ଷେ ତଳେ ଭାଙ୍ଗି ଦେଇଥିଲେ। ହେଲେ ନୂଆ ପୋଲ ନିର୍ମାଣ ପୂର୍ବରୁ ପ୍ରତିବନ୍ଧକ ସାଜିଲା ଜମି ମାଲିକାନା। କାରଣ ଯେଉଁ ଜାଗାରେ ନୂତନ ପୋଲ ନିର୍ମାଣ ହେବା କଥା ତାହାକୁ ଜଣେ ବ୍ୟକ୍ତି ନିଜର ଜମି ଦର୍ଶାଇ କୋର୍ଟରେ ମାମଲା କରିଥିଲେ। ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ ହେବା ସହିତ ନୂତନ ପୋଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉଲ୍ଲେଖଯୋଗ୍ୟ ୧୯୯୨ ମସିହାରେ ଯେତେବେଳେ ବିଡିଏ ନୀଳାଦ୍ରି ବିହାରରେ ଘର ତିଆରି ଆରମ୍ଭ କରିଥିଲା ସେତେବେଳେ ସ୍ୱର୍ଗତ ମହେନ୍ଦ୍ର ଜେନା ଏହାର ଠିକାଦାର ଥିଲେ। ସେ ତାଙ୍କ ପଇସାରେ ଘରୋଇ ଜମି ମାଲିକଙ୍କୁ ସ୍ୱଳ୍ପ ପଇସା ଦେଇ ନିଜର ଗାଡି ମଟର ଯିବା ପାଇଁ ଛୋଟ ପୋଲଟିଏ ନିର୍ମାଣ କରିଥିଲେ। ପୁରୁଣା ପୋଲ ଭାଙ୍ଗିଯିବା ପରେ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖି ନୀଳାଦ୍ରି ବିହାର ବରିଷ୍ଠ ନାଗରିକମାନେ ସ୍ଥାନୀୟ ବିଧାୟକ ଓ ପିଡବ୍ଲ୍ୟୁଡି ଅଧିକାରୀମାନଙ୍କୁ ସାକ୍ଷାତ କରି ନିଜର ଅଭିଯୋଗ ଜଣାଇଥିଲେ। ଯାହା ହେଉ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଆନ୍ତରିକତା ଯୋଗୁଁ ନୂଆ ପୋଲ ନିର୍ମାଣ ଆରମ୍ଭ ହୋଇଛି। ହେଲେ ଆମର ଦାବି ଯେ, ପୋଲ ନିର୍ମାଣ ଶେଷ ପର୍ଯ୍ୟନ୍ତ ଅନ୍ତତଃ ଚାଲିଚାଲି ଯିବା ପାଇଁ ଏକ ବିକଳ୍ପ ରାସ୍ତା ଦିଆଯାଉ।

### ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ଦାବି ଖାରଜ କଲେ ସୁପ୍ରିମକୋର୍ଟ

***ନୂଆଦିଲ୍ଲୀ :*** *ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ହଙ୍ଗାମା କରୁଥିବା ଓକିଲ ସଂଘକୁ ଶକ୍ତ ଝଟ୍‌କା ଲାଗିଛି। ନିଜର ଦାବି ପୂରଣ ପାଇଁ କୋର୍ଟ କାର୍ଯ୍ୟରେ ବାଧା ଦେବା ସହ ବ୍ୟାପକ ଭଙ୍ଗାରୁଜା କରିବା ଓକିଲମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ସେମାନଙ୍କ ଆଚରଣ ଉପରେ କ୍ଷୁବ୍ଧ ସୁପ୍ରିମ କୋର୍ଟ ହାଇକୋର୍ଟ ବେଞ୍ଚ ଦାବିକୁ ମଧ ଖାରଜ କରିଛନ୍ତି। ଭୌଗୋଳିକ ଓ ବୈଷୟିକ ସୁବିଧା ଦୃଷ୍ଟିରୁ ଆଉ ବେଞ୍ଚର କୌଣସି ଆବଶ୍ୟକତା ନାହିଁ ବୋଲି ସୁପ୍ରିମ କୋର୍ଟ କହିଛନ୍ତି। ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲମାନେ କରିଥିବା ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇ ପାରିବ ନାହିଁ ବୋଲି କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଆକ୍ରୋଶରୁ ଓଡ଼ିଶା ଡିଜିପି ଓ ଉତ୍ତରାଞ୍ଚଳ ଆଇଜି ମଧ ବର୍ତ୍ତି ପାରି ନାହାନ୍ତି। ଓକିଲ ଆନ୍ଦୋଳନକୁ ପ୍ରଶମିତ କରିବାରେ ଓଡ଼ିଶା ପୁଲିସ ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ଉଭୟଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି। ଯଦି ଓଡ଼ିଶା ପୁଲିସ୍ ପାରୁନି, ତା'ହେଲେ ଆମେ ପାରାମିଲିଟାରୀ ଫୋର୍ସ ଦେବୁ ବୋଲି କୋର୍ଟ କହିଛନ୍ତି। ୧୫ ପ୍ଲାଟୁନ ପୁଲିସ୍ ଫୋର୍ସ ସତ୍ତ୍ୱେ କେମିତି ଭଙ୍ଗାରୁଜା ହେଲା? ଏହା ଓଡ଼ିଶା ପୁଲିସ୍‌ର ଚରମ ଅବହେଳା କହି ନିଜର ଅସନ୍ତୋଷ ଝାଡ଼ିଛନ୍ତି ସର୍ବୋଚ୍ଚ ଅଦାଲତ।*

## ଦାୟିତ୍ୱ ତୁଲାଇ ନାହାନ୍ତି ରାଜ୍ୟ ସରକାର : ସୁରେଶ ପୂଜାରୀ



**ନୂଆଦିଲ୍ଲୀ/ଭୁବନେଶ୍ୱର :** ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ତାଙ୍କ ଦାୟିତ୍ୱ ତୁଲାଇ ନାହାନ୍ତି। ସମ୍ବଲପୁରରେ ଯେଉଁ ପରିସ୍ଥିତି ଉପୁଜିଲା, ତାକୁ ଏଡାଇ ଦିଆଯାଇ ପାରିଥାନ୍ତା। ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଇଥିଲେ ଏଭଳି ପରିସ୍ଥିତି ହୋଇନଥାନ୍ତା। ରାଜ୍ୟ ସରକାରଙ୍କ ବିଳମ୍ବ ନୀତି କାରଣରୁ ହିଂସା ଉପୁଜିଲା। ଏଭଳି ଅଭାବନୀୟ ପରିସ୍ଥିତି ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ବରଗଡ ସାଂସଦ ଶ୍ରୀ ସୁରେଶ ପୂଜାରୀ କହିଛନ୍ତି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ କହିଛନ୍ତି ଯେ, ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଏକ ସ୍ପର୍ଶକତାର ବିଷୟ। ସ୍ଥାୟୀ ବେଂଚ ପ୍ରତିଷ୍ଠା ପ୍ରସଙ୍ଗରେ ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ ➤ ପୃ-୬

## ଆଗଭର ହେଉନି କେନ୍ଦ୍ର: ସସ୍ମିତ ପାତ୍ର



**ନୂଆଦିଲ୍ଲୀ :** ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ତଥା ଆର୍ଥିକ ସମ୍ବଳ ସମେତ ସମସ୍ତ ପ୍ରକାର ସହାୟତା ଯୋଗାଇବା ପାଇଁ କେନ୍ଦ୍ରକୁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ସମସ୍ତ କାର୍ଯ୍ୟ ପାଇଁ 'ବ୍ଲାଙ୍କ୍ ଚେକ୍' ଦେବା ସତ୍ତ୍ୱେ କେନ୍ଦ୍ର କାହିଁକି ଓଡ଼ିଶା ହାଇକୋର୍ଟଙ୍କ ପରାମର୍ଶ କ୍ରମେ ଏଥିପାଇଁ ସ୍ଥାନ ଚିହ୍ନଟ ନିମନ୍ତେ ଆଗଭର ହେଉନାହିଁ ତାହା ଆଶ୍ଚର୍ଯ୍ୟଜନକ ବୋଲି ଡକ୍ଟର ପାତ୍ର କହିଛନ୍ତି। ଭାରତୀୟ ସମ୍ବିଧାନର କେନ୍ଦ୍ର ତାଲିକାର ଏଣ୍ଟ୍ରି-୭୮ ଅଧୀନରେ ନିଜର ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** – ଆଣ୍ଠୁ ଗଣ୍ଠିରେ କଷ୍ଟ ହୋଇପାରେ। କୌଣସି ମୂଲ୍ୟବାନ ବସ୍ତୁ ଚୋରୀ ବା ହଜିଯାଇପାରେ। ସାଂସ୍କୃତିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି। ବିଦ୍ୟୁତ୍ ସାମଗ୍ରୀ କିଣିପାରନ୍ତି। ସନ୍ତାନଙ୍କ ସମ୍ବନ୍ଧରେ କିଛି ନୂଆ ଖବର ପାଇବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** – ମୁଖ ଓ ଚର୍ମ ଜନିତ ରୋଗ ହୋଇପାରେ। ଘରର ମରାମତି କାମ କରାଇ ପାରନ୍ତି। ବନ୍ଧୁଙ୍କ ସହ ଭ୍ରମଣରେ ଯାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ସାମାନ୍ୟ ରହିବ। ଦମ୍ପତିଙ୍କ ମଧ୍ୟରେ ସାମାନ୍ୟ ମତାନ୍ତର ହୋଇପାରେ।

**ମିଥୁନ** – ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ହେବ। ଅଚାନକ ଅର୍ଥପ୍ରାପ୍ତି ହେବ। ରୋକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ଉତୀର୍ଣ୍ଣ ହେବେ। ପ୍ରେମୀ ମାନଙ୍କର ପ୍ରେମରେ ସଫଳତା ପାଇବେ।

**କର୍କଟ** – ପେଟ ଓ ଗ୍ୟାସ ସମ୍ବନ୍ଧୀୟ ରୋଗ ହୋଇପାରେ। ବ୍ୟବସାୟ ପାଇଁ ଦୂରଯାତ୍ରା କରିପାରନ୍ତି। ମାତାପିତାଙ୍କ ସହ ସାମାନ୍ୟ ମତାନ୍ତର ହୋଇପାରେ। କାର୍ଯ୍ୟକ୍ଷେତ୍ରରେ କାମର ବୋଝ ବଢ଼ିବ। ଆତ୍ମୀୟଙ୍କ ସହ ମତାନ୍ତର ହୋଇପାରେ।

**ସିଂହ** – ରାଜ ଯୋଗ ଅଛି। ସର୍ବସାଧାରଣରେ ସମ୍ମାନିତ ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ଜମି କ୍ରୟ ସମ୍ବନ୍ଧୀୟ ରୋକିଥିବା କାର୍ଯ୍ୟ ସମାଧାନ ହେବ। ସରକାରୀ ଅଫିସ ପା ଡାକ୍ତରଖାନା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**କନ୍ୟା** – ମନ ଅସ୍ଥିର ରହିବ। ଆୟ ତୁଳନାରେ ବ୍ୟୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଉପରୋକ୍ତ କର୍ମଚାରୀଙ୍କ ସହ କଥା କଟାକଟି ହୋଇପାରେ। ସନ୍ତାନଙ୍କ ପାଇଁ ଚିନ୍ତିତ ହେବେ।

**ତୁଳା** – ରକ୍ତଚାପ ବଢ଼ିବ। ଭବିଷ୍ୟତ ପାଇଁ ଚିନ୍ତିତ ରହିବେ। ବ୍ୟବସାୟରେ ଅଧିକ ଖର୍ଚ୍ଚ କରିପାରନ୍ତି। ମକଦ୍ଦମାରେ ବିଜୟୀ ହେବେ। ଦୂରଯାତ୍ରା କରିପାରନ୍ତି। ପ୍ରେମୀଙ୍କୁ ଉପହାର ଦେଇପାରନ୍ତି।

**ବିଛା** – ଅଚାନକ ଅର୍ଥ ପ୍ରାପ୍ତିର ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଶୁଭ ଖବର ପାଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଚିନ୍ତିତ ରହିବେ। ଦମ୍ପତିଙ୍କ ମଧ୍ୟରେ ତାଳମେଳ ବଢ଼ିବ।

**ଧନୁ** – ଦୂରଯାତ୍ରା ଯୋଗ ଅଛି। ନୂଆ କାମ ପାଇ ପାରନ୍ତି। ବ୍ୟୟରେ ଅହେତୁକ ବୃଦ୍ଧି ହେବ। ସ୍ୱାସ୍ଥ୍ୟ ଓ ସରକାରୀ କାମ ପାଇଁ ଖର୍ଚ୍ଚ କରିପାରନ୍ତି। ଭାଗୀଦାରଙ୍କ ପାଇଁ ଉପହାର କିଣିପାରନ୍ତି।

**ମକର** – କାର୍ଯ୍ୟର ବୋଝ ଯୋଗୁଁ କଷ୍ଟ ପାଇବେ। ପରିବାରରେ ମତାନ୍ତର ହେବ। ଶରୀରରେ ପୀଡା ଅନୁଭବ କରିବେ। ଅଯଥା ଖର୍ଚ୍ଚ ବଢ଼ିବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରେମୀମାନେ ମନକଥା ସର୍ବସମ୍ମୁଖରେ ଉପସ୍ଥାପିତ କରିବେ।

**କୁମ୍ଭ** – ଆୟ ଓ ବ୍ୟୟରେ ବୃଦ୍ଧି ହେବ। ମାଲିମକଦ୍ଦମାରେ ପଡିପାରନ୍ତି। ଗାଡି ଓ ଘରକରଣା ଜିନିଷ କ୍ରୟ କରିପାରନ୍ତି। ପଶୁପକ୍ଷୀଙ୍କ ଦ୍ୱାରା ଆଘାତ ପାଇପାରନ୍ତି। ପତ୍ନୀଙ୍କୁ ଉପହାର ଦେଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ରହିଛି।

**ମୀନ** – ପୁରୁଣା ରୋଗରୁ ମୁକ୍ତି ପାଇବେ। ଆୟରେ ବୃଦ୍ଧି ହେବ। ପରିବାରରେ ଖଉସି ଖବର ପାଇବେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଛାତ୍ରମାନେ ପ୍ରତିଯୋଗିତାମୂଳକ ପରିସ୍ଥିତିର ସମ୍ମୁଖୀନ ହେବେ। ପ୍ରେମରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ଲୋଡିବେ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ପୁଣି ଋଷର ପରମାଣୁ ଧମକ



**ମସ୍କୋ :** ଋଷ୍ ପୁଣିଥରେ ପଶ୍ଚିମ ରାଷ୍ଟ୍ରମାନଙ୍କୁ ପରମାଣୁ ଯୁଦ୍ଧ ଧମକ ଦେଇଛି। ଋଷ୍ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଋଷ୍ ଜାପାନର ହିରୋଶିମା ଉପରେ ପକାଯାଇଥିବା ଆମେରିକୀୟ ପରମାଣୁ ବୋମାଠାରୁ ୧୨ ଗୁଣା ଅଧିକ ଶକ୍ତିଶାଳୀ ପରମାଣୁ କ୍ଷେପଣାସ୍ତ୍ର ପ୍ରସ୍ତୁତ କରିଛି। ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏକ ରଣନୀତିକ ପରମାଣୁ କ୍ଷେପଣାସ୍ତ୍ର ପ୍ରସ୍ତୁତ କରିଛନ୍ତି ଏବଂ ଏହି କ୍ଷେପଣାସ୍ତ୍ରର ଓଜନ ୪୬,୦୦୦ ଟନ୍। ୧୨,୦୦୦ କିମି ପର୍ଯ୍ୟନ୍ତ ଏହା ଲକ୍ଷ୍ୟଭେଦ କରିପାରିବ। ୟୁରୋପ୍ ଏବଂ ଆମେରିକାର ଯେକୌଣସି ସ୍ଥାନରେ ଏହା ଆକ୍ରମଣ କରିପାରିବ। ଏହି ପରମାଣୁ କ୍ଷେପଣାସ୍ତ୍ର ପେ'ଲୋଡ୍ କ୍ଷମତା ୫୦୦ କିଲୋଟନ୍। ଋଷ୍ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଋଷ୍‌ର ଏକ ନୂଆ ଆଇସିବିଏମ୍ (ଇଣ୍ଟରକଣ୍ଟିନେଣ୍ଟାଲ ବାଲିଷ୍ଟିକ ମିସାଇଲ୍) ଆର୍ଏସ-୨୪ ୟାର୍ସ ପରୀକ୍ଷଣର ଭିଡିଓ ଫୁଟେଜ୍ ସେୟାର କରିଛି। ଋଷ୍ ପୁଣିଥରେ ଏହାଦ୍ୱାରା ଆମେରିକାକୁ ପରମାଣୁ ଯୁଦ୍ଧ ଧମକ ଦେଇଛି। ଉଲ୍ଲେଖଯୋଗ୍ୟ, ୟୁକ୍ରେନ ସହ ଯୁଦ୍ଧ ଜାରି ରଖିଥିବା ଋଷ୍ ପଶ୍ଚିମ ରାଷ୍ଟ୍ରମାନଙ୍କୁ ବାରମ୍ବାର ପରମାଣୁ ଯୁଦ୍ଧ ଧମକ ଦେଇଆସିଛି।

## ବିଚାରପତି ନିଯୁକ୍ତିରେ ସରକାରଙ୍କର ଭୂମିକା ସୀମିତ : ଆଇନମନ୍ତ୍ରୀ

**ନୂଆଦିଲ୍ଲୀ :** ବିଚାରପତି ନିଯୁକ୍ତି ପ୍ରସଙ୍ଗକୁ କେନ୍ଦ୍ରକରି ସୁପ୍ରିମକୋର୍ଟଙ୍କ ସହ କେନ୍ଦ୍ର ସରକାରଙ୍କର ବାକ୍ ଯୁଦ୍ଧ ଚାଲିଥିବା ବେଳେ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ ବିଚାରପତି ନିଯୁକ୍ତିରେ ସରକାରଙ୍କର ସୀମିତ ଭୂମିକା ରହିଛି। ଶ୍ରୀ ରିଜିଜୁ ସଂସଦରେ ବହୁ ସଂଖ୍ୟକ ବିଚାରାଧୀନ ମାମଲା ଉପରେ ଏକ ପ୍ରଶ୍ନର ଉତ୍ତର ଦେବାବେଳେ କହିଛନ୍ତି ଯେ ସଂପ୍ରତି ସାରା ଦେଶରେ ପାଞ୍ଚ କୋଟିରୁ ଅଧିକ ମାମଲା ବିଚାରାଧୀନ ଥିବାରୁ ଏହା ଏକ ଚିନ୍ତାଜନକ ବିଷୟ। ତେବେ, ମନ୍ତ୍ରୀ କହିଛନ୍ତି ଯେ ଏହାର ମୌଳିକ କାରଣ ହେଉଛି ବିଚାରପତି ନିଯୁକ୍ତି। ବିଚାରାଧୀନ ମାମଲାଗୁଡ଼ିକର ସଂଖ୍ୟା ହ୍ରାସ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଥିଲେ, କିନ୍ତୁ ବିଚାରପତିଙ୍କ ଖାଲି ପଦବୀ ପୂରଣ କରିବାରେ ସରକାରଙ୍କର



ବହୁତ ସୀମିତ ଭୂମିକା ରହିଛି। କଲେଜିୟମ ନୂତନ ବିଚାରପତିଙ୍କୁ ଚୟନ କରିଥାଏ ଏବଂ ଏହା ବ୍ୟତୀତ ବିଚାରପତି ନିଯୁକ୍ତ କରିବା ପାଇଁ ସରକାରଙ୍କ ନିକଟରେ ଅନ୍ୟ କୌଣସି ଅଧିକାର ନାହିଁ ବୋଲି ଶ୍ରୀ ରିଜିଜୁ କହିଛନ୍ତି। ସେ କହିଛନ୍ତି ଯେ ସରକାର ପ୍ରାୟତଃ ଭାରତର ପ୍ରଧାନ ବିଚାରପତି ଏବଂ ରାଜ୍ୟ ହାଇକୋର୍ଟମାନଙ୍କର ମୁଖ୍ୟ ବିଚାରପତିମାନଙ୍କୁ ବିଚାରପତିଙ୍କ ନାମ ପଠାଇବାକୁ କହିଥାନ୍ତି; ଯାହା ଗୁଣବତ୍ତା ଏବଂ ଭାରତର ବିବିଧତାକୁ ପ୍ରତିଫଳିତ କରେ ଏବଂ ମହିଳାମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେଇଥାଏ। କିନ୍ତୁ ବର୍ତ୍ତମାନର ବ୍ୟବସ୍ଥା ସଂସଦ କିମ୍ବା ଲୋକଙ୍କ ଭାବନାକୁ ପ୍ରତିଫଳିତ କରିନାହିଁ ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ଏଥିସହ ସେ କହିଛନ୍ତି ଯେ ଏ ପ୍ରସଙ୍ଗରେ ମୁଁ ଅଧିକ କହିବାକୁ ଚାହେଁ ନାହିଁ; କାରଣ ଏହା ନ୍ୟାୟପାଳିକାରେ ସରକାର ହସ୍ତକ୍ଷେପ କରୁଥିବା ପରି ମନେ ହୋଇପାରେ! କିନ୍ତୁ ସମ୍ବିଧାନର ଭାବନା କହୁଛି ବିଚାରପତି ନିଯୁକ୍ତ କରିବା ସରକାରଙ୍କ ଅଧିକାର। ୧୯୯୩ ପରେ ଏହା ବଦଳି ଗଲା ବୋଲି ସେ କହିଛନ୍ତି। ଶ୍ରୀ ରିଜିଜୁ ୨୦୧୪ରେ ଅଣାଯାଇଥିବା ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ (ଏନଜେଏସି) ଆଇନ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ, ଯାହାକୁ ୨୦୧୫ରେ ସୁପ୍ରିମକୋର୍ଟ ଉଚ୍ଛେଦ କରିଥିଲେ।

## ୨୦୨୫ ସୁଦ୍ଧା ବିଶ୍ୱର ପ୍ରଥମ ଧୂମପାନମୁକ୍ତ ଦେଶ ହେବ ନ୍ୟୁଜିଲାଣ୍ଡ



**ଅକଲାଣ୍ଡ :** ବିଶ୍ୱର ପ୍ରଥମ ଧୂମପାନମୁକ୍ତ ଦେଶରେ ପରିଣତ ହେବାକୁ ଯାଉଛି ନ୍ୟୁଜିଲାଣ୍ଡ। ଆସନ୍ତା ୨୦୨୫ ସୁଦ୍ଧା ଏହି ଲକ୍ଷ୍ୟ ହାସଲ କରିବାକୁ ଯୋଜନା ପ୍ରସ୍ତୁତ କରିଛି ଏହି ଦେଶ। ନ୍ୟୁଜିଲାଣ୍ଡ ସରକାର ନିକଟରେ ଏକ ଆଇନ ପ୍ରଣୟନ କରିଛନ୍ତି। ଏହି ନୂଆ ଆଇନ ଅନୁଯାୟୀ, ୧ ଜାନୁଆରି, ୨୦୦୯ ପରେ ଜନ୍ମଗ୍ରହଣ କରିଥିବା ସବୁ ପିଲାଙ୍କୁ ସିଗାରେଟ୍ ବିକ୍ରି କରାଯାଇପାରିବ ନାହିଁ। କେବଳ ଏହି ନିୟମ ନୁହେଁ, ଧୂମପାନକୁ ନିରୁତ୍ସାହିତ କରିବାକୁ ସରକାର ଆଉ ଏକ ପଦକ୍ଷେପ ନେଇଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ସିଗାରେଟ ଉପରେ ଅଧିକ ଟିକସ ଲାଗୁ, କେବଳ ଲାଇସେନ୍ସପ୍ରାପ୍ତ ଟବାକୋ ଷ୍ଟୋରରେ ସିଗାରେଟ ବିକ୍ରି ଅନୁମତି ଓ ସିଗାରେଟରେ ନିକୋଟିନ ମାତ୍ରା କମାଇବା ଅନ୍ୟତମ। ନ୍ୟୁଜିଲ୍ୟାଣ୍ଡରେ ଧୂମପାନ ହାର ପୂର୍ବରୁ କମ୍ ରହିଛି। କେବଳ ୮% ବୟସ୍କ ବ୍ୟକ୍ତି ଦୈନିକ ଧୂମପାନ କରୁଛନ୍ତି। ନ୍ୟୁଜିଲାଣ୍ଡର ସ୍ୱାସ୍ଥ୍ୟମନ୍ତ୍ରୀ ଆୟେଶା ଭେରାଲ୍ କହିଛନ୍ତି ଯେ, ଦେଶ ଧୂମପାନମୁକ୍ତ ହେଲେ ଆଗାମୀ ପୀଢି ନିରୋଗ ରହିବ। ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ର ବି ଆହୁରି ଉନ୍ନତ ହୋଇଯିବ, କାରଣ ଲୋକମାନେ କ୍ୟାନସର, ହୃଦରୋଗ ଆଦି ରୋଗରେ କମ ପଡ଼ିବେ ଓ ଏବାବଦ ଚିକିତ୍ସା ଖର୍ଚ୍ଚ ମଧ୍ୟ କମିବ।

# କମ୍ପାନୀ ଭାରତର, ନିର୍ଦ୍ଦେଶକ ଚାଇନାର

**ନୂଆଦିଲ୍ଲୀ :** କର୍ପୋରେଟ୍ ଡାଟା ମ୍ୟାନେଜମେଣ୍ଟ ପୋର୍ଟାଲ୍ (ସିଡିଏମ୍) ଡାଟାବେସ୍ ଅନୁଯାୟୀ, ଭାରତରେ ୩୫୬୦ଟି ଏମିତି କମ୍ପାନୀ ରହିଛି ଯେଉଁଗୁଡିକର ବୋର୍ଡରେ ଚାଇନାର ନିର୍ଦ୍ଦେଶକ ରହିଛନ୍ତି। ଏଥିସହିତ, ଦେଶରେ ୧୭୪ଟି ଚାଇନିଜ୍ କମ୍ପାନୀ ଅଛି ଯାହା କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ମନ୍ତ୍ରାଳୟରେ ବିଦେଶୀ କମ୍ପାନୀ ଭାବରେ ପଞ୍ଜିକୃତ ହୋଇଛି। କର୍ପୋରେଟ ବ୍ୟାପାର ମନ୍ତ୍ରୀ ରାଓ ଇନ୍ଦରଜିତ ସିଂ ସୋମବାର ସଂସଦରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ଇନ୍ଦରଜିତ ସିଂ ଏହା ମଧ୍ୟ କହିଛନ୍ତି ଯେ ଚାଇନାର ନିବେଶକ ଏବଂ ଅଂଶୀଦାରଙ୍କ ସହ କମ୍ପାନୀ ସଂଖ୍ୟା କହିବା ସମ୍ଭବପର ନୁହେଁ, କାରଣ ଏହିପରି ତଥ୍ୟ ପୃଥକ ଭାବରେ ରଖାଯାଏନାହିଁ। ଏହାପୂର୍ବରୁ ଡିସେମ୍ବର ୧୧ ରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଅନେକ ବିଷୟ ପାଇଁ ଚୀନ୍ ଉପରେ ଦେଶ କିଭଳି ଭାବେ ନିର୍ଭରଶୀଳ ହେଉଛି ସେ ନେଇ ରାଜ୍ୟସଭାରେ ଉଦ୍ବେଗ ପ୍ରକାଶ କରିଥିଲେ। ଭାରତରେ ଚୀନ୍ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାବରାର ୪୩.୩% ବୃଦ୍ଧି ପାଇଛି। ଏହି ବାଣିଜ୍ୟରେ ଚୀନ୍ର ସମ୍ପୂର୍ଣ୍ଣ ଉପର ସ୍ତରର ହାତ ରହିଛି। ଅର୍ଥାତ୍ ଚୀନର ରପ୍ତାନି ଭାରତ ତୁଳନାରେ ଅନେକ ଗୁଣ ଅଧିକ। ୨୦୨୦-୨୧ ଆର୍ଥିକ ବର୍ଷରେ ଚୀନ୍ ଭାରତକୁ ୬୫.୨୧ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଛି, କିନ୍ତୁ ୨୦୨୧-୨୨ ଆର୍ଥିକବର୍ଷରେ ଏହା ୯୪.୫୭ ବିଲିୟନ ଡ଼ଲାରରେ ପହଞ୍ଚିଛି। ଗୋୟାଲ ସଂସଦକୁ ମଧ୍ୟ ସୂଚନା ଦେଇଛନ୍ତି ଯେ ୨୦୦୩-୦୪ରେ ଚାଇନାରୁ ଭାରତର ଆମଦାନୀ ୪.୩୪ ବିଲିୟନ ଡ଼ଲାର ଥିଲା, ଯାହା ୨୦୧୩-୧୪ ସୁଦ୍ଧା ୫୧.୦୩ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି। ଚୀନ୍ ଏବଂ ଭାରତ ମଧ୍ୟରେ ବାଣିଜ୍ୟକୁ ନେଇ ଏହି ପରିସ୍ଥିତି ଯେତେବେଳେ ଚୀନ୍ ଭଳି ଦେଶ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ମୋଦୀ ସରକାର 'ମେକ୍ ଇନ୍ ଇଣ୍ଡିଆ' ଏବଂ ପିଏଲଆଇ ଯୋଜନା ଭଳି ଅଭିଯାନ ଆରମ୍ଭ କରିଛନ୍ତି। ଏହା ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଭାରତ ଚାଇନାକୁ ମୁଖ୍ୟତଃ ଭାବେ ଲୁହାପଥର, ପେଟ୍ରୋଲିୟମ ଇନ୍ଧନ, ଜୈବ ରାସାୟନିକ, ବିଶୋଧିତ ତମ୍ବା, ସୂତା ସୂତା ଏବଂ ଖାଦ୍ୟ ପଦାର୍ଥ ମଧ୍ୟରେ ମାଛ ଏବଂ ସାମୁଦ୍ରିକ ଖାଦ୍ୟ, କଳା ଲଙ୍କା, ଉଦ୍ଭିଦ ତେଲ, ଚର୍ବି ଆଦି ସାମଗ୍ରୀ ରପ୍ତାନି କରିଥାଏ। ସ୍ୱୟଂଚାଳିତ ଡାଟା ପ୍ରକ୍ରିୟାକରଣ ମେସିନ୍ ଏବଂ ୟୁନିଟ୍, ଟେଲିଫୋନ୍ ଉପକରଣ ଏବଂ ଭିଡିଓ ଫୋନ୍, ଇଲେକ୍ଟ୍ରୋନିକ୍ ସର୍କିଟ୍, ଟ୍ରାନଜିଷ୍ଟର ଏବଂ ସେମିକଣ୍ଡକ୍ଟର ଉପକରଣ, ଆଣ୍ଟିବାୟୋଟିକ୍, ସାର, ସାଉଣ୍ଡ ରେକର୍ଡିଂ ଉପକରଣ ଏବଂ ଟିଭି କ୍ୟାମେରା, ଅଟୋ ଉପାଦାନ, ଅଟୋ ଆସେସୋରିଜ୍ ଏବଂ ପ୍ରୋଜେକ୍ଟ ସାମଗ୍ରୀ।

### ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉଠାଇଲା ପାକ୍

# ଲାଡେନ କଥା କହି ଜବାବ ଦେଲା ଭାରତ

**ମିଳିତ ଜାତିସଂଘ :** ପୁଣିଥରେ ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ କଶ୍ମୀର ପ୍ରସଙ୍ଗ ଉଠାଇଛି ପାକିସ୍ତାନ। କଶ୍ମୀର ପ୍ରସଙ୍ଗ ଉଠାଇ ଭାରତକୁ ବ୍ୟାକଫୁଟକୁ ଠେଲିବାକୁ ଚେଷ୍ଟା କରୁଥିବା ପାକିସ୍ତାନ କିନ୍ତୁ କାଉଣ୍ଟର ଆଟାକରେ ଦୋହଲି ଯାଇଛି। ପାକିସ୍ତାନ ଉଠାଇଥିବା କଶ୍ମୀର ପ୍ରସଙ୍ଗର ଜବାବ ଭାରତ ଅଲକାଏଦା ଆତଙ୍କବାଦୀ ଓସାମା ବିନ୍ ଲାଡେନ କଥା କହି ଦେଇଛି। ଯେଉଁ ଦେଶ ଲାଡେନ ଭଳି କୁଖ୍ୟାତ ଆତଙ୍କବାଦୀକୁ ଆଶ୍ରୟ ଦେଇଥିଲା ଓ ତା'ର ପଡ଼ୋଶୀ ଦେଶର ସଂସଦ ଉପରେ ହମଲା କରିଥିଲା, ସେଭଳି ଦେଶ ମିଳିତ ଜାତିସଂଘକୁ ଉପଦେଶ ଦେଉଛି। ଉକ୍ତ ଦେଶର ଏପରି ଉପଦେଶ ଦେବାର କୌଣସି ଅଧିକାର ନାହିଁ ବୋଲି ଭାରତ କହିଛି। ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ କହିଛନ୍ତି, ମହାମାରୀ, ଜଳବାୟୁ ପରିବର୍ତ୍ତନ, ସଂଘର୍ଷ ଓ ଆତଙ୍କବାଦ ଭଳି ଚ୍ୟାଲେଞ୍ଜର ମୁକାବିଲା କରିବା ଦିଗରେ ନିଆଯାଉଥିବା ପଦକ୍ଷେପ ଉପରେ ମିଳିତ ଜାତିସଂଘର ବିଶ୍ୱସନୀୟତା ନିର୍ଭର କରୁଛି। ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଅନ୍ତର୍ଜାତୀୟ



ଶାନ୍ତି ଓ ସୁରକ୍ଷା ପାଇଁ ନୂଆ ଦିଗ ଉପରେ ହେଉଥିବା ବିତର୍କରେ ଏସ ଜୟଶଙ୍କର ଅଧ୍ୟକ୍ଷତା କରିଛନ୍ତି। ସେ କହିଛନ୍ତି, "ଆମେ ସ୍ପଷ୍ଟ ଭାବେ ବହୁପକ୍ଷବାଦରେ ସୁଧାର ଆଣିବା ପାଇଁ ତତ୍କାଳ ଭାବେ ଫୋକସ କରୁଛୁ। ସ୍ୱାଭାବିକ ଭାବେ ଏଦିଗରେ ଆମମାନଙ୍କର ନିଜସ୍ୱ ବିଚାର ଓ ମତ ରହିପାରେ। କିନ୍ତୁ ଗୋଟିଏ କଥାରେ ଆମେ ସମସ୍ତେ ଏକମତ ହେଉଛି ଯେ ଏହି ପ୍ରସଙ୍ଗରେ ଆଉ ବିଳମ୍ବ ନ ହେବା ଦରକାର। ଦୁନିଆ ଯାହାକୁ ଅସ୍ୱୀକାର କରୁଛି, ତାକୁ ଠିକ୍ କହିବା ପାଇଁ ପ୍ରଶ୍ନ ଉଠିବା ଉଚିତ ନୁହେଁ। ଏହା ନିଶ୍ଚିତ ଭାବେ ସୀମା ପାର ଆତଙ୍କବାଦ କାର୍ଯ୍ୟକଳାପ କରୁଥିବା ଦେଶଗୁଡ଼ିକ ଉପରେ ଲାଗୁ ହେବା ଦରକାର। ଯଦି ଭୁଲକୁ ଭୁଲ କୁହା ନ ଯିବ, ତା'ହେଲେ ଓସାମା ବିନ ଲାଡେନକୁ ଆଶ୍ରୟ ଦେଇଥିବା ଓ ପଡ଼ୋଶୀ ଦେଶର ସଂସଦ ଉପରେ ହମଲା କରିଥିବା ଦେଶ ଏହି ପରିଷଦରେ ଉପଦେଶ ଦେବା ଆରମ୍ଭ କରିବେ। ଏହା ଉପରେ ରୋକ ଲାଗିବା ଦରକାର। ଆମେ ସମସ୍ତେ ମିଳିତ ଭାବେ ବିଶ୍ୱ ପାଇଁ ବିପଦ ସୃଷ୍ଟି କରୁଥିବା ଆତଙ୍କବାଦ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଛେ। ହେଲେ କିଛି ଦେଶ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି। ୨୦୦୧ ମସିହା ଡିସେମ୍ବର ୧୩ ତାରିଖରେ ପାକିସ୍ତାନରେ ସକ୍ରିୟ ଆତଙ୍କୀ ସଂଗଠନ ଲସ୍କର ଓ ଜୈଶର ସଦସ୍ୟମାନେ ମିଳିତ ଭାବେ ଭାରତର ସଂସଦ ଉପରେ ହମଲା କରିଥିଲେ। ଏଥିରେ ୯ ଜଣ ପ୍ରାଣ ହରାଇଥିଲେ। ଏହି ପ୍ରସଙ୍ଗ ଜୟଶଙ୍କର ଜାତିସଂଘ ସୁରକ୍ଷା ପରିଷଦରେ ଉଠାଇ ପାକିସ୍ତାନକୁ କାଉଣ୍ଟର ଆଟାକ କରିଛନ୍ତି। ଜୟଶଙ୍କରଙ୍କ ପୂର୍ବରୁ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ଜାତିସଂଘ ସୁରକ୍ଷା ପରିଷଦରେ ବହୁପକ୍ଷବାଦର ସଂସ୍କାର ଉପରେ ମତ ରଖିବା ବେଳେ କଶ୍ମୀର କଥା ଉଠାଇଥିଲେ।

## ଏୟାରପୋର୍ଟରେ ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ କର୍ମଚାରୀ ନିୟୋଜିତ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ :** ଏୟାରପୋର୍ଟରେ ଭିଡ଼ ଏଡ଼ାଇବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ନିର୍ଦ୍ଦେଶ। ଦେଶର ବଡ଼ ବଡ଼ ବିମାନ ବନ୍ଦରରେ ଯାତ୍ରୀଙ୍କ ଭିଡ଼ ଲାଗି ରହୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରାଯାଇ ପାରୁନି। ଏହାକୁ ନେଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଉପରେ କ୍ଷୁବ୍ଧ ହୋଇଛି ମନ୍ତ୍ରାଳୟ। ଏହାକୁ ଦୃଷ୍ଟିରେ ରଖି ଯାତ୍ରୀ ଭିଡ଼ ଏଡ଼ାଇବାକୁ ଅଧିକ ସଂଖ୍ୟକ କର୍ମଚାରୀ ନିୟୋଜନ ପାଇଁ ସଂସ୍ଥା ଗୁଡିକୁ ଆଜି ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସକାଳ ବେଳା ଅଧିକ କର୍ମଚାରୀ ନିୟୋଜନ କରିବାକୁ କୁହାଯାଇଛି। ଚେକ୍‌ଇନ୍ କାଉଣ୍ଟରରେ ଯାତ୍ରୀଙ୍କ ଭିଡ଼ ଅଧିକ ରହୁଛି। ତେଣୁ ସେଠାର ଅଧିକ ସଂଖ୍ୟକ କର୍ମଚାରୀ ନିୟୋଜିତ କରିବାକୁ ମନ୍ତ୍ରଣାଳୟ ସବୁ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଯାତ୍ରୀମାନେ ଯେମିତି ସହଜ ଓ ସୁବିଧାରେ ବିମାନ ଯାତ୍ରା କରିପାରିବେ, ତାହା ହିଁ ସମସ୍ତଙ୍କର ଫୋକସରେ ରହିବା ଦରକାର। ଏଥିପାଇଁ ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରଣାଳୟ କହିଛି। ଏଥିସହ କମ୍ପାନୀଗୁଡ଼ିକୁ ସେମାନଙ୍କ ସୋଶାଲ ମିଡିଆରେ ରିୟଲ ଟାଇ ତଥ୍ୟ ଯଥା ବିମାନ ଛାଡ଼ିବାର ସମୟ,




ଯାତ୍ରୀ ପ୍ରବେଶ ସମୟ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଅବଗତ କରିବାକୁ କୁହାଯାଇଛି। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ସମେତ ଦେଶର ଅନ୍ୟ ସମସ୍ତ ବଡ଼ବଡ଼ ବିମାନବନ୍ଦରରେ ଭିଡ଼କୁ ନେଇ ଦୁଇ ଦିନ ହେଲା ଯାତ୍ରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶେଷ କରି ଦିଲ୍ଲୀ ଏୟାରପୋର୍ଟରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଟିକେଟ୍ କାଉଣ୍ଟର, ଇମିଗ୍ରେସନ ଓ ସିକ୍ୟୁରିଟି ଚେକ୍ ପାଇଁ ଲୋକମାନେ ଦୀର୍ଘ ଘଣ୍ଟା ଧରି ଲାଇନରେ ଛିଡ଼ା ହୋଇଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା। ଏପରି କି ଯାତ୍ରୀମାନଙ୍କୁ ବିମାନ ଛାଡ଼ିବାର ସାଢ଼େ ୩ ଘଣ୍ଟା ପୂର୍ବରୁ ଚେକ୍‌ଇନ୍ ପାଇଁ ଆସିବାକୁ ମଧ୍ୟ କିଛି ବିମାନ କମ୍ପାନୀ ଓ ଏୟାରପୋର୍ଟ କର୍ତ୍ତୃପକ୍ଷ କହିଥିଲେ। ଏହାକୁ ନେଇ ମନ୍ତ୍ରଣାଳୟ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଉପରେ କ୍ଷୁବ୍ଧ ହୋଇଥିଲା। ଏଥିସହ ଭିଡ଼ ନିୟନ୍ତ୍ରଣ କରିବାକୁ ଅଧିକ ସଂଖ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ କହିଛି।

### ସାଇବର ମିଡିଆ ରିପୋର୍ଟ

# ଦାମ୍ପତ୍ୟ ଜୀବନ ନଷ୍ଟ କରୁଛି ସ୍ମାର୍ଟଫୋନ୍

**ନୂଆଦିଲ୍ଲୀ :** ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ୍ ଅଛି। ଯେଉଁମାନଙ୍କ ପାଖରେ ନାହିଁ ସେମାନେ ମଧ୍ୟ ଏହାକୁ ଶୀଘ୍ର କିଣିବାରେ ବ୍ୟସ୍ତ। ଏବେ ପେମେଣ୍ଟ କରିବା, ଗୀତ ଶୁଣିବା କିମ୍ବା ଚଳଚ୍ଚିତ୍ର ଦେଖିବା ଭଳି ଅଧିକାଂଶ କାର୍ଯ୍ୟ ସ୍ମାର୍ଟଫୋନରେ କରାଯାଉଛି। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ବର୍ତ୍ତମାନ ଏହି ସ୍ମାର୍ଟଫୋନ୍ ଲୋକଙ୍କ ଦାମ୍ପତ୍ୟ ଜୀବନକୁ ନଷ୍ଟ କରୁଛି। ନିକଟରେ ଭିଭୋ ସାଇବର ମିଡିଆ ରିସର୍ଚ୍ଚ (ସିଏମ୍ଆର) ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡିଛି। ବିବାହିତ ଦମ୍ପତିଙ୍କ ଉପରେ ସ୍ମାର୍ଟଫୋନର ଅତ୍ୟଧିକ ବ୍ୟବହାର ଉପରେ ଏହାର ପ୍ରଭାବ ଜାଣିବା ପାଇଁ ଏହି ଅଧ୍ୟୟନ କରାଯାଇଛି। ଏହି ଅନୁଯାୟୀ, ୮୮% ବିବାହିତ ଭାରତୀୟ ଅନୁଭବ କରନ୍ତି ଯେ ସ୍ମାର୍ଟଫୋନର ଅତ୍ୟଧିକ ବ୍ୟବହାର ସେମାନଙ୍କ ଦାମ୍ପତ୍ୟ ଜୀବନକୁ ନଷ୍ଟ କରୁଛି। ଏହାର ଅର୍ଥ ହେଉଛି ଅତ୍ୟଧିକ ସ୍ମାର୍ଟଫୋନ୍ ବ୍ୟବହାର ୮୮%ଙ୍କର ଜୀବନସାଥୀ ସହ ସମ୍ପର୍କକୁ ଖରାପ କରାଉଛି। ଏହାଛଡା ୫୮% ଖାଇବା ସମୟରେ ଫୋନ୍ ବ୍ୟବହାର କରୁଥିବାବେଳେ ୬୯% କଥାବାର୍ତ୍ତା ସମୟରେ ସ୍ୱାମୀ ହେଉ ବା ସ୍ତ୍ରୀ କେହି କାହାକୁ ପୂର୍ଣ୍ଣ ଧ୍ୟାନ ଦେଉନାହାଁନ୍ତି। ଭିଭୋ ସୁଇଚ୍ ଅଫ୍ ଅଧ୍ୟୟନର ଚତୁର୍ଥ ସଂସ୍କରଣ 'ସ୍ମାର୍ଟଫୋନ୍ ଏବଂ ମାନବ ସମ୍ପର୍କ ଉପରେ ତାହାର ପ୍ରଭାବ ୨୦୨୨ ଶୀର୍ଷକ ରିପୋର୍ଟରେ ଦମ୍ପତିଙ୍କ ସମ୍ପର୍କର ଆଚରଣ ଏବଂ ସେଥିଯୋଗୁ ହେଉଥିବା ମନୋବୈଜ୍ଞାନିକ ପରିବର୍ତ୍ତନ ଉପରେ ପର୍ଯ୍ୟବେଶିତ। ଏହି ସର୍ଭେରୁ ଜଣାପଡିଛି ଯେ ୬୭% ଲୋକ ନିଜ ଜୀବନସାଥୀ ସହ ସମୟ ବିତାଇବା ସମୟରେ ମଧ୍ୟ ନିଜ ଫୋନରେ ବ୍ୟସ୍ତ ଥିବା ସ୍ୱୀକାର କରିଛନ୍ତି। ୮୯ ପ୍ରତିଶତ ଲୋକ



ସହମତ ହୋଇଛନ୍ତି ଯେ ସେମାନେ ନିଜ ଜୀବନସାଥୀଙ୍କ ଖୁସିରେ ଟିକେ କଥା ହେବାକୁ କମ୍ ସମୟ ଦେଉଛନ୍ତି। ସ୍ମାର୍ଟଫୋନ୍ ସହିତ ଅତ୍ୟଧିକ ବ୍ୟସ୍ତ ରହିବା ଦ୍ୱାରା ମାନସିକ ପରିବର୍ତ୍ତନ ହୋଇଥାଏ। ୭୦ ପ୍ରତିଶତ ମହିଳାଙ୍କ ବିଶ୍ୱାସ ଯେ ଯଦି ତାଙ୍କ ସ୍ୱାମୀ ସ୍ମାର୍ଟଫୋନରେ ଅତ୍ୟଧିକ ବ୍ୟସ୍ତ, ତେବେ ଏହା ସେମାନଙ୍କ ସମ୍ପର୍କକୁ ଖରାପ କରିଥାଏ। ୬୯ ପ୍ରତିଶତଙ୍କ କହିବା ହେଉଛି ସେମାନେ ନିଜ ଜୀବନ ସାଥୀଙ୍କ ସହ କଥାବାର୍ତ୍ତା କରିବା ସମୟରେ ପୂର୍ଣ୍ଣ ଧ୍ୟାନ ଦିଅନ୍ତିନାହିଁ। ରିପୋର୍ଟ ଅନୁଯାୟୀ, ୮୪% ଉତ୍ତରଦାତା ନିଜ ଜୀବନସାଥୀଙ୍କ ସହ ଅଧିକ ସମୟ ବିତାଇବାକୁ ଚାହାଁନ୍ତି। ଲୋକମାନେ ସମସ୍ୟାଗୁଡିକ ଗ୍ରହଣ କରୁଛନ୍ତି ଏବଂ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ଅଛନ୍ତି। ୯୦% ନିଜ ଜୀବନସାଥୀଙ୍କ ସହ ଅର୍ଥପୂର୍ଣ୍ଣ ବାର୍ତ୍ତାଳାପ ପାଇଁ ଅଧିକ ଖାଲି ସମୟ ପାଇବାକୁ ଚାହାଁନ୍ତି। ରିପୋର୍ଟ ଅନୁଯାୟୀ, ସ୍ମାର୍ଟଫୋନ୍ ବର୍ତ୍ତମାନ ସେମାନଙ୍କ ଜୀବନର ଏକ ଅତ୍ୟାବଶ୍ୟକ ଅଂଶ ହୋଇଯାଇଥିବା ୮୪ ପ୍ରତିଶତ ଲୋକ ସହମତ ହୋଇଛନ୍ତି। ହେଲେ ୭୨% ଲୋକ କହିଛନ୍ତି ଯେ, ବେଳେବେଳେ ସେମାନେ ନିଜ ସ୍ମାର୍ଟଫୋନରେ ଏତେ ବ୍ୟସ୍ତ ରୁହନ୍ତି ଯେ ନିଜ ଆଖପାଖ ପରିବେଶ ବିଷୟରେ ଅବଗତ ନୁହଁନ୍ତି। ୫୮% ଲୋକ ସ୍ୱୀକାର କରିଛନ୍ତି ଯେ ସେମାନେ ଖାଇବା ସମୟରେ ଏବଂ ୬୦% ଲୋକ ଘରେ ଥିବାବେଳେ ସ୍ମାର୍ଟଫୋନ୍ ବ୍ୟବହାର କରିଥାନ୍ତି। ଆହୁରିମଧ୍ୟ ପ୍ରାୟ ୬୦% ଲୋକ ପରିବାର ସହ ବସି କଥାବାର୍ତ୍ତା କରିବା ପରିବର୍ତ୍ତେ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି। ଏହାସତ୍ତ୍ୱେ ସ୍ମାର୍ଟଫୋନର ଅନେକ ସୁବିଧା ମଧ୍ୟ ରହିଛି। ରିପୋର୍ଟ ଅନୁଯାୟୀ, ସ୍ମାର୍ଟଫୋନ୍ ୬୦% ଲୋକଙ୍କୁ ନିଜ ପ୍ରିୟଜନଙ୍କ ସହ ଯୋଡିବାରେ ସାହାଯ୍ୟ କରୁଛି। ୫୯%ଙ୍କର କହିବା ହେଉଛି ଏହା ସେମାନଙ୍କର ଜ୍ଞାନ ବଢ଼ାଉଛି। ୫୮%ଙ୍କ ପାଇଁ ସ୍ମାର୍ଟଫୋନ୍ ସଫିଂର ସହଜତା ବଢ଼ାଇଥିବାବେଳେ ୫୫% ସେମାନଙ୍କର ଉତ୍ପାଦନ ଅଭିବୃଦ୍ଧିରେ ସହାୟକ ହୋଇଥିବା କହିଛନ୍ତି। ଏହି ସର୍ଭେରେ ଦିଲ୍ଲୀ, ମୁମ୍ବଇ, କଲକାତା, ଚେନ୍ନଇ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଅହମ୍ମଦାବାଦ ଏବଂ ପୁଣେ ଆଦି ସହରର ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କୁ ସାମିଲ କରାଯାଇଥିଲା।

ବେକାରୀ ନିୟନ୍ତ୍ରଣରେ ଉଲ୍ଲେଖନୀୟ ପ୍ରଦର୍ଶନ

# ଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ଓଡ଼ିଶା



**ଭୁବନେଶ୍ୱର :** ଦେଶରେ ଦରଦାମ ବୃଦ୍ଧି ଏବଂ ବେକାରୀ ସମସ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଏନେଇ ସାଧାରଣରେ ଜନ ଅସନ୍ତୋଷ ତୀବ୍ରତର ହୋଇଛି। ମାତ୍ର ଏହି ସମୟରେ ସାରା ଦେଶରେ ଓଡ଼ିଶା ବେକାରୀ ନିୟନ୍ତ୍ରଣରେ କ୍ରମାଗତ ଭାବରେ ଉତ୍ତମ ପ୍ରଦର୍ଶନ କରିଛି। ବେକାରୀ ନିୟନ୍ତ୍ରଣ କେନ୍ଦ୍ରରେ ସବୁ ବଡ଼ବଡ଼ ରାଜ୍ୟକୁ ପଛରେ ପକାଇ ଓଡ଼ିଶା ଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ନଭେମ୍ବର ମାସରେ ଓଡ଼ିଶାର ବେକାରୀ(ସର୍ବନିମ୍ନ) ହାର ଦେଶବ୍ୟାପୀ ଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ଥିବାବେଳେ କର୍ମନିଯୁକ୍ତି ପ୍ରଦାନରେ ଯେ ଓଡ଼ିଶା ମଡେଲ ସର୍ବଶ୍ରେଷ୍ଠ ତାହା ପ୍ରମାଣିତ ହୋଇଛି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମଆଇଇ)ର ତଥ୍ୟ ଅନୁଯାୟୀ ନଭେମ୍ବର ମାସରେ ଦେଶରେ ବେକାରୀ ହାର ୮ ପ୍ରତିଶତ ଥିବାବେଳେ ଓଡ଼ିଶାରେ ମାତ୍ର ତାହା ୧.୬ ପ୍ରତିଶତ ରହିଛି। ଖାଲି ନଭେମ୍ବର ମାସ ନୁହେଁ; ଯଦି ଗତ ଜାନୁଆରୀ ମାସଠାରୁ ସିଏମଆଇଇର ରିପୋର୍ଟକୁ ଅନୁଧ୍ୟାନ କରାଯାଏ ତାହେଲେ ବେକାରୀ ନିୟନ୍ତ୍ରଣ କ୍ଷେତ୍ରରେ ଓଡ଼ିଶା ଅନ୍ୟମାନଙ୍କ ତୁଳନାରେ ଯଥେଷ୍ଟ ଭଲ ସ୍ଥିତିରେ ଥିବା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି। ସିଏମଆଇଇର ତଥ୍ୟ ଅନୁଯାୟୀ ନଭେମ୍ବର ପରି ଗତ ଅକ୍ଟୋବର ମାସରେ ଓଡ଼ିଶା ବେକାରୀ ନିୟନ୍ତ୍ରଣରେ ଶ୍ରେଷ୍-୩ ରାଜ୍ୟ ମଧ୍ୟରେ ରହିଥିଲା। ଓଡ଼ିଶାର ବେକାରୀ ହାର ୧.୧ ପ୍ରତିଶତ ଥିବାବେଳେ ମଧ୍ୟପ୍ରଦେଶ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ୦.୮ ପ୍ରତିଶତ ଏବଂ ଛତିଶଗଡ଼ ୦.୯ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଅକ୍ଟୋବର ମାସରେ ହରିୟାଣାରେ ସର୍ବାଧିକ ବେକାରୀ ହାର ୩୧.୮ ପ୍ରତିଶତ ରେକର୍ଡ କରାଯାଇଛି। ଏହାତଳକୁ ରାଜସ୍ଥାନର ୩୦.୭ ପ୍ରତିଶତ ରହିଥିବା ବେଳେ ଜାମ୍ମୁ ଓ କଶ୍ମୀରର ୨୨.୪ପ୍ରତିଶତ ବେକାରୀ ହାର ରହିଛି। ଗତ ଜୁଲାଇ ମାସରେ ଓଡ଼ିଶାର ବେକାରୀ ହାର ମାତ୍ର ୦.୯ ପ୍ରତିଶତ ରହିଥିବା ବେଳେ ଦେଶବ୍ୟାପୀ ସର୍ବନିମ୍ନ ବେକାରୀ ହାର ତାଲିକାରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ଅକ୍ତିଆର କରିଥିଲା। ସେହିପରି କେବଳ ଗତ ମାର୍ଚ୍ଚ ମାସକୁ ଛାଡ଼ିଦେଲେ ଗତ ଜାନୁଆରୀଠାରୁ ଏଯାବତ୍ ଓଡ଼ିଶା ଏକ୍ଷେତ୍ରରେ ସବୁବେଳେ ସ୍ଥିର ଏବଂ ଉନ୍ନତ ପ୍ରଦର୍ଶନ କରିଆସିବା ସହ ସର୍ବନିମ୍ନ ବେକାରୀ ହାର କ୍ଷେତ୍ରରେ ସବୁବେଳେ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ରହିଆସିଛି। ଓଡ଼ିଶାର ବେକାରୀ ହାର ନିୟନ୍ତ୍ରଣରେ ରହିବାର ଅନେକ କାରଣ ରହିଥିବା ବିଶେଷଜ୍ଞମାନେ ଦର୍ଶାଇଛନ୍ତି। ରାଜ୍ୟ ସରକାର ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ କର୍ମ ନିଯୁକ୍ତି ପ୍ରଦାନକୁ ସର୍ବାଧିକ ପ୍ରାଧାନ୍ୟ ଦେଇଥିବା ବେଳେ ଏହାର ସୁଫଳ ଏବେ କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହୋଇଛି। ସେହିପରି ମିଶନ ଶକ୍ତି ସହାୟତାରେ ମହିଳାଙ୍କୁ ଆତ୍ମନିର୍ଭର କରିବା ସହ ମନରେଗା ପରି କେନ୍ଦ୍ରୀୟ ଯୋଜନାର ସର୍ବାଧିକ ସଫଳ ଉପଯୋଗ ହୋଇପାରିଛି। ଯାହାଫଳରେ ଯୁବକ ଯୁବତୀମାନେ ପୂର୍ବାପେକ୍ଷା ଅଧିକ ଆତ୍ମନିର୍ଭର ହୋଇପାରିଛନ୍ତି। ସେହିପରି ନିଜସ୍ୱ ଯୋଜନା ମାଧ୍ୟମରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏହି ସଫଳତାର ପ୍ରମୁଖ କାରଣ ବୋଲି କୁହାଯାଉଛି।

# ଜଗତସିଂହପୁରର ବିକାଶ ପାଇଁ ୨୧୪ କୋଟି ଟଙ୍କାର ପ୍ରକଳ୍ପ

**ଜଗତସିଂହପୁର :** ଜଗତସିଂହପୁର ବିକାଶରେ ଲେଖା ହେଲା ନୂଆ ଅଧ୍ୟାୟ। ୨୧୪ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜଗତସିଂହପୁର, ରଘୁନାଥପୁର, ତିର୍ତ୍ତୋଲ ଓ ବାଲିକୁଦାରେ ଉଦଘାଟିତ ହୋଇଛି ୪ଟି ମିଶନ ଶକ୍ତି ଭବନ। ଏହା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ସେବାର ଶୁଭାରମ୍ଭ ହୋଇଛି। ୪୩ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ବିଭିନ୍ନ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୧୨ ଲକ୍ଷ ଲୋକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ପାରାଦୀପରେ ବିଜୁ ବାବୁ ଓଡିଶାର ଶିଳ୍ପ ବିକାଶ ପାଇଁ ଭିତ୍ତି ରଖିଥିଲେ। ଏହା ଏବେ ଦେଶର ଏକ ସମୃଦ୍ଧ ବନ୍ଦର ଓ ଆମ ଅର୍ଥନୀତିର ଜୀବନରେଖା। ଜିଲ୍ଲାରେ ମାଆ ଶାରଳା ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ପୀଠର ଉନ୍ନତି ପାଇଁ ୪୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ୨୦୨୩ ଡିସେମ୍ବର ସୁଦ୍ଧା ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଫାଇଭ-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମରେ ଜଗତସିଂହପୁରର ୧୦୨ଟି ସ୍କୁଲର ରୂପାନ୍ତର କରାଯାଇଛି। ଚତୁର୍ଥ ପର୍ଯ୍ୟାୟରେ ଅନ୍ୟ ସମସ୍ତ ସ୍କୁଲର ରୂପାନ୍ତରଣ କରାଯିବ। ମିଶନ ଶକ୍ତିର ମାଆ ମାନେ ବିକାଶର ସାରଥୀ ହୋଇଥିବାରୁ ଖୁସି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ। ଅନ୍ୟପଟେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଗରିବଙ୍କ ପାଇଁ ସଞ୍ଜୀବନୀ ସାଜିଛି। ଏହାଦ୍ୱାରା ଆଠ ଲକ୍ଷ ଲୋକ ଉପକାର ପାଇଲେଣି। ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ବଜାୟ ରଖି ରାଜ୍ୟ ସରକାର କାମ କରୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଏଣିକି ଗ୍ରାଜୁଏସନ ପରେ କରିପାରିବେ ପିଏଚଡି



**ଭୁବନେଶ୍ୱର:** ଏଣିକି ପିଏଚଡି ପାଇଁ ଆବଶ୍ୟକ ନାହିଁ ମାଷ୍ଟର ଡିଗ୍ରୀ। ୪ ବର୍ଷର ଗ୍ରାଜୁଏସନ ପରେ କରିହେବ ଡକ୍ଟରେଟ। ନୂତନ ଶିକ୍ଷା ନୀତି ୨୦୨୦ରେ ପିଏଚଡି କରିବାର ସ୍ୱପ୍ନ ଦେଖୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ବଡ ପରିବର୍ତ୍ତନ ହେବାକୁ ଯାଉଛି। ଏଣିକି ଗ୍ରାଜୁଏସନ କରୁଥିବା ଛାତ୍ରଛାତ୍ରୀ ପିଏଚଡି କରିବା ପାଇଁ ଆଉ ମାଷ୍ଟର ଡିଗ୍ରୀ କରିବାର ଆବଶ୍ୟକତା ପଡିବ ନାହିଁ। ଯେଉଁ ପିଲାମାନେ ୪ବର୍ଷର ଗ୍ରାଜୁଏସନ ପାଠ୍ୟକ୍ରମ କରିବେ ସେ ସିଧାସଳଖ ପିଏଚଡି କରିପାରିବେ। ୪ ବର୍ଷର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ତିନି ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ହେବ ନାହିଁ ବୋଲି ୟୁଜିସି ଅଧ୍ୟକ୍ଷ କହିଛନ୍ତି। ଦୀର୍ଘ ଦିନ ଧରି ସ୍ନାତକୋତ୍ତର କାର୍ଯ୍ୟକ୍ରମ ପାଇଁ ୟୁଜିସି ଏକ ନୂତନ ପାଠ୍ୟକ୍ରମ ଏବଂ କ୍ରେଡିଟ୍ ଢାଞ୍ଚା ପ୍ରସ୍ତୁତ କରିବାରେ ନିୟୋଜିତ ଥିଲା। ୟୁଜିସି ଦ୍ୱାରା ଜାରି ହୋଇଥିବା ନୂତନ ପାଠ୍ୟକ୍ରମ ଅଧୀନରେ ପିଲାମାନେ ମଧ୍ୟ ପୂର୍ବ ଅପେକ୍ଷା ଅଧିକ ସୁବିଧା ପାଇବେ। ଯାହା ଅଧୀନରେ ବର୍ତ୍ତମାନ ଚାରି ବର୍ଷ ସ୍ନାତକ କରିବା ପରେ ଛାତ୍ରଛାତ୍ରୀ ମାନେ ପିଏଚଡି କରିବାକୁ ସକ୍ଷମ ହେବେ। ସେମାନଙ୍କୁ ମାଷ୍ଟର ଡିଗ୍ରୀ ପ୍ରୋଗ୍ରାମରେ ଆଡମିଶନ ନେବାକୁ ପଡିବ ନାହିଁ। ୟୁଜିସି ଦ୍ୱାରା ଜାରି ହୋଇଥିବା ନୂତନ ପାଠ୍ୟକ୍ରମ ଏବଂ କ୍ରେଡିଟ୍ ଫ୍ରେମୱାର୍କରେ ଆଧାରିତ କ୍ରେଡିଟ୍ ସିଷ୍ଟମ୍ ପରିବର୍ତ୍ତନ କରାଯାଇଛି। ଏହା ବ୍ୟତୀତ ଚାରି ବର୍ଷ କିମ୍ବା ଆଠ ସେମିଷ୍ଟାର ସମାପ୍ତ କରିବା ପରେ ଛାତ୍ରଛାତ୍ରୀଙ୍କୁ ସ୍ନାତକୋତ୍ତର ଡିଗ୍ରୀ ପ୍ରଦାନ କରାଯିବ। ଚତୁର୍ଥ ବର୍ଷ ପରେ, ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ୬ଟି ସେମିଷ୍ଟରରେ ୭୫ ପ୍ରତିଶତ କିମ୍ବା ଅଧିକ ମାର୍କ ପାଇଛନ୍ତି, ସେମାନେ ରିସର୍ଚ୍ଚ ଷ୍ଟ୍ରିମ୍ ବାଛିପାରିବେ।

ପାରାମେଡିକାଲ ଅନୁଷ୍ଠାନ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା

# କାର୍ଯ୍ୟକାରୀ ହେବ ଏକକ ଏନଓସି ନୀତି



**ଭୁବନେଶ୍ୱର :** ରାଜ୍ୟରେ ଉଚ୍ଚ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଏବଂ ଏକ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ନୋ-ଅବଜେକ୍ସନ ପ୍ରମାଣପାତ୍ର ପ୍ରଦାନ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିଛନ୍ତି। ଏଥିପାଇଁ ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି ଯେ, ପ୍ରଚଳିତ ବ୍ୟବସ୍ଥା ସମ୍ବନ୍ଧରେ ବିଭିନ୍ନ ସ୍ତରରୁ ମିଳିଥିବା ମତାମତକୁ ଏକ ଉଚ୍ଚସ୍ତରୀୟ କମିଟି ପୁଙ୍ଖାନୁପୁଙ୍ଖ ଭାବେ ବିଚାର କରିଥିଲେ। କମିଟିଙ୍କ ନିଷ୍ପତ୍ତି ଅନୁସାରେ ଆସନ୍ତା ୨୦୨୩-୨୪ ଶିକ୍ଷା ବର୍ଷଠାରୁ ନୂଆ ନର୍ସିଂ, ଡି. ଫାର୍ମା, ବି. ଫାର୍ମା, ଏମ୍. ଫାର୍ମା, ଡି.ଏମ.ଏଲ୍.ଟି, ଡି.ଏମ୍.ଆର୍.ଟି., ଫିଜିଓଥେରାପି, ଅକୁପେସନାଲ୍ ଥେରାପି ଓ ଆନୁସାଙ୍ଗିକ ବିଷୟରେ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଦରଖାସ୍ତକାରୀଙ୍କୁ ଜି.ଆଇ.ଏସ୍. ଏବଂ ଗ୍ୟାପ୍ ଆନାଲିସିସ୍ ତଥ୍ୟ ଦେବାକୁ ପଡିବ ନାହିଁ। ଶ୍ରୀମତୀ ପଣ୍ଡିତ୍ ଆହୁରି ମଧ୍ୟ କହିଥିଲେ ଯେ ଏ ପ୍ରକାର ଅନୁଷ୍ଠାନ ଗୁଡିକର ଭିତ୍ତିଭୂମି ଓ ଦକ୍ଷତା ଆକଳନ ସଂପୃକ୍ତ ବିଷୟରେ ବିଶେଷଜ୍ଞ କମିଟି ଦ୍ୱାରା କରାଯିବ। ଆକଳନରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବିଡିଓ, ତହସିଲ୍‌ଦାର ଆଦିଙ୍କର ସଂପୃକ୍ତି ଦରକାର ହେବନାହିଁ। ଏହି ନୂଆ ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ଅଧିକ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦେବାସହ ସ୍ୱାସ୍ଥ୍ୟ ସେବା ନିମନ୍ତେ ତାଲିମପ୍ରାପ୍ତ ଓ କୁଶଳୀ ମାନବସମ୍ବଳ ସୃଷ୍ଟି ହେବ ବୋଲି ବୁଦ୍ଧିଜିବୀମାନେ ଆଶା ପ୍ରକାଶ କରିଛନ୍ତି।

# ରାଜ୍ୟରେ ବଢୁଛି ଗରିବଙ୍କ ସଂଖ୍ୟା ?



**ଭୁବନେଶ୍ୱର :** ରାଜ୍ୟରେ ବଢୁଛି କି ଗରିବଙ୍କ ସଂଖ୍ୟା ? ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲି ଯାଉଛନ୍ତି କି ରାଜ୍ୟ ? ସରକାର ଗରିବ ଲୋକଙ୍କ ବିକାଶ କରିବାରେ ଫେଲ୍ ମାରୁଛି କି ? ପ୍ରତିବର୍ଷ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଡ଼ି ହେଉଥିବା ହିତାଧିକାରୀଙ୍କ ସଂଖ୍ୟା ବଢ଼ିବା ଏବେ ଏଭଳି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୩ ଲକ୍ଷ ୩ ହଜାର ୪୧୦ ପରିବାରଙ୍କୁ ରାସନ କାର୍ଡ ଦିଆଯାଇଛି। ଏହି ପରିବାରର ୩ କୋଟି ୨୫ ଲକ୍ଷ ୭୭ ହଜାର ୯୧୭ ଜଣ ହିତାଧିକାରୀ ରିହାତି ଦରରେ ଅର୍ଥାତ୍ ମାଗଣା କିମ୍ବା ୧ ଟଙ୍କାରେ ଚାଉଳ କିମ୍ବା ଗହମ ପାଉଛନ୍ତି। ଯେତେବେଳେ କି ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟା ସୁରକ୍ଷା ଯୋଜନାରେ ୩ ଲକ୍ଷ ୨୪ ହଜାର ୩୮୮ ପରିବାରଙ୍କୁ ରାସନ କାର୍ଡ ଯୋଗାଇ ଦିଆଯାଇଛି। ଏହି ପରିବାରର ୧୦ ଲକ୍ଷ ୨୩ ହଜାର ୧୨୨ ଜଣ ହିତାଧିକାରୀଙ୍କୁ ଚାଉଳ, ଗହମ ପ୍ରଭୃତି ରାସନ ସାମଗ୍ରୀ ଯୋଗାଇ ଦିଆଯାଉଛି। ଗତମାସ ୩୦ ତାରିଖରେ ଏ ନେଇ ଓଡ଼ିଶା ବିଧାନସଭାରେ ଉତ୍ତର ରଖିଥିଲେ ବିଭାଗୀୟ ମନ୍ତ୍ରୀ। ଯେଉଁଥିରେ ଆହୁରି ଉଲ୍ଲେଖ କରାଯାଇଥିଲା ଯେ, ଚଳିତ ବର୍ଷ ଜାନୁଆରୀରୁ ନଭେମ୍ବର ଶେଷ ଭିତରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୭୪ ହଜାର ୨୮୫ ପରିବାରଙ୍କୁ ନୂଆ କରି ଯୋଡ଼ା ଯାଇଛି। ଏହି ପରିବାରର ୧ ଲକ୍ଷ ୯୦ ହଜାର ୩୪ ଜଣ ହିତାଧିକାରୀଙ୍କୁ ଚାଉଳ, ଗହମ ପ୍ରଭୃତି ରିହାତି ଦରରେ ଯୋଗାଇ ଦିଆଯାଉଛି। ସେପଟେ ଆଜି ସଂସଦରେ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ରଖିଥିବା ଏକ ଉତ୍ତରରୁ ଜଣାପଡ଼ିଛି ଯେ, ଗତବର୍ଷ ମାର୍ଚ୍ଚରେ ରାଜ୍ୟର ୩ କୋଟି ୨୪ ଲକ୍ଷ ୩୩ ହଜାର ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ଗତମାସ ୩୦ ସୁଧା ହିତାଧିକାରୀ ସଂଖ୍ୟା ବଢ଼ି ୩ କୋଟି ୨୫ ଲକ୍ଷ ୩ ହଜାର ଡେଇଁ ଯାଇଛି। ଅର୍ଥାତ୍ ରାଜ୍ୟରେ ମାଗଣା କିମ୍ବା ୧ ଟଙ୍କାରେ ଯୋଗାଇ ଦିଆଯାଉଥିବା ରାସନ ସାମଗ୍ରୀ ଉପରେ ଲୋକଙ୍କ ନିର୍ଭରତା ବଢ଼ିବାରେ ଲାଗିଛି। ସ୍ୱାବଲମ୍ବି ହେବା ଅପେକ୍ଷା ଗରିବଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଉପରେ ଲୋକଙ୍କ ନିର୍ଭରଶୀଳତା ବଢ଼ିବାରେ ଲାଗିଛି। ରାଜ୍ୟର ପ୍ରାୟ ସାଢ଼େ ୪ କୋଟି ଲୋକଙ୍କ ଭିତରୁ ୯୦ ପ୍ରତିଶତ ଲୋକ ଟଙ୍କିକିଆ ଚାଉଳ ଉପରେ ନିର୍ଭରଶୀଳ। ବର୍ଷକ ଭିତରେ ଦେଢ଼ ଲକ୍ଷ୍ୟରୁ ଅଧିକ ଲୋକ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଯାହାକୁ ନେଇ ସରକାରଙ୍କ ବିକାଶମୁଖୀ ଘୋଷଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେପଟେ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ଉପସ୍ଥାପିତ ରିପୋର୍ଟରେ ମଧ୍ୟ ଉନିସ୍‌ବିଶ ତଫାତ୍ ଦେଖିବାକୁ ମିଳିଛି।

# ଆୟୁଷ୍ମାନ ଭାରତ ଆକାଉଣ୍ଟକୁ ହଁ, ଇନ୍‌ସ୍ୟୁରାନ୍ସକୁ ନା’

**ଭୁବନେଶ୍ୱର :** ଚାରି ବର୍ଷ ହେଲା ଆୟୁଷ୍ମାନ ଭାରତ ଯୋଜନାକୁ ନାଁ କରୁଛି ଓଡ଼ିଶା। ହେଲେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ ଖୋଲିବାରେ ପ୍ରଥମ। ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟରେ ରହିଛି ୫ ଲକ୍ଷ ଟଙ୍କାର ଇନ୍ସୁରାନ୍ସ କଭରେଜ୍। ସ୍ୱାସ୍ଥ୍ୟ ଏକ ରାଜ୍ୟ ପ୍ରସଙ୍ଗ, ରାଜ୍ୟ ହରାଉଛି କେନ୍ଦ୍ରୀୟ ସହାୟତା। ବ୍ରାଣ୍ଡିଂରେ କେନ୍ଦ୍ର ଓ ରାଜ୍ୟର ମିଳିତ ନାଁ ରହିବାରେ ନାହିଁ ଅସୁବିଧା। କିଛି ରାଜ୍ୟ କେନ୍ଦ୍ର ଯୋଜନା ସହ ମିଶାଇଛନ୍ତି ନିଜର ଯୋଜନା। ଅଯଥା ରାଜନୀତି ପାଇଁ ଓଡ଼ିଶା ଲୋକଙ୍କର ହେଉଛି କ୍ଷତି ! ଆୟୁଷ୍ମାନ ଭାରତ ହେଲଥ୍ ଆକାଉଣ୍ଟ ବା ଆଭା ଆଇଡି ଖୋଲିବାରେ ପ୍ରଥମ ହୋଇଛି ଓଡ଼ିଶା। ନିକଟରେ ବାରଣାସୀରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି ଓଡ଼ିଶା ଅଧିକାରୀ। ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ ନିର୍ଦ୍ଦେଶିକା ବୃନ୍ଦା ଡି. ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସ୍ୱାସ୍ଥ୍ୟ ଆକାଉଣ୍ଟ ହେଉଛି ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ-ଏନଏଚଏ ଦ୍ୱାରା ପରିଚାଳିତ ଏକ ଡିଜିଟାଲ ଡାଟା ପ୍ଲାଟଫର୍ମ। ଏଥିରେ ରୋଗୀଙ୍କ ସହ ଡାକ୍ତରଙ୍କର ସମସ୍ତ ତଥ୍ୟ ଉପଲବ୍ଧ ରହୁଛି। ଆଧାର କାର୍ଡ ଭଳି ଏହି ୧୪-ଟିକିଆ ନମ୍ବରକୁ ନେଇ ଜଣେ ସାରା ଭାରତରେ ଯେକୌଣସି ସରକାରୀ ଓ ଘରୋଇ ଡାକ୍ତରଖାନାରେ ସହଜରେ ଚିକିତ୍ସିତ ହୋଇପାରିବେ। ଜନସ୍ୱାସ୍ଥ୍ୟ କ୍ଷେତ୍ରରେ କାମ କରୁଥିବା ‘ଜନସ୍ୱାସ୍ଥ୍ୟ ଅଭିଯାନ’ର ଆବାହକ ଗୌରାଙ୍ଗ ମହାପାତ୍ର ଓ ‘ସହଯୋଗ’ର ସଂପାଦିକା ବିଜୟଲକ୍ଷ୍ମୀ ବେହେରା କହିଛନ୍ତି- ଅଯଥା ରାଜନୀତି ନ କରି କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ଏହି ଇନସୁରାନ୍ସ ଓ ଆସୁରାନ୍ସର ମିଳିତ ଯୋଜନା ଚଳାଇବା ଉଚିତ। ଓଡ଼ିଶା ଚାହିଁଲେ ଆୟୁଷ୍ମାନ ଭାରତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଯୋଡ଼ି ଅଧିକ ଲୋକଙ୍କୁ ସାରା ଭାରତରେ ମାଗଣା ସ୍ୱାସ୍ଥ୍ୟ ସୁବିଧା ଦେଇପାରିବ। ୨୦୧୮ରେ ସାରା ଦେଶରେ ଆରମ୍ଭ ହୋଇଥିଲା ଆୟୁଷ୍ମାନ ଭାରତ ଯୋଜନା। କେବଳ ଓଡ଼ିଶା, ପଶ୍ଚିମବଙ୍ଗ ଓ ଦିଲ୍ଲୀ ଭଳି ତିନିଟି ରାଜ୍ୟ ଏପର୍ଯ୍ୟନ୍ତ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେଉନାହାନ୍ତି। ସଂଘୀୟ ଗଣତନ୍ତ୍ରରେ ସ୍ୱାସ୍ଥ୍ୟ ଏକ ରାଜ୍ୟ ପ୍ରସଙ୍ଗ। କେନ୍ଦ୍ର ଦେଉଥିବା ଆର୍ଥିକ ସହାୟତାକୁ ନନେଇ ରାଜ୍ୟର କ୍ଷତି ଘଟୁଛି। ଏଥିସହ ଓଡ଼ିଶାର ଲୋକେ ଦେଶର ସବୁ ରାଜ୍ୟରେ କ୍ୟାସଲେସ୍ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ରାଜ୍ୟମାନେ ନିଜ ଯୋଜନା ସହ ଆୟୁଷ୍ମାନ ଭାରତ ଯୋଜନା ମିଶାଇ ହିତାଧିକାରୀ ସଂଖ୍ୟାକୁ ସାରା ଦେଶରେ ୧୦.୭୪ କୋଟି ପରିବାରରୁ ୧୪.୭୭ କୋଟି ପରିବାରରେ ପହଁଚାଇ ଦେଇଛନ୍ତି। ଅନ୍ୟପଟରେ କେନ୍ଦ୍ରୀୟ ସହାୟତାରେ ବିଭିନ୍ନ ପିଏଚସି ଓ ସିଏଚସିକୁ ୱେଲନେସ ସେଣ୍ଟରରେ ରୂପାନ୍ତରିତ କରି କେନ୍ଦ୍ର ସରକାରଙ୍କଠାରୁ ପୁରସ୍କାର ବି ପାଉଛି ଓଡ଼ିଶା। ହେଲେ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନାରେ ଇନସୁରାନ୍ସ କଭରେଜ ନେବାକୁ ରାଜି ହେଉନାହାନ୍ତି ଓଡ଼ିଶା ସରକାର। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମିଶିପାରୁଛି, ପିଏମ କିସାନରେ କାଳିଆ ମିଶୁପାରୁଛି, ହେଲେ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ କାର୍ଡରେ କାହିଁକି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମିଶିପାରୁନାହିଁ ତାହା ଆଶ୍ଚର୍ଯ୍ୟ କରୁଛି। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କହିଛନ୍ତି- ଆୟୁଷ୍ମାନ ଭାରତ ଯୋଜନା ଭିତରେ ୱେଲନେସ ସେଣ୍ଟର, ଆଭା ରହିଛି। ଆମେ ଆୟୁଷ୍ମାନ ଭାରତ ଯୋଜନାର ଅନ୍ୟ କମ୍ପୋନେଣ୍ଟ ଗ୍ରହଣ କରୁଛୁ। ମାତ୍ର ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅଧିକ ଲୋକ କଭର ହେଉଛନ୍ତି ଓ ଏଥିରେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇନସୁରାନ୍ସ ମିଳୁଛି। ତେଣୁ ଆମେ ଆୟୁଷ୍ମାନ ଭାରତ ଯୋଜନା ଗ୍ରହଣ କରୁନାହୁଁ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ରାଜନୀତି ଭିତରେ ଓଡ଼ିଶା ରାଜ୍ୟ ଓ ଓଡ଼ିଶା ଲୋକଙ୍କର କ୍ଷତି ହେଉଥିବା ଦେଖାଯାଉଛି। ଓଡ଼ିଶାରେ ଉଭୟ ଯୋଜନାକୁ କାହିଁକି ମିଶାଯାଇପାରୁନାହିଁ ତାର ସ୍ପଷ୍ଟ ଉତ୍ତର କାହା ପାଖରେ ନାହିଁ।




# ପେନ୍‌ସନଭୋଗୀଙ୍କ ସୁବିଧା ପାଇଁ ଖୋଲିବ ହେଲପ ଡେସ୍କ



**ଭୁବନେଶ୍ୱର :** ସରକାରୀ ଚାକିରିରୁ ଅବସର ନେବା ଦିନ ହିଁ ସମ୍ପୃକ୍ତ କର୍ମଚାରୀଙ୍କୁ ପେନସନ ଯୋଗାଇ ଦିଆଯିବ ବୋଲି ଦମ୍ଭୋକ୍ତି ବାଢ଼ିଥିବା ରାଜ୍ୟ ସରକାର ଏବେ ପୁଣି ଏକ ନୂଆ ଚକମା ଦେଖାଇଛନ୍ତି। ଚାକିରିରୁ ଅବସର ନେବା ପରେ ବି ଦୀର୍ଘଦିନ ଧରି ପେନସନ ପାଇନଥିବା କର୍ମଚାରୀମାନଙ୍କ ସୁବିଧା ନିମନ୍ତେ ହେଲପ ଡେସ୍କ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାସହିତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରେ ଏଭଳି କର୍ମଚାରୀମାନେ ନିଜର ପେନସନ ପାଇଁ ଆବେଦନ କରିପାରିବେ ବୋଲି କହିଛନ୍ତି। ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବାର ଦୀର୍ଘଦିନ ଧରି ପେନସନ ପାଇନଥିବା କର୍ମଚାରୀମାନେ ଏଣିକି ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରେ ପେନସନ ପାଇଁ ଆବେଦନ କରିପାରିବେ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ ସହଯୋଗ କରିବାକୁ ବିଭିନ୍ନ ବିଭାଗର ନିର୍ଦ୍ଦେଶକମାନଙ୍କ ମାଧ୍ୟମରେ ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ମୁଖ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖୁବଶୀଘ୍ର ପେନସନ୍ ଅଦାଲତ ଅନୁଷ୍ଠିତ ହେବ ଓ ଏଥିପାଇଁ ତାରିଖ, ସ୍ଥାନ ଆଦି ମଧ୍ୟ ଘୋଷଣା କରାଯିବ। ଜିଲ୍ଲାସ୍ତରୀୟ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରି ପେନସନ ପାଇନଥିବା କର୍ମଚାରୀମାନଙ୍କୁ ଯୋଗାଯୋଗ କରି ସମସ୍ତ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତରେ ସହଯୋଗ କରିବେ। ଏଥିପାଇଁ ପ୍ରତ୍ୟେକ କାର୍ଯ୍ୟାଳୟରେ ହେଲପ ଡେସ୍କ ଖୋଲାଯିବ। ଏହା ଦ୍ୱାରା କର୍ମଚାରୀମାନେ ସହଜରେ ଆବଶ୍ୟକ ପେନସନ କାଗଜପତ୍ର ପ୍ରଦାନ କରିପାରିବେ ବୋଲି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର କହିଛନ୍ତି। ସ୍କୁଲ ଓ ଗଣଶିକ୍ଷା, ପଞ୍ଚାୟତିରାଜ, ରାଜସ୍ୱ, ଗୃହ, ଗ୍ରାମ୍ୟ ଉନ୍ନୟନ ଓ ଜଙ୍ଗଲ ବିଭାଗରେ ଅଧିକ ସଂଖ୍ୟକ କର୍ମଚାରୀ ଥିବାରୁ ଏଥିପ୍ରତି ସମ୍ପୃକ୍ତ ବିଭାଗୀୟ ନିର୍ଦ୍ଦେଶକମାନେ ଦୃଷ୍ଟି ଦେବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ସେହିପରି ବିଭିନ୍ନ ତଥ୍ୟ ଅଭାବରୁ ଅବା ବୟସାଧିକ ଯୋଗୁ ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମୃତ୍ୟୁ ଯୋଗୁ ପେନସନରୁ ବଞ୍ଚିତ କର୍ମଚାରୀଙ୍କ ଘରୁ ପେନସନ ପତ୍ର ସଂଗ୍ରହ କରିବାକୁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଅନଲାଇନ୍ ମାଧ୍ୟମରେ ପେନସନ ପତ୍ର ସଂଗ୍ରହ କରିବାକୁ ପଦକ୍ଷେପ ନିଆଯିବ। ଏହାବ୍ୟତୀତ ଅଫିସର ଓ କର୍ମଚାରୀମାନଙ୍କୁ ନିୟମାନୁସାରେ ଯୋଗ୍ୟତାଭିତ୍ତିକ ପଦୋନ୍ନତି ନିମନ୍ତେ ଏକ ଅଦାଲତ ଅନୁଷ୍ଠିତ ହେବ। ଏଥିପାଇଁ ମୁଖ୍ୟ ସଚିବଙ୍କ ସମେତ ୭ଜଣ ବରିଷ୍ଠ ଅଧିକାରୀମାନଙ୍କ ଅଦାଲତରେ ଶୁଣାଣି ହେବ। ଏହି ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ବିଭାଗ ବଂଟନ କରାଯିବ। ୩ଦିନ ଧରି ଏହି ଅଦାଲତ ଚାଲିବ। ତେବେ ଏହା କେବେଠୁ ଆରମ୍ଭ ହେବ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ ପରେ ଧାର୍ଯ୍ୟ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉଚ୍ଚ ଶିକ୍ଷା ବିଭାଗ ପାଇଁ ଆସିବ ଷ୍ଟାର୍ଟ ଅପ୍ ପଲିସି



**ଭୁବନେଶ୍ୱର :** ଉଚ୍ଚ ଶିକ୍ଷା ବିଭାଗ ପାଇଁ ଆସିବ ଷ୍ଟାର୍ଟ ଅପ୍ ପଲିସି। ଛାତ୍ରଛାତ୍ରୀଙ୍କୁ ଷ୍ଟାର୍ଟ ଅପ୍ ଲାଗି ପ୍ରସ୍ତୁତ କରାଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକସେବା ଭବନ କନଭେନ୍‌ସନ୍ ହଲ୍‌ରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉଚ୍ଚଶିକ୍ଷା ସଚିବ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ, ଷ୍ଟାର୍ଟ ଅପ୍ ଓଡ଼ିଶାର ଅଧ୍ୟକ୍ଷ ଓ ଏକ ଘରୋଇ କମ୍ପାନୀ ଯୋଗ ଦେଇଥିଲେ।ଯୁକ୍ତ ତିନି ଓ ପିଜି ସ୍ତରର ଛାତ୍ରଛାତ୍ରୀଙ୍କୁ ପ୍ରି ଷ୍ଟାର୍ଟ ଅପ୍ କର୍ଯ୍ୟକ୍ରମରେ ସାମିଲ କରାଯିବ। ଏହାଦ୍ୱାରା ପିଲାମାନେ ପଢା ସାରିବା ପରେ ରୋଜଗାରକ୍ଷମ ହୋଇପାରିବେ। ପ୍ରି ଷ୍ଟାର୍ଟ ଅପ୍ ପିରିୟଡ଼ରେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଡକ୍ଟ ଗୁଡ଼ିକୁ ବଡ କମ୍ପାନୀ ଆଗରେ ଉପସ୍ଥାପିତ କରିବ ଉଚ୍ଚ ଶିକ୍ଷା ବିଭାଗ। ଏହି ନିଷ୍ପତ୍ତିକୁ କୁଳପତିମାନେ ସ୍ୱାଗତ କରିଛନ୍ତି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ଡିସେମ୍ବର, ୨୦୨୨

# ପୁଣି ତେଜୁଛି ସୀମା ବିବାଦ

ସମଗ୍ର ବିଶ୍ୱରୁ ମହାମାରୀ କରୋନାର ଅନ୍ତ ଘଟିନାହିଁ। ଏବେ ଚୀନ ଓ ଅନ୍ୟ କେତେକ ଦେଶରେ ଏହାର ପ୍ରଭାବ ରହିଛି। ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମାରାତ୍ମକ ରୋଗ ପ୍ରାୟତଃ ସବୁ ଦେଶକୁ ଅସ୍ତବ୍ୟସ୍ତ କରି ଦେଇଥିଲା ବେଳେ ମଣିଷ କିନ୍ତୁ ଏଥିରୁ କିଛି ଶିକ୍ଷାଲାଭ କରିଥିବା ଭଳି ମନେହେଉନାହିଁ। କୋଭିଡ ପାଇଁ ଏତେ କଟକଣା କରାଯାଇଥିଲା। ହେଲେ କଟକଣା ଉଠିଯିବା ପରେ ପୁଣି ମଣିଷ-ମଣିଷ ଭିତରେ ଲଢେଇ, ହିଂସା ଆରମ୍ଭ ହୋଇଗଲାଣି। ସେପଟେ ଋଷ-ୟୁକ୍ରେନ ଯୁଦ୍ଧ ପରିସମାପ୍ତି ହୋଇନଥିଲା ବେଳେ ବର୍ତ୍ତମାନ ଅରୁଣାଚଳ ସୀମାରେ ଚୀନ ସେନାର ଦାଦାଗିରି ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଯେଉଁ ସମୟରେ ବିଶ୍ୱରେ ଶାନ୍ତିର ଆବଶ୍ୟକତା ଅଛି, ସେଭଳି ସମୟରେ ଚୀନ ଭାରତକୁ ଏକପ୍ରକାର ଯୁଦ୍ଧ ଆହ୍ୱାନ ଦେଇଛି। ଉଲ୍ଲେଖଯୋଗ୍ୟ, ଡିସେମ୍ବର ୯ ତାରିଖରେ ଅରୁଣାଚଳ ପ୍ରଦେଶର ତଓ୍ୱାଙ୍ଗ ସେକ୍ଟରରେ ଭାରତ ଏବଂ ଚୀନ ସେନା ମଧ୍ୟରେ ସଂଘର୍ଷ ହୋଇଥିଲା।ତଓ୍ୱାଙ୍ଗ ସେକ୍ଟରର ୟାଙ୍ଗସେ ଅଞ୍ଚଳ ସ୍ଥିତ ଏଲଏସି ନିକଟରେ ଚୀନ ସେନା ସୀମା ଅତିକ୍ରମ କରିବାକୁ ଚେଷ୍ଟା କରିବା ବେଳେ ଭାରତୀୟ ସେନା ଏହାର କଡା ଜବାବ ଦେଇଥିଲେ। ଚୀନ ସେନାକୁ ୩ ଭାରତୀୟ ସେନା ଦଳଙ୍କୁ ସାମ୍ନା କରିବାକୁ ପଡିଥିଲା।

ଭାରତୀୟ ସେନା ଯେଭଳି ଖିପ୍ର ଗତିରେ ପଦକ୍ଷେପ ନେଇ ଚୀନ ସେନାକୁ ଘଉଡାଇଲେ ଏବଂ ସ୍ଥିତାବସ୍ଥାରେ ପରିବର୍ତ୍ତନକୁ ରୋକିଲେ ତାହା ପିଏଲଏ (ପିପୁଲସ ଲିବରେସନ ଆର୍ମି)କୁ ଛାନିଆ କରିଛି। ଚୀନ ଏଲଏସିରେ ଏକ ନିରୀକ୍ଷଣ ପୋଷ୍ଟ ସ୍ଥାପନ କରିବାକୁ ପୁରା ପ୍ରସ୍ତୁତି କରି ଆସିଥିଲା। ତେବେ ଯେ କୌଣସି ଅତିକ୍ରମଣ ଓ ଅତର୍କିତ ଆକ୍ରମଣକୁ ପଣ୍ଡ କରିବା ପାଇଁ ଭାରତୀୟ ସେନା ପ୍ରସ୍ତୁତ ଥିବାରୁ ପିଏଲଏ ସେନା ଛତ୍ରଭଙ୍ଗ ଦେବାକୁ ବାଧ୍ୟ ହୋଇଥିଲା। ଜାମ୍ମୁ କାଶ୍ମୀର ରାଇଫଲସ, ଜାଟ ରେଜିମେଣ୍ଟ ଏବଂ ଶିଖ ଲାଇଟ ଇନଫାଣ୍ଟ୍ରି ସେନା ଦଳଙ୍କୁ ଚୀନ ସେନା ସାମ୍ନା କରିଥିଲେ ବୋଲି ଏକ ଶୀର୍ଷ ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ଭାରତୀୟ ସୈନିକଙ୍କ ବିରୋଧରେ ଚୀନ ଏହାର ବର୍ବର ରଣନୀତି ବ୍ୟବହାର କରିବାକୁ ଚାହୁଁଥିଲା। ସଂଘର୍ଷ ପାଇଁ ସେମାନେ ଓ୍ୱାର କ୍ଲବ, ଲାଠି ଏବଂ ଅନ୍ୟ ଉପକରଣ ସହ ଆସିଥିଲେ। ଭାରତୀୟ ଯବାନ ମଧ୍ୟ ଏହାର କଡା ଜବାବ ଦେଇଛନ୍ତି ବୋଲି ପ୍ରତିରକ୍ଷା ସୂତ୍ରରୁ ପ୍ରକାଶ। ପ୍ରାୟ ୩୦୦ରୁ ଅଧିକ ଚୀନ ସୈନିକ ପ୍ରଥମେ ପଥର ମାଡ଼ କରି ଭାରତୀୟ ସୈନିକଙ୍କୁ ଆକ୍ରମଣ କରିଥିଲେ। କିନ୍ତୁ ସେମାନଙ୍କୁ ଭାରତୀୟ ସେନା ପକ୍ଷରୁ ସାଙ୍ଘାତିକ ଜବାବ ମିଳିଛି। ଅରୁଣାଚଳ ପ୍ରଦେଶର ତଓ୍ୱାଙ୍ଗ ସେକ୍ଟରରେ ଭାରତ-ଚୀନ ସୀମା ସ୍ଥିତିକୁ ଆମେରିକା ଅତି ଭଲ ଭାବେ ଯାଞ୍ଚ କରୁଛି। ଭାରତ-ଚୀନ ସୀମା ଏଲଏସି (ପ୍ରକୃତ ନିୟନ୍ତ୍ରଣ ରେଖା) ଅଞ୍ଚଳର ସ୍ଥିତି ଉପରେ ଆମେରିକା ଅହରହ ରଖିଥିବା ପେଣ୍ଟାଗନ ପକ୍ଷରୁ ଏକ ପ୍ରେସ ବିବୃତି ଜାରି କରି କୁହାଯାଇଛି। ଏଲଏସି ନିକଟସ୍ଥ ଅଞ୍ଚଳରେ ସାମରିକ ଭିତ୍ତିଭୂମି ସୁଦୃଢ଼ ସହ ଚୀନ ଲଗାତାର ସେନା ମୁତୟନ ବଢ଼ାଇଚାଲିଛି ବୋଲି ପେଣ୍ଟାଗନ ପ୍ରେସ ସଚିବ ପାଟ ରାଇଡ଼ର କହିଛନ୍ତି।



ତାରକ ମହାନ୍ତି

ଉଲ୍ଲେଖଯୋଗ୍ୟ, ଅରୁଣାଚଳରେ ଚୀନର ଭାରତୀୟ ସୀମା ଅତିକ୍ରମଣ ଉଦ୍ୟମ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଂସଦରେ ବିବୃତି ରଖିଥିବା ବେଳେ ଆମେରିକା ପକ୍ଷରୁ ପ୍ରେସ ବିବୃତି ଜାରି ହୋଇଛି। ଅନ୍ୟପକ୍ଷରେ ଚୀନ ତାର ବିସ୍ତାରବାଦୀ ଚିନ୍ତାଧାରା ଯୋଗୁଁ ନିଜର ପଡୋଶୀ ଦେଶର ଜମି ହଡପ ଭଳି କାର୍ଯ୍ୟରେ ବିଶ୍ୱାସ କରୁଛି। ଯେଉଁଥିପାଇଁ ଭାରତ ସୀମାରେ ବାରମ୍ବାର ଉତ୍ତେଜନା ସୃଷ୍ଟି କରି ଦୈନିକ ନୂଆ ନୂଆ ଚାଲ ଖେଳୁଛି। ଭାରତ ସହ ବାଣିଜ୍ୟ କାରବାର କମିଯିବା ପରେ ଭିତରେ ଭିତରେ ଜଳୁଥିବା ଚୀନ ଏବେ ନୂଆ ରଣନୀତି ଆପଣାଉଛି। ଭାରତର ଉତ୍ଥାନକୁ ସହଜରେ ଗ୍ରହଣ କରିପାରୁନି ଚୀନ। ଆମେରିକା ସହ ଭାରତର ସମ୍ପର୍କ ଅଧିକ ନିବିଡ ପରିପ୍ରେକ୍ଷୀରେ ଚୀନର ଚିନ୍ତା ବଢୁଛି। ସେହିପରି ଭାରତ ମଧ୍ୟ ନିଜର ସାମରିକ ଶକ୍ତି ବୃଦ୍ଧି କରିବା ଚୀନ ପାଇଁ ମୁଣ୍ଡବ୍ୟଥାର କାରଣ ବୋଲି କୁହାଯାଇପାରେ। ଗଲଓ୍ୱାନ ପରେ ଅରୁଣାଚଳ ପ୍ରଦେଶ ସୀମାରେ ଭାରତୀୟ ସେନା ଠାରୁ ଚୀନ ସେନା ମାଡ଼ ଖାଇ ଛତ୍ରଭଙ୍ଗ ଦେବା ଘଟଣାକୁ ସମଗ୍ର ବିଶ୍ୱ ଦେଖିବା ପରେ ଏହା ଚୀନ ପାଇଁ ମଧ୍ୟ ଲଜ୍ଜାର କାରଣ ପାଲଟିଛି। ଏହି ଘଟଣାରେ ଆମେରିକା, ଜାପାନ ସମେତ ବହୁ ୟୁରୋପୀୟ ରାଷ୍ଟ୍ର ଭାରତକୁ ସମର୍ଥନ କରୁଥିବା ସୂଚନା ମିଳିଛି। ହେଲେ ଭାରତ-ଚୀନ ସୀମା ବିବାଦକୁ ନେଇ ସଂସଦରେ କଂଗ୍ରେସ ଅଭିଯୋଗ କରିଛି। ହେଲେ ବିଶେଷଜ୍ଞ ମାନଙ୍କର କହିବା କଥା ହେଉଛି, ଚୀନରେ ଏବେ ସରକାରଙ୍କ ବିରୋଧରେ ସ୍ୱର ତୀବ୍ର ହେବା ସହିତ କୋଭିଡ ମାମଲା ମଧ୍ୟ ବଢିଚାଲିଛି। ଏଥିରୁ ନଜର ହଟାଇବା ପାଇଁ ଚୀନ ଭାରତ ସୀମାରେ ନୂଆ ନାଟକ କରୁଛି। କିନ୍ତୁ ୧୯୬୨ର ଭାରତ ଓ ବର୍ତ୍ତମାନର ମୋଦିଙ୍କ ଭାରତ ଭିତରେ ଆକାଶ ପାତାଳ ଫରକ ବୋଲି ଜାଣିବା ସତ୍ତ୍ୱେ ଜିନ ପିଙ୍ଗଙ୍କ ସରକାର ନିଜର ପୁରୁଣା ଅଭ୍ୟାସକୁ ଦୋହରାଇ ଚାଲିଛି। ବର୍ତ୍ତମାନର ଭାରତ ପ୍ରତିରକ୍ଷା କ୍ଷେତ୍ରରେ ବହୁତ ଆଗରେ ରହିଛି। ଆମେରିକା, ଋଷ, ଚୀନ ପରେ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଖର୍ଚ୍ଚ କରୁଛି ଭାରତ। ଅତ୍ୟାଧୁନିକ ଯୁଦ୍ଧ ଜାହାଜ ସମେତ କ୍ଷମତାଶାଳୀ ମିଜାଇଲ ଠାରୁ ଆରମ୍ଭ କରି ସ୍ୱଦେଶୀ ଯୁଦ୍ଧାସ୍ତ୍ର ନିର୍ମାଣ କରୁଛି। ଅନ୍ୟପକ୍ଷରେ ପାକ ସହାୟତାରେ ପିଓକେରେ ଚୀନ ପକ୍ଷରୁ ଚାଲିଥିବା ନିର୍ମାଣ ବ୍ୟାହତ ହେବା ଯୋଗୁ ଚୀନ ଭାରତକୁ ବିରୋଧ କରୁଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। କାରଣ ଦୁର୍ବଳ ପାକିସ୍ତାନ ଠାରୁ ପିଓକେ ଛଡାଇ ଆଣିବାକୁ ଭାରତ ଉଦ୍ୟମ କରୁଥିବା ନେଇ ଚିନ୍ତାରେ ଚୀନ। ଭାରତର କୂଟନୈତିକ ସ୍ତରର ସଫଳତା ମଧ୍ୟ ଚୀନକୁ ବିବ୍ରତ କରୁଛି।ଭାରତର ବୈଦେଶିକ ନୀତିକୁ ବିଶ୍ୱର ବହୁ ରାଷ୍ଟ୍ର ପ୍ରଶଂସା କରିବା, ଭାରତ ସହ ସହଯୋଗ ବଢାଇବା ଦ୍ୱାରା ଚିନ୍ତିତ ଚୀନ ଔଷଧ ବିକଳରେ ତାଟିଆ କାମୁଡିବା ରଣନୀତି ଆପଣାଉଥିବାର କୁହାଯାଉଛି। ଭାରତର ପୁରୁଣା ମିତ୍ର ଋଷ କେବେ ବି ଭାରତ ବିରୋଧରେ ଯିବନାହିଁ ବୋଲି ଚର୍ଚ୍ଚା ହେଉଛି। ସେପଟେ ତାଇଓ୍ୱାନ ମଧ୍ୟ ଚୀନ ବିରୋଧୀ। ଭୁଟାନ ଓ ଅରୁଣାଚଳ ପ୍ରଦେଶ ଭାରତର ହୋଇଥିଲାବେଳେ ଚୀନ ଏହା ଉପରେ ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛି। ଚୀନର ଏହି ଷଡଯନ୍ତ୍ର ଖବର ମାସେ ଆଗରୁ ଭାରତ ନିକଟରେ ଥିଲା। ଯେଉଁଥିପାଇଁ ଭାରତ ନିଜର ରଣକୌଶଳ ମଧ୍ୟ ପ୍ରସ୍ତୁତ କରିସାରିଥିଲା। ଯେଉଁଥିପାଇଁ ୩୦୦ ଚୀନ ସୈନିକଙ୍କୁ ଉଚିତ ଶିକ୍ଷାଦେଲେ ଭାରତୀୟ ସେନା। ପାକିସ୍ତାନ-ଚୀନ ଗୋଟିଏ ଚିନ୍ତାଧାରା ରଖି ଭାରତ ବିରୋଧରେ ବାରମ୍ବାର ଷଡଯନ୍ତ୍ର କରୁଛନ୍ତି ଓ ଏହାର ଉଚିତ ଜବାବ ଦେଉଛି ଭାରତ। ପାକିସ୍ତାନରେ ଭାରତ ଯେଭଳି ସର୍ଜିକାଲ ଷ୍ଟ୍ରାଇକ କରିଥିଲା ସେଭଳି ସର୍ଜିକାଲ ଷ୍ଟ୍ରାଇକ ଭାରତ ଚୀନ୍ ଉପରେ କରିବା କିଛି ଅସମ୍ଭବ ନୁହେଁ। ତେବେ ଚୀନ୍ ଯୁଦ୍ଧ ପାଇଁ ଦୀର୍ଘଦିନରୁ ପ୍ରସ୍ତୁତ ହେଉଥିବା ନେଇ ସୂଚନା ମିଳିବା ପରେ ଭାରତ ମଧ୍ୟ ଏହାର ଉଚିତ ଜବାବ ଦେବାକୁ ପ୍ରସ୍ତୁତି ଚଳାଇଛି। କିନ୍ତୁ ଅସଲ କଥା ହେଉଛି ଚୀନ୍ ରାଷ୍ଟ୍ରପତିଙ୍କ ଶାସନରେ ଅତିଷ୍ଠ ହୋଇ ଚୀନ୍‌ବାସୀ ଅସନ୍ତୋଷ ଜାହିର କରିଥିଲା ବେଳେ ଏଥିରୁ ନଜର ହଟାଇବା ପାଇଁ ସି ଜିନ୍‌ପିଙ୍ଗ୍ ଏଭଳି କରୁଥିବା ନେଇ ମଧ୍ୟ ତଥ୍ୟ ସାମ୍ନାକୁ ଆସୁଛି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବରିଷ୍ଠ ମାନଙ୍କର ଦୁଃଖର କାରଣ ଓ ନିରାକରଣ



ପ୍ରଦୀପ୍ତ ଆଚାର୍ଯ୍ୟ

ପ୍ରତ୍ୟେକ ମନୁଷ୍ୟ ତାର ଜୀବଦଶା ମଧ୍ୟରେ ଶୈଶବ, କୈଶୋର, ଯୌବନ, ପ୍ରୌଢ ଏବଂ ବୃଦ୍ଧାବସ୍ଥା ଦେଇ ଗତି କରିଥାଏ। ସମସ୍ତ ଅବସ୍ଥା ର ଅନୁଭବ, ଅଭିଜ୍ଞତା ଓ ଚଳଣି ପ୍ରାକୃତିକ ନିୟମ ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ସମସ୍ତଙ୍କ କ୍ଷେତ୍ରରେ ଜୀବନର ଶେଷ ଅବସ୍ଥା ବା ବାର୍ଦ୍ଧକ୍ୟ ଅବସ୍ଥା କ୍ଲିଷ୍ଟ, ଦୁର୍ବିସହ ଓ ଅରୁଚିକର ପ୍ରତୀୟମାନ ହୁଏ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ଯେଉଁ ଯେଉଁ କାରଣରୁ ବୃଦ୍ଧାବସ୍ଥାରେ ଜୀବନ ପ୍ରତି ବିତୃଷ୍ଣା ଆସିଥାଏ, ସେଥିମଧ୍ୟରୁ କେତେକ ପ୍ରାକୃତିକ ଏବଂ ସାମାଜିକ କାରଣ ପ୍ରଣିଧାନ ଯୋଗ୍ୟ। ବାର୍ଦ୍ଧକ୍ୟର ପ୍ରାକୃତିକ ସମସ୍ୟା ଚିରାଚରିତ,ଏହାକୁ କୌଣସି ପ୍ରକାରେ ଟାଳି ହେବ ନାହିଁ। କିନ୍ତୁ ସାମାଜିକ ସମସ୍ୟା ସ୍ଥଳ ବିଶେଷରେ ବିଭିନ୍ନ ପ୍ରକାର ହୋଇଥାଏ। (୧) ପ୍ରାକୃତିକ କାରଣ ମଧ୍ୟରୁ ପ୍ରଥମ ହେଲା ଶାରୀରିକ ଅସୁସ୍ଥତା। ବୃଦ୍ଧାବସ୍ଥାରେ ଶରୀରର ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ହେବାରୁ, ମନୁଷ୍ୟ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ ଏବଂ ଉପଯୁକ୍ତ ଚିକିତ୍ସା ପରେ ମଧ୍ୟ ସୁସ୍ଥ ହେବା କଷ୍ଟକର ହୁଏ। (୨) ବୟସାଧିକ ହେତୁ ଇନ୍ଦ୍ରିୟ ଗୁଡିକ ଦୁର୍ବଳ ହୋଇଯାଏ। ପୂର୍ବରୁ ଆସ୍ୱାଦନ କରିଥିବା ଇନ୍ଦ୍ରିୟାନୁଭୂତିର ଆନନ୍ଦର ସ୍ମୃତି ଭୀଷଣ ମାନସିକ ଯନ୍ତ୍ରଣା ପ୍ରଦାନ କରିଥାଏ। ଯଥା କିଛି ସୁନ୍ଦର ବସ୍ତୁ ଦେଖିବାକୁ ଇଚ୍ଛା ଥିଲେ, ବହି ପଢିବାକୁ ଆଗ୍ରହ ଥିଲେ ମଧ୍ୟ ଦୃଷ୍ଟି ଶକ୍ତି ହ୍ରାସ ଯୋଗୁ ସମ୍ଭବ ହୋଇ ନଥାଏ, କାହାରି ଭଲ କଥା ଶୁଣିବାକୁ ଆଗ୍ରହ ଥିଲେ ମଧ୍ୟ ଦୁର୍ବଳ ଶ୍ରବଣ ଶକ୍ତି ବାଧକ ସାଜେ। ପ୍ରବଳ ଖାଦ୍ୟ ଆଶକ୍ତି ଥାଇ ମଧ୍ୟ, ଦନ୍ତଶୁନ୍ୟ ମୁଖରେ କଠିନ ଖାଦ୍ୟ ନଖାଇ ପାରିବା, ତଥା କଷ୍ଟେ ମଷ୍ଟେ ଖାଇଦେଲେ ବି ଜୀର୍ଣ୍ଣ କରିବାର ଅକ୍ଷମତା, ବହୁତ ଅସୁବିଧା ସୃଷ୍ଟି କରିଥାଏ।(୩) ସବୁଠାରୁ ବଡ କଷ୍ଟ ହେଲା ନିଃସଙ୍ଗତା। ବୟସ୍କ ମାନେ ସବୁବେଳେ ଇଚ୍ଛା କରନ୍ତି, ମୋ ପାଖରେ କେହି ବସନ୍ତୁ, ମୋସାଙ୍ଗରେ ଗପନ୍ତୁ, ଯାହାକି ଅନେକ କ୍ଷେତ୍ରରେ ସମ୍ଭବ ହୋଇ ପାରିନଥାଏ। ଆଧୁନିକ ବ୍ୟସ୍ତବହୁଳ ଜୀବନ ଶୈଳୀ ଯୋଗୁଁ ବୟସ୍କ ମାନଙ୍କର ଉତର ଦାୟାଦ ମାନେ, ସେମାନଙ୍କ ପାଇଁ ସମୟ ଦେବାରେ ଅସମର୍ଥ ହୁଅନ୍ତି ଏବଂ ଅନେକ ଲୋକ, ବୟସ୍କ ମାନଙ୍କୁ ଅଦରକାରୀ ତଥା ବୋଝ ମନେକରି, ଇଚ୍ଛାକୃତ ଅବହେଳା ପ୍ରଦର୍ଶନ କରନ୍ତି। (୪) ବୟସ୍କ ମାନେ ଚିରାଚରିତ ଅଭ୍ୟାସ ବଶତଃ, ତାଙ୍କର ଉତର ଦାୟାଦ ମାନଙ୍କୁ ଦେଉଥିବା ପରାମର୍ଶ ଓ ନିର୍ଦ୍ଦେଶ କାର୍ଯ୍ୟକାରୀ ନହେଲେ, ଭୀଷଣ ଭାବରେ ମାନସିକ ଆଘାତ ପାଆନ୍ତି। (୫) ସାଧାରଣତଃ ବୃଦ୍ଧାବସ୍ଥାରେ ସହନଶୀଳତା ଓ ଧୈର୍ଯ୍ୟ ହ୍ରାସ ପାଇଥିବାରୁ, ସେମାନଙ୍କ ଆକାଂକ୍ଷା ପୁରଣର ସାମାନ୍ୟ ଅବହେଳା ବା ବିଳମ୍ବକୁ ସହ୍ୟ ନକରି ବିରକ୍ତି ପ୍ରକାଶ କରନ୍ତି, ଯଦ୍ୱାରା ପରିବାରରେ ଅଶାନ୍ତି ସୃଷ୍ଟି ହୁଏ। ପ୍ରବାଦ ଅଛି "ବାଳ ବୃଦ୍ଧ ସମାନ", ସେମାନେ ଅସହାୟ ଏବଂ ପରିବାରର ସଦସ୍ୟଙ୍କ ଯତ୍ନ ଓ ସହାୟତା ସେମାନଙ୍କ ପାଇଁ ଆବଶ୍ୟକ ହୋଇଥାଏ। କିନ୍ତୁ ଭବିଷ୍ୟତ ବଂଶଧର ଶିଶୁର ଯତ୍ନ ନିମନ୍ତେ, ଯେଉଁ ଆଗ୍ରହ ଓ ଆନ୍ତରିକତା ପରିଲକ୍ଷିତ ହୁଏ, ଅତୀତ ହେବାକୁ ଯାଉଥିବା ବଂଶଧର, ବୟସ୍କ ମାନଙ୍କ କ୍ଷେତ୍ରରେ ତାହା ହୁଏ ନାହିଁ। ଏହା ମଧ୍ୟ ଈଶ୍ୱରଦତ ପ୍ରାକୃତିକ ମାନସିକତାର ନିୟନ୍ତ୍ରଣାଧୀନ। ତେଣୁ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ଜୀବନରେ, ନିଶ୍ଚିତ ଘଟୁଥିବା ଉପରୋକ୍ତ ଆଲୋଚିତ ସମସ୍ୟା ଗୁଡିକୁ, ସେମାନେ କିପରି ଧୈର୍ଯ୍ୟର ସହିତ ସମ୍ମୁଖୀନ ହୋଇ, ସେମାନଙ୍କର କଷ୍ଟକୁ କିୟଦାଂଶରେ ଲାଘବ କରିପାରିବେ, ସେ ବିଷୟରେ କିଂଚିତ ଆଲୋକପାତ କରିବା। (୧) ସର୍ବ ପ୍ରଥମେ ବୟସ୍କ ବ୍ୟକ୍ତି ମାନେ ସେମାନଙ୍କର ଧୈର୍ଯ୍ୟ ଓ ସହନଶୀଳତାର ସୀମାକୁ ବୃଦ୍ଧି କରିବାକୁ ପଡିବ। ଯାହା ନିଶ୍ଚିତ ଘଟିବ, ସେଥିପାଇଁ ଅତ୍ୟଧିକ ବିଚଳିତ ବା ବିବ୍ରତ ନହେବା ଉଚିତ। "ଜାତସ୍ୟ ହି ଧ୍ରୁବ ମୃତ୍ୟୁ" ମୃତ୍ୟୁ ନିଶ୍ଚିତ ଆସିବ ଏବଂ ଥରେ ଆସିବ, ତେଣୁ ମୃତ୍ୟୁ ପୂର୍ବରୁ, ବାରମ୍ବାର ମୃତ୍ୟୁ ଭୟର ଆଶଙ୍କାରେ ବିଚଳିତ ହେବା ଅନାବଶ୍ୟକ। (୨) ଶରୀରର ସୁସ୍ଥତା ରକ୍ଷା ନିମନ୍ତେ, ସନ୍ତୁଳିତ ଆହାର ଗ୍ରହଣ ଓ ଶରୀରକୁ ସୁହାଇବା ପରି ହାଲୁକା ବ୍ୟାୟାମ ଅଭ୍ୟାସ ଜାରି ରଖିବା ଏକାନ୍ତ ଆବଶ୍ୟକ। (୩) ମାନସିକ ଶାନ୍ତି ପ୍ରାପ୍ତି ନିମନ୍ତେ, ଈଶ୍ୱରଙ୍କୁ ପ୍ରାର୍ଥନା, ସତସଙ୍ଗ,ଭଗବତ୍ ଚିନ୍ତନ ଓ ସର୍ବୋପରି ଛୋଟ ଛୋଟ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ଉଚିତ୍। (୪)ଘରେ ବିନା କର୍ମରେ ବସି ନରହି, ସୁବିଧା ଥିଲେ, ବଗିଚାରେ ଫୁଲ ଗଛର ଯତ୍ନ, ଗୃହପାଳିତ ପଶୁପକ୍ଷୀ ମାନଙ୍କ ସହିତ ଆତ୍ମୀୟତା, ନିଜରୁଚି ଅନୁସାରେ ସୁମଧୁର ସଙ୍ଗୀତ ଶୁଣିବା, ଖବର କାଗଜ ପଢିବା ଏବଂ ଛୋଟ ପିଲା ମାନଙ୍କ ସହିତ ସମୟ ବିତାଇବା ଦ୍ୱାରା ଭାରାକ୍ରାନ୍ତ ମନ ନିଶ୍ଚୟ ହାଲୁକା ହୋଇଯିବ। (୫) ଆଜିକାଲି ସମାଜରେ ବୟସ୍କ ବ୍ୟକ୍ତି ମାନଙ୍କ ନିମନ୍ତେ, ଗଠିତ ହୋଇଥିବା "ବରିଷ୍ଠ ନାଗରିକ ମଂଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ" ଭଳି ଅନୁଷ୍ଠାନ ମାନଙ୍କରେ ସଦସ୍ୟତା ଗ୍ରହଣ କରି, ସମ ବୟସ୍କ ଓ ସମ ମନୋଭାବାପନ ବ୍ୟକ୍ତି ମାନଙ୍କ ସହିତ ଭାବ ବିନିମୟ କରିବାରେ ସମୟ ବିନିଯୋଗ କରିବା ଆବଶ୍ୟକ। (୬) ପରିବାରରେ ଏବଂ ସମାଜରେ ଛୋଟ ଛୋଟ କଥାରେ କ୍ରୋଧ ଅଭିମାନ ନକରି ଉଦାରତା ପ୍ରଦର୍ଶନ କରିଲେ, ସମସ୍ତଙ୍କର ଶ୍ରଦ୍ଧାଭାଜନ ହେବା ଅବଶ୍ୟମ୍ଭାବୀ। (୭)ଯୁଗ ପରିବର୍ତନ ସାଥିରେ ତାଳ ଦେଇ ଚଳଣି ବଦଳି ଯାଉଥିବାରୁ, ନିଜ ସମୟର ଚଳଣି କୁ ପିଲାଙ୍କ ସମୟର ଚଳଣି ସାଙ୍ଗରେ ତୁଳନା କରି, ଏ ସମୟର ଚଳଣି ନିମ୍ନ ମାନର, ସଂସ୍କାର ବିହିନ ଏକଥା ପିଲା ମାନଙ୍କ ଆଗରେ ବାରମ୍ବାର କହିବା ଉଚିତ୍ ନୁହେଁ। (୮) କେହି ଯଦି ପରାମର୍ଶ ବା ଶିକ୍ଷା ନଚାହୁଁଛନ୍ତି, ସେମାନେ ଭୁଲ୍ କରୁଥିଲେବି, ଆପଣ ତାର ସମାଧାନ ଜାଣିଥିଲେ ମଧ୍ୟ, ନୀରବ ରହିବା ବିଜ୍ଞତାର ପରିଚୟ। (୯) ପିଲା ମାନଙ୍କ ଠାରୁ କୃତଜ୍ଞତା ଆଶା କରିବା ଉଚିତ୍ ନୁହେଁ, ସେମାନେ ଯେତିକି କୃତଜ୍ଞ ହେଉଛନ୍ତି, ସେତିକିରେ ସନ୍ତୁଷ୍ଟି ପ୍ରକାଶ କରିବା ଦରକାର। (୧୦) ବୃଦ୍ଧକାଳରେ ଦମ୍ପତି ମାନଙ୍କର ପରସ୍ପର ପ୍ରତି ନିବିଡତା ଓ ନିର୍ଭରଶୀଳତା ବୃଦ୍ଧି ପାଇଥାଏ, ତେଣୁ ପରସ୍ପର ପ୍ରତି ଅନୁରକ୍ତ ରହିବା ଉଚିତ୍। (୧୧)ବେଳେ ବେଳେ ନିଜର ନାତି ନାତୁଣୀ ମାନଙ୍କ ସହିତ ସମୟ ବିତାଇବାକୁ ପ୍ରବଳ ଇଚ୍ଛା ଥିଲେ ମଧ୍ୟ, ସେମାନଙ୍କର ଉପରେ ସେମାନଙ୍କର ପିତାମାତାଙ୍କ ପାଠପଢା ତାଗିଦା ଯୋଗୁ ସମ୍ଭବପର ହୋଇନଥାଏ। ତେଣୁ ବିକଳ୍ପ ଭାବରେ, ପଡିଶା କିମ୍ବା ବସ୍ତିର ଦରିଦ୍ର ଅସହାୟ ପିଲାମାନଙ୍କ ପ୍ରତି, ନିଜ ରୋଜଗାରର କିୟଦାଂଶ ନିଜେ ବା କୌଣସି ସ୍ୱେଚ୍ଛାସେବି ଅନୁଷ୍ଠାନ ଦ୍ୱାରା ବ୍ୟୟକରି ସହଯୋଗର ହସ୍ତ ପ୍ରସାରିତ କଲେ, ତାଙ୍କ ମୁଖମଣ୍ଡଳର ତୃପ୍ତି ସଂଦର୍ଶନ, ଯେଉଁ ଆନନ୍ଦ ପ୍ରଦାନ କରିବ , ତାହା ପୃଥିବୀର ଚରମ ଓ ଶ୍ରେଷ୍ଠ ଆନନ୍ଦ, ଏହା ନିଃସନ୍ଦେହ। ଗଲାବେଳେ ସାଙ୍ଗରେ କିଛି ନେବାନାହିଁ ଜାଣି ମଧ୍ୟ ସମସ୍ତେ ମୋହାଚ୍ଛନ୍ନ। ଦାନର ଆନନ୍ଦ ଅନୁଭବୀ ହିଁ ଜାଣେ। ଯଦି ଆୟ କରିଥବା ଅର୍ଥରୁ କିଛି ବ୍ୟୟ କରି, ଅସହାୟ ନିଷ୍ପାପ ପିଲାମାନଙ୍କର ସ୍ମିତହାସ୍ୟ କୁ କ୍ରୟ କରିହେବ, ଯଦି କିଛି ସ୍ନେହ ଆଦର ବିନିମୟରେ , ସେମାନଙ୍କର ଆତ୍ମୀୟତାକୁ କ୍ରୟ କରି ହେବ, ତେବେ ତାହାତ କେବଳ ମାନସିକ ଶାନ୍ତି ପ୍ରଦାନ କରିବ ନାହିଁ, ପରନ୍ତୁ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇ, ଦୀର୍ଘାୟୁ କରାଇ ପାରିବ। ଏ ସୁନ୍ଦର ପୃଥିବୀରୁ ଚିରଦିନ ପାଇଁ ବିଦାୟ ନେଇ ଚାଲିଯିବା ବେଳେ, ଯଦି ରକ୍ତ ସଂପର୍କୀୟ ହୋଇ ନଥିବା କୌଣସି ବ୍ୟକ୍ତିର ମନ ବିଷାଦରେ ଭରିଗଲା, ଅସହାୟ ନିଷ୍ପାପ କୌଣସି ପିଲାର ଚକ୍ଷୁରୁ, ଗୋଟିଏ ବୁନ୍ଦା ଦୁଃଖାଶ୍ରୁ ନିର୍ଗତ ହୋଇଗଲା, ତେବେ ତାଠାରୁ ଆଉ ବଡ ଜିନିଷ କଣ ଥାଇପାରେ ?

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର, କଟକ*
*ଦୂରଭାଷ : ୬୩୭୧୫୯୩୨୨୦*

# କାଶ୍ମୀର ମାର୍ଗରେ ମେଘାଳୟ



ସୌମେନ୍ଦ୍ର ଜେନା

ଉତ୍ତର ପୂର୍ବାଞ୍ଚଳର ଏକ ଛୋଟ ଜନଜାତିବହୁଳ ରାଜ୍ୟ ମେଘାଳୟ । ମେଘର ଘର ବୋଲି କୁହାଯାଉଥିବା ଏହି ରାଜ୍ୟରେ ରହିଛି ଚେରାପୁଞ୍ଜି ପରି ସର୍ବାଧିକ ବୃଷ୍ଟିପାତ ହେଉଥିବା ଅଞ୍ଚଳ । ୨୧ ଜାନୁଆରୀ ୧୯୭୨ରେ ଆସାମ ରାଜ୍ୟରୁ ଖାସି,ଜୟନ୍ତିଆ ଏବଂ ଗାରୋ ପାର୍ବତ୍ୟାଞ୍ଚଳର ଦୁଇଟି ଜିଲ୍ଲାକୁ ଅଲଗା କରାଯାଇ ଏହି ରାଜ୍ୟର ଗଠନ କରାଯାଇଥିଲା । ୨୦୧୪ର ହିସାବ ଅନୁଯାୟୀ ୩୨ଲକ୍ଷ ୧୨ହଜାର ଜନସଂଖ୍ୟା ବିଶିଷ୍ଟ ଏହି ରାଜ୍ୟଟି ଉତ୍ତର ପୂର୍ବାଞ୍ଚଳର ଏକ ଖ୍ରୀଷ୍ଟିଆନବହୁଳ ରାଜ୍ୟ । ଏବେ ୧୨ ଜିଲ୍ଲାରେ ୬୦ଟି ବିଧାନସଭା ଏବଂ ୨ଟି ଲୋକସଭା ଆସନ, ୧ଟି ରାଜ୍ୟସଭା ଆସନ ରହିଛି । ଏହା ମାତୃପ୍ରଧାନ ରାଜ୍ୟ । ପରିବାରର ସାନ ଝିଅ ପରିବାରର ସଂପତ୍ତିର ମାଲିକାଣୀ ହେବା ସହ ପିତାମାତାଙ୍କ ଦାୟିତ୍ୱ ନେଇଥାଏ । ଇଂରେଜମାନେ ଏହାକୁ ପୂର୍ବର ସ୍କଟଲାଣ୍ଡ ବୋଲି କହୁଥିଲେ । ରାଜ୍ୟଟି ଯେମିତି ଛୋଟ ସେମିତି ଆଲୋଚନାରୁ ଦୂରରେ ରହିଛି । କିନ୍ତୁ ଏହାର ଶହେ ବର୍ଷର ଇତିହାସ କିପରି ରାଜ୍ୟର ସଦ୍‌ଭାବ ଓ ସଂସ୍କାରକୁ ବଦଳାଇ ଅରାଷ୍ଟ୍ରୀୟ, ଅସହିଷ୍ଣୁତା, ସଂଘର୍ଷ, ସନ୍ତ୍ରାସ ଆଡକୁ ନେଇଛି ତାହା ଦେଖିଲେ ଜଣାପଡିବ । କାଶ୍ମିରରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପରି ମେଘାଳୟର ହିନ୍ଦୁମାନେ ପୀଡିତ, ଅତ୍ୟାଚରିତ,ବାରମ୍ବାର ବିତାଡିତ ହୋଇ ଆସିଛନ୍ତି । ସ୍ଥାନୀୟ ଚର୍ଚ୍ଚ ଗୋଷ୍ଠୀର ବିଦେଶୀ ଅର୍ଥ ଓ ତତ୍ତ୍ୱର ପ୍ରୟାସ କ୍ରମେ ଏବେ ବି ସେଠାରେ ଜାରିରହିଛି ବ୍ୟାପକ ଧର୍ମାନ୍ତରଣ । ଭାରତକୁ ପର୍ଯ୍ୟଟନର ଭିସାରେ ଆସୁଥିବା ବିଦେଶୀ ଲୋକେ ଉତ୍ତର ପୂର୍ବାଞ୍ଚଳରେ ଧର୍ମାନ୍ତରଣ , ସାମୂହିକ ଉତ୍ସବରେ ସାମିଲ ହେଉଥିବା କଥା ସାଧାରଣ। ନିକଟରେ ଆସାମ ସରକାର ଏହିପରି ଗୋଷ୍ଠୀର ପର୍ଯ୍ୟଟକଙ୍କୁ ଗିରଫ କରି ରାଜ୍ୟରୁ ବିତାଡିତ କରିଥିବା ଖବର ପ୍ରକାଶ ପାଇଥିଲା।

ମେଘାଳୟ ରାଜ୍ୟ ୧୨ଟି ଜିଲ୍ଲାରେ ବିଭକ୍ତ । ସେଗୁଡିକ ହେଲା ରେସୁବେଲପରା, ୱିଲିୟମନଗର, ବାଘମାରା, ତୁରା , ଅମ୍ପାତି, ଜୋଓ୍ୱାଇ, ଖ୍ଲହେରିଆତ୍, ଶିଲଂ , ନଙ୍ଗଷ୍ଟୋଏନ୍, ମାକିରଓ୍ୱାତ, ମୈରାଙ୍ଗ ଏବଂ ନଙ୍ଗ୍‌ପୋ । ଇଂରେଜ ଶାସନ କାଳରେ ଉନବିଂଶ ଶତାବ୍ଦୀରେ ମିଶନାରୀମାନେ ରାଜ୍ୟରେ ଧର୍ମାନ୍ତରଣର ମୂଳଦୁଆ ପକାଇଥିଲେ । ତା ପୂର୍ବରୁ ଏଠାକାର ଜନଜାତି ଲୋକେ ପ୍ରକୃତି ପୂଜକ ରହିଥିଲେ । ୧୮୩୦ ବେଳକୁ ଆମେରିକାନ ବାପଟିଷ୍ଟ ଫରେନ ମିଶନାରୀ ସୋସାଇଟୀ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଅଧିକ ସକ୍ରୀୟ ହୋଇ ଧର୍ମାନ୍ତରଣକୁ ବ୍ୟାପକ କରିଥିଲା । ପରେ ୱେଲ୍‌ସ ପ୍ରେସବିଟାରିଆନ ମିଶନ ଚେରାପୁଞ୍ଜି ଅଞ୍ଚଳରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲା । ଏହାପରେ ବାପ୍‌ଟିଷ୍ଟ ମିଶନାରୀମାନେ କାର୍ଯ୍ୟକୁ ବ୍ୟାପକ କରିଥିଲେ । ରାଜ୍ୟର ଜନଜାତିଙ୍କ ମଧ୍ୟରୁ ୯୦ ପ୍ରତିଶତ ଗାରୋ, ୮୦ ପ୍ରତିଶତ ଖାସୀ, ୯୭ ପ୍ରତିଶତ ହାଜୋଙ୍ଗ, ୯୮ପ୍ରତିଶତ କୋଚ ଏବେ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ହୋଇଥିଲା ବେଳେ କେବଳ ରାଭା ଜନଜାତିର ୯୪ ପ୍ରତିଶତ ଲୋକ ହିନ୍ଦୁ ରହିଛନ୍ତି । ରୋମାନ କ୍ୟାଥୋଲିକ ଚର୍ଚ୍ଚର ରାଜ୍ୟବ୍ୟାପି ପ୍ରଭାବ ରହିଥିଲା ବେଳେ କ୍ୟାଥୋଲିକ ଖ୍ରୀଷ୍ଟିଆନ ସଂଖ୍ୟା ୯ଲକ୍ଷ ୫୦ ହଜାର ରହିଛି । ପ୍ରେସବିଟାରିଆନ୍ ଚର୍ଚ୍ଚ ଅଧିନରେ ପରିଚାଳିତ ଖାସୀ ଜୟନ୍ତିଆ ପ୍ରେସ୍‌ବିଟାରିଆନ୍ ଆସେମ୍ବ୍ଲିର ବିଶ୍ୱାସରେ ୭ଲକ୍ଷ ୫୦ହଜାର ଜନଜାତି ରହିଛନ୍ତି । ସେମିତି ବାପ୍‌ଟିଷ୍ଟ ଚର୍ଚ୍ଚ ଅଧିନସ୍ଥ ଗାରୋ ବାପ୍‌ଟିଷ୍ଟ କନ୍‌ଭେନସନରେ ୫ଲକ୍ଷ ଜନଜାତି ରହିଛନ୍ତି । ଚର୍ଚ୍ଚ ଅଫ୍ ଗଡ ନାମରେ ୧୯୦୨ରେ ଆରମ୍ଭ ହୋଇଥିବା ଏକ ସ୍ଥାନୀୟ ଚର୍ଚ୍ଚ ଅଧିନରେ ପ୍ରାୟ ୧ଲକ୍ଷ ଜନଜାତି ରହିଛନ୍ତି । ମେଘାଳୟର ଧର୍ମାନ୍ତରଣ ଇତିହାସକୁ ଦେଖିଲେ ଜଣାପଡିବ ଯେ ୧୮୩୦ରୁ ୧୯୦୨ ମଧ୍ୟରେ ରାଜ୍ୟରେ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ୬୧୬ ପ୍ରତିଶତ ରହିଥିଲେ । ସେମିତି ଜନଗଣନା ହିସାବରେ ୧୯୦୧ରେ ମାତ୍ର ୨୧ହଜାର ଖ୍ରୀଷ୍ଟିଆନ ରାଜ୍ୟରେ ଥିଲାବେଳେ ପରବର୍ତ୍ତୀ ସମୟରେ ବ୍ୟାପକ ଧର୍ମାନ୍ତରଣ ହୋଇଥିବା କଥା ପରବର୍ତ୍ତୀ ଜନଗଣନାର ହିସାବରୁ ଜଣାପଡିଥାଏ । ୧୯୧୧ରେ ୩୬,୬୯୯ (୭୫ ପ୍ରତିଶତ ବୃଦ୍ଧି), ୧୯୨୧ରେ ୪୮,୭୧୮(୩୨.୮ ପ୍ରତିଶତ ବୃଦ୍ଧି), ୧୯୩୧ରେ ୭୫,୫୩୦ (୫୫ ପ୍ରତିଶତ ବୃଦ୍ଧି), ୧୯୬୧ରେ ୨୭୦,୯୧୦ (୮୧ ପ୍ରତିଶତ ବୃଦ୍ଧି), ୧୯୭୧ରେ ୪୭୫,୨୬୭(୭୫.୪ ପ୍ରତିଶତ ବୃଦ୍ଧି),୧୯୮୧ରେ ୭୦୨,୮୫୪ (୪୭.୯ ପ୍ରତିଶତ ବୃଦ୍ଧି), ୧୯୯୧ରେ ୧୧,୪୬,୦୯୨(୬୩.୧ ପ୍ରତିଶତ ବୃଦ୍ଧି),୨୦୦୧ରେ ୧୬ ,୨୮,୯୮୬ (୪୨.୧ ପ୍ରତିଶତ ବୃଦ୍ଧି),୨୦୧୧ରେ ୨୨,୧.୦୨୭(୩୫.୯ ପ୍ରତିଶତ ବୃଦ୍ଧି ) ହୋଇଛି । ୧୯୦୧ର ୬.୧୬ ପ୍ରତିଶତ ଖ୍ରୀଷ୍ଟିଆନ ଜନସଂଖ୍ୟା ୧୯୫୧ରେ ୨୪.୬୬ ପ୍ରତିଶତ ହୋଇଥିଲା । ଯାହା ୨୦୧୧ ବେଳକୁ ୭୪.୫୯ ପ୍ରତିଶତରେ ପହଞ୍ଚିଥିଲା । ଖାସୀ ଜନଜାତି ୮୩.୧୪ ପ୍ରତିଶତ ଏବଂ ଗାରୋ ଜନଜାତି ୯୫.୮୬ ଏବେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଅଣ ଜନଜାତିଙ୍କ ମଧ୍ୟରେ ୪୧୧,୦୨୮ ଲୋକଙ୍କ ମଧ୍ୟରୁ ୫୫,୧୪୦ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ନେପାଳୀ ଏବଂ ବଙ୍ଗାଳୀ ଲୋକେ ଅଧିକ ରହିଛନ୍ତି । ଏବେ ଶିଲଂ ଏବଂ ଗ୍ରାମାଞ୍ଚଳରେ ଥିବା ମିଶନାରୀମାନେ ରାଜ୍ୟକୁ ଶହେ ପ୍ରତିଶତ ଖ୍ରୀଷ୍ଟିଆନ ରାଜ୍ୟ କରିବା ଲକ୍ଷ୍ୟରେ ବ୍ୟାପକ ଧର୍ମାନ୍ତରଣ ଚଳାଇଛନ୍ତି । ଏହାକୁ ଗ୍ରହଣ କରୁନଥିବା ଲୋକଙ୍କୁ ଯାବତୀୟ ପ୍ରତାଡନାର ଶିକାର ହେବାକୁ ପଡୁଛି। କାଶ୍ମିର ଘାଟୀରେ ହିନ୍ଦୁମାନେ ସଂଖ୍ୟାଲଘୁ ହେବାପରେ ଯେପରି ପ୍ରତାଡନାର ଶିକାର ହୋଇ ଆସିଛନ୍ତି ଠିକ୍ ସେହିପରି ଘଟିଛି ମେଘାଳୟରେ । ଧର୍ମାନ୍ତରଣ ବ୍ୟକ୍ତିକୁ କିପରି ରାଷ୍ଟ୍ରାନ୍ତରିତ କରିଥାଏ ତାହା ଏଠାରେ ବେଶ୍ ସ୍ପଷ୍ଟ । ୨୦୧୯ରେ ନେସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି)ରୁ ଗଣେଶ ମୂର୍ତ୍ତିକୁ ଖ୍ରୀଷ୍ଟିଆନମାନେ ବାହାର କରି ଦେଇଥିଲେ । ୧୯୭୯ରୁ ଏହିଧାରା ହିଂସାତ୍ମକରୂପ ନେଇଆସିଛି । ଏହା ପଛରେ ଚର୍ଚ୍ଚଗୋଷ୍ଠୀର ଉସ୍‌କାଣ ଏବଂ ରାଜନୀତି ରହିଆସିଛି। କିନ୍ତୁ ରାଜ୍ୟ ଗଠନ ପୂର୍ବରୁ ଖ୍ରୀଷ୍ଟିଆନ ପାଦ୍ରୀମାନେ ହିନ୍ଦୁ ଜନଜାତିଙ୍କ ଧାର୍ମିକ ପୂଜାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଖ୍ରୀଷ୍ଟିଆନମାନଙ୍କୁ ହିଂସା ପାଇଁ ପ୍ରୋତ୍ସାହିତ କରି ଆସୁଥିଲେ । ଏହିପରି କ୍ରମାଗତ ଘଟଣାମାନ ସେଠାରେ ଘଟିଆସିଥିଲେ ମଧ୍ୟ ଜାତୀୟ ଗଣମାଧ୍ୟମରେ ଏସବୁ ସ୍ଥାନ ପାଇପାରୁନାହିଁ। ୧୯୭୯ରେ ଶିଲଂ ସହରର ନିକଟବର୍ତ୍ତୀ ଲାଇତୁମ୍‌ଖ୍ରାଠାରେ ଏକ କାଳିପୂଜା ପେଣ୍ଡାଲରେ ପ୍ରବେଶକରି ଖ୍ରୀଷ୍ଟିଆନ ଗୋଷ୍ଠୀ କାଳିମୂର୍ତ୍ତିକୁ ଭାଙ୍ଗିଥିଲେ । ହିନ୍ଦୁମାନେ ସେହି ଘଟଣାର ବିରୋଧ କରିବା ପରେ ଖ୍ରୀଷ୍ଟିଆନ ଖାସୀ ଗୋଷ୍ଠୀର ଲୋକେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କଲେ । ଏପରିକି ଜନଜାତି ଗ୍ରାମସଭା (ଦରବାର ସ୍ନୋନୋଙ୍ଗ୍)ରେ ହିନ୍ଦୁ ବ୍ୟବସାୟୀମାନଙ୍କୁ ଦୋକାନ -ବଜାର ବନ୍ଦ କରିବାକୁ ଅର୍ଥଦଣ୍ଡ ଜାରିହେଲା । ଖାସୀ ଗୃହମାଲିକଙ୍କୁ ହିନ୍ଦୁ ଭଡାଟିଆଙ୍କୁ ଘରୁ ତଡିଦେବା ଲାଗି କୁହାଗଲା । ହିନ୍ଦୁମାନଙ୍କୁ ମନ୍ଦିର ଛଡା ଅନ୍ୟ କୌଣସି ସ୍ଥାନରେ ପୂଜା କରିବାକୁ ବାରଣ କରାଗଲା । ଏହି ଆକ୍ରମଣରେ ଅନେକ ହିନ୍ଦୁଙ୍କ ଘର ଲୁଟ୍ ହେଲା । ଦୋକାନଘରେ ନିଆଁ ଲଗାଇ ଦିଆଗଲା । ହିନ୍ଦୁମାନଙ୍କୁ ହତ୍ୟା କରାଗଲା । ଭାରତ- ବଙ୍ଗଳାଦେଶ ସୀମା ନିକଟସ୍ଥ ଲାଇଟଲିଂକୋଟ ଗ୍ରାମ ନିକଟରେ ଶିଲଂ-ଦାଓ୍ୱକୀ ସଡକ ଉପରେ ଏକ ଚଳନ୍ତା ବସ୍ ଭିତରୁ ୮ଜଣ ହିନ୍ଦୁଙ୍କୁ ଟାଣିଆଣି ପଥରମାଡ କରି ହତ୍ୟା କରାଯାଇଥିଲା । ଏହି ଘଟଣାପରେ ପ୍ରାୟ ୨୦ହଜାର ହିନ୍ଦୁଲୋକ ଅଞ୍ଚଳଛାଡି ଚାଲିଯାଇଥିଲେ । କିନ୍ତୁ ସବୁଠୁ ଚକିତ ହେବାର କଥା ହେଲା ଯେ ଏହିସବୁ ଘଟଣା ସତ୍ତ୍ୱେ ଆଜିଯାଏ ଜଣେ ବି କେହି ବ୍ୟକ୍ତି (ହିନ୍ଦୁ ବିରୋଧୀ)ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡ ପ୍ରଦାନ ହୋଇନାହିଁ । ଅଣହିନ୍ଦୁମାନଙ୍କୁ ବାହାରଲୋକ ବା ଢକାର ବୋଲି କୁହାଯାଇ ସେମାନଙ୍କ ବିରୋଧରେ ହିଂସାକାଣ୍ଡ ଜାରି ରହିଛି । ଖାସୀ ଷ୍ଟୁଡେଣ୍ଟସ୍ ୟୁନିଅନ ନାମକ ସଂଗଠନ ଅଣହିନ୍ଦୁମାନଙ୍କୁ ରାଜ୍ୟରୁ ତଡିବାକୁ ଏକ ଯୋଜନାବଦ୍ଧ ସନ୍ତ୍ରାସୀ ଉପାୟ ଅବଲମ୍ବନ କରିଆସିଛି । ସମୟେ ସମୟେ ସେମାନଙ୍କ ବିରୋଧରେ ଅନୁପ୍ରବେଶକାରୀ ଆନ୍ଦୋଳନ ଆହ୍ୱାନ ଦିଆଯାଇ ସେମାନଙ୍କୁ ଜୋରକରି ଅଞ୍ଚଳରୁ ତଡା ଯାଇଛି । କାଶ୍ମିର ସନ୍ତ୍ରାସବାଦୀମାନଙ୍କର କାଶ୍ମିର ଘାଟୀରେ ଅଣ-କାଶ୍ମିରୀ ଲୋକଙ୍କ ବିରୋଧରେ ଯେପରି ଷଡଯନ୍ତ୍ର ଜାରିରହିଛି ଏହି ଷଡଯନ୍ତ୍ର ଠିକ୍ ସେହି ପ୍ରକାରର । ରାଜ୍ୟରେ ବଙ୍ଗଳାଦେଶୀ ମୁସଲିମଙ୍କ ସଂଖ୍ୟା ଢେର ବଢିଥିଲେ ମଧ୍ୟ ଖାସୀମାନଙ୍କ ଷଡଯନ୍ତ୍ର କେବଳ ହିନ୍ଦୁମାନଙ୍କୁ ଟାର୍ଗେଟ କରି ଚାଲିଆସିଛି। ୧୯୯୦ ଦଶକର ଆରମ୍ଭରୁ ରାଜନେତାମାନଙ୍କ ହାତବାରିସୀ ଭାବେ ଏଠାକାର ସନ୍ତ୍ରାସବାଦୀ ଗୋଷ୍ଠୀ କାର୍ଯ୍ୟ ଆରମ୍ଭ କଲେ । ହିନ୍ଦୁ ବ୍ୟବସାୟୀଙ୍କଠାରୁ ଜୋର୍ କରି ଚାନ୍ଦା ଆଦାୟ କରିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ରହିଲା। ଏପରିକି ପ୍ରାଧ୍ୟାପକ, ଡାକ୍ତର, ଓକିଲ, ସରକାରୀ କର୍ମଚାରୀମାନଙ୍କଠାରୁ ମଧ୍ୟ ଜୋର୍ କରି ଏମାନେ ଚାନ୍ଦା ଆଦାୟ କରିବାକୁ ଲାଗିଲେ । ରାଜ୍ୟର ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡିକରେ ଯୀଶୁଙ୍କ ଫଟୋ ସ୍ଥାନ ପାଉଥିଲା ବେଳେ ଡାକ୍ତରଖାନା ରୋଗୀଙ୍କୁ ବାଇବେଲ ପଢିବାକୁ ବାଧ୍ୟ କରାଯାଇ ସେମାନଙ୍କୁ ବାଇବେଲ କପି ଧରାଇ ଦିଆଗଲା । ସରକାରୀ ଡାକ୍ତରଖାନା, ଶିଲଂରେ ଆଜି ମଧ୍ୟ ଏହା ଏକ ସାଧାରଣ ବିଷୟ। ଚଳିତ ବର୍ଷ ୨୦ ଜାନୁଆରୀ ୨୦୨୨ ତାରିଖ ଦିନ ଶିଲଂ ସହରର ଖ୍ଣ୍ଡାଇଲାଡଠାରେ ୧୯୭୯ ହିନ୍ଦୁ ଗଣହତ୍ୟା, ୧୯୮୭ ହିଂସା ବିରୋଧରେ ଶୋଭାଯାତ୍ରା ଚାଲିଥିଲା ବେଳେ ଲୁମଡିଏନ୍‌ଗ୍ରୀ ପୁଲିସଥାନା ସମ୍ମୁଖରେ ଖ୍ରୀଷ୍ଟିଆନ ଗୋଷ୍ଠୀ ଆକ୍ରମଣ କରିଥିଲେ । ଯେଉଁଥିରେ ଦୁଇ ମୁସଲିମଙ୍କ ସମେତ ତିନିଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ।

କାଶ୍ମିରରେ ୩୭୦ଧାରା ଥିବା ସମୟର ଆଇନ ପରି ମେଘାଳୟରେ ମେଘାଳୟ ରାଜ୍ୟର ବାହାର ଲୋକଙ୍କୁ ଇନରଲାଇନ୍ ପରମିଟ୍ ସିଷ୍ଟମ-୧୮୭୩ ଅନୁଯାୟୀ ପ୍ରବେଶାଧିକାର ଦେବାକୁ ମେଘାଳୟର ୧୭ଟିକିଆ ସଂଗଠନ କନ୍‌ଫେଡେରେସନ ଅଫ୍ ମେଘାଳୟ ସୋସିଆଲ ଅର୍ଗାନାଇଜେସନ ଦାବି କରି ଆସୁଛି । ୨୦୨୦ଫେବୃଆରୀ୨୮ରେ ସିଏଏ ବିରୋଧୀ ଆନ୍ଦୋଳନ ବେଳେ ଜଣେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନର ସମର୍ଥକ ଲୁର୍ସାଇ ହିନ୍ନିଓ୍ୱତାରର ହିଂସାକାଣ୍ଡରେ ମୃତ୍ୟୁପରେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନ ଏଥିପାଇଁ ହିନ୍ଦୁଙ୍କୁ ଦାୟୀ କରି ସହରସାରା ବ୍ୟାନର ଟାଙ୍ଗିବା ଦେଖାଯାଇଥିଲା । ଏହା ପରେ ବଙ୍ଗଳାଦେଶ ସୀମାବର୍ତ୍ତୀ ଭୋଳାଗଞ୍ଜ ଏବଂ ଇଚ୍ଛାମତି ଅଞ୍ଚଳରେ ହିନ୍ଦୁ ମହିଳା ଏବଂ ଶିଶୁମାନଙ୍କୁ ଖ୍ରୀଷ୍ଟିଆନ ଗୋଷ୍ଠୀ ହଇରାଣ ହରକତ କରିବା ଅଭିଯୋଗ ହୋଇଥିଲା । ଏହି ଖାସୀମାନଙ୍କ ସ୍ଲୋଗାନ ହେଲା "ଆମେ ରକ୍ତରେ ଖାସୀ, ଦୁର୍ଘଟଣାବଶତଃ ଭାରତୀୟ" । ଏହି ସ୍ଲୋଗାନ ଲେଖାର ବ୍ୟାନର ଶିଲଂ ସହରରେ ଲାଗିଥିବା ଦେଖାଯାଇଥାଏ । ଚଳିତବର୍ଷ ହିନ୍ନିଉଟ୍ରେପ ନେସନାଲ ଲିବରେସନ କାଉନସିଲ (ଏଚ୍‌ଏନ୍‌ଏଲ୍‌ସି) ପକ୍ଷରୁ ହିନ୍ଦୁମାନେ ଏକମାସ ମଧ୍ୟରେ ପୂର୍ବଖାସୀ ପାହାଡର ସେଲ୍ଲା ଅଞ୍ଚଳରୁ ମାସକ ଭିତରେ ବାହାରିଯିବା ପାଇଁ ଧମକ ଦେଇଥିଲା । ଏହା ପରେ ଲୋକେ ଭୟଭୀତ ହୋଇ ଜଙ୍ଗଲ ମଧ୍ୟକୁ ପଳାଇଥିଲେ । ୨୫୦ଲୋକଙ୍କୁ ଆସାମର ତଳ ଅଞ୍ଚଳରୁ ଆସାମ ସରକାର ଉଦ୍ଧାର କରିଥିଲେ । ଏହି ବିଷୟକୁ ସିଲଚର ସାଂସଦ ରାଜଦୀପ ରାୟ ସଂସଦରେ ମଧ୍ୟ ଉଠାଇଥିଲେ। ୧୯୮୭ରେ ନେପାଳୀଙ୍କ ବିରୁଦ୍ଧରେ ଖ୍ରୀଷ୍ଟିଆନ୍ ଗୋଷ୍ଠୀଙ୍କ ଆକ୍ରମଣ ଯୋଗୁ ଶିଲଂରେ ଏକବର୍ଷ ଯାଏଁ କର୍ଫ୍ୟୁ ଲାଗି ରହିଥିଲା । ହଜାର ହଜାର ଲୋକଙ୍କ ଗୃହଦାହ ଯୋଗୁ ସେମାନେ ଅଞ୍ଚଳ ଛାଡିବାକୁ ବାଧ୍ୟ ହୋଇଥିଲେ । ଏହି ହିଂସାକାଣ୍ଡ ପଛରେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନ ରହିଥିଲା । ୧୯୯୨ରେ ବିହାରୀ ଚାଷୀମାନଙ୍କୁ ଏହି ଗୋଷ୍ଠୀ ଟାର୍ଗେଟ କରି ସେମାନଙ୍କ ଗୋଶାଳାରେ ନିଆଁ ଲଗାଇ ଜିଅନ୍ତା ଗୋରୁମାନଙ୍କୁ ପୋଡି ମାରି ଦେଇଥିଲେ । ୨୦୧୮ରେ ଶିଖ ଦଳିତଙ୍କୁ ଟାର୍ଗେଟ କରାଯାଇଥିଲା ।୨୦୨୦ରେ ପଶ୍ଚିମଗାରୋ ହିଲସ୍ ଜିଲ୍ଲାର ମେରେଙ୍ଗାପଡାଠାରେ ନିର୍ମିତ କାଳିମନ୍ଦିରକୁ ଖ୍ରୀଷ୍ଟିଆନ ସନ୍ତ୍ରାସବାଦୀ ଗୋଷ୍ଠୀ ଭାଙ୍ଗି ଦେଇଥିଲେ । ୨୦୧୯ରେ ପୂର୍ବ ଖାସୀ ଜିଲ୍ଲା ଅନ୍ତର୍ଗତ କୋଙ୍ଗଥୋଙ୍ଗଠାରେ ହିନ୍ଦୁ ଜନଜାତିଙ୍କ ପୂଜାସ୍ଥଳୀକୁ ଖ୍ରୀଷ୍ଟିଆନ ଗୋଷ୍ଠୀ ନଷ୍ଟ କରିଥିଲେ । ଏହି ଘଟଣା ସମୟରେ ସ୍ଥାନୀୟ ପୁଲିସ ଏବଂ ମାଜିଷ୍ଟ୍ରେଟ ମଧ୍ୟ ଚୁପ୍ ହୋଇ ଛିଡା ହୋଇଥିଲେ । ଏହିସବୁ ଘଟଣାରୁ ମେଘାଳୟ କିପରି କାଶ୍ମିର ମାର୍ଗରେ ଯାଉଛି ତାହା ଜଣାପଡୁଛି । ଏଥିପାଇଁ ସମସ୍ତେ ଚିନ୍ତା କରିବା ଆବଶ୍ୟକ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୩୮




*(ପୂର୍ବପ୍ରକାଶ ଉତ୍ତାରୁ)*

ସଲଖି ଛିଡା ହୋଇପାରୁନି ବୋଲି ସେ ଆଉ ବିଶେଷ କାମ କରିପାରୁନି। ଖାଲି ବସିବା କାମ କିଛି କରୁଛି। ସାନବାବୁ ସାନମାଲିକାଣୀଙ୍କୁ ନେଇ ବାହାରକୁ ବୁଲି ଯାଇଛନ୍ତି ବୋଲି ଲୀନାର କୋଉଥିରେ ବି ମନଲାଗୁନି। ତାଙ୍କର ଗୋଟିଏ ଝଲକ ବି ସାରାଦିନ ପାଇଁ ମନତଳେ ବିଶ୍ୱାସ ଭରିଦେଉଥିଲା। ହେଲେ ଆଜିକାଲି ସେ ଝଲକ ପାଇବାର ଭାଗ୍ୟ ଜୁଟୁନି। ଦିନରାତି ପାଣି ପରି ବହିଯାଉଛି।

ମାଲିକାଣୀ ସେଦିନ ତା ବାହାଘରକୁ ନେଇ କଣ କହୁଥିଲେ ଜେଜେମା'କୁ। ଲୀନା କାନରେ ପଡିଯାଇଥିଲା କିଛି। ମାଲିକାଣୀ ବି ଏବେ ଚାହାନ୍ତିନି ତା ବିବାହ। ସେ ଆଜି ବି ଠିକ୍ ସେ ପୁରୁଣାଦିନ ଭଳି ସ୍ୱାର୍ଥପର! ସେଦିନ ନିଜ ସଂସାର ପାଇଁ ଜେଜେ ମାଆର ଜୀବନ ବାଜି ଲାଗିଥିଲା। ଆଉ ଆଜି ନିଜର ଏକମାତ୍ର ପୁଅର ସୁରକ୍ଷା ଓ ସେବାପାଇଁ ତା ଜୀବନ ବି ବାଜି ଲାଗିବ। ମାଲିକାଣୀ ନିଜ ବ୍ୟତୀତ ଅନ୍ୟକାହାରିକୁ ବୁଝନ୍ତିନି କି ଚେଷ୍ଟା ବି କରନ୍ତିନି। ହେଲେ ଲୀନା ବି ତ ବିବାହ ଚାହେଁନି। ଜେଜେ ମାଆକୁ ସେ ହୁଏତ ବୁଝାଇ ପାରିନଥାନ୍ତା। ହେଲେ ମାଲିକାଣୀଙ୍କ ଆଗୁଆ ନିଷ୍ପତ୍ତି ତା ପାଇଁ ବରଦାନ । ଜେଜେ ମା' ତା ବିବାହକୁ ନେଇ ଚିନ୍ତା ଛାଡିଦେବ ଦିନା କେତେ! କାରଣ ସେ ପୂର୍ବଭଳି ଆଜି ବି ମାଲିକାଣୀଙ୍କ କଥାକୁ ଭାଙ୍ଗିପାରେ ନାହିଁ। ଯଦିଓ ତାଙ୍କ ଉଦ୍ଦେଶ୍ୟଟି ବୁଝିପାରେ ଭଲଭାବେ।

ପ୍ରାୟ ଦଶଦିନ ପରେ ବାହାରଗସ୍ତରୁ ଫେରିଲେ ସାନବାବୁ ଓ ସାନ ମାଲିକାଣୀ। ଖୁବ୍ ମସ୍ତିରେ ବୁଲାବୁଲି ସାରି ସେମାନେ ଫେରିଛନ୍ତି। ସାଙ୍ଗରେ କେତେ ଉପହାର..। ଦିଲ୍ଲୀରେ ସାନ ମାଲିକାଣୀଙ୍କର ଦାଦା ବ୍ୟବସାୟ କରନ୍ତି। ଖୁବ୍ ବଡ ଇଣ୍ଡଷ୍ଟ୍ରି ତାଙ୍କର । ତାଙ୍କର କେହି ପିଲା ନାହାନ୍ତି ବୋଲି ସେ ସାନ ମାଲିକାଣୀଙ୍କୁ ନିଜ ଝିଅ ପରି ଦେଖନ୍ତି, ତାଙ୍କ ସୁଖଦୁଃଖ ବୁଝନ୍ତି। ଆଉ ସାନ ମାଲିକାଣୀଂକ ପିଲାଦିନ ସେମାନଙ୍କ ସହିତ ଦିଲ୍ଲୀରେ କଟିଥିଲା। ତେଣୁ ଦିଲ୍ଲୀ ପ୍ରତି ତାଙ୍କର ଅହେତୁକ ମାୟା। ସେ ଏତେ ଶୀଘ୍ର ଆସିବାକୁ ମନ କରୁନଥିଲେ ବି ସାନବାବୁ ତାଙ୍କୁ ବାଧ୍ୟକରି ନେଇଆସିଲେ। ଏପଟେ ନିଜ ବ୍ୟବସାୟ ଦେଖିବାକୁ କେହିନାହାନ୍ତି ବୋଲି।

କିନ୍ତୁ ସେ କଥା ଦେଇଛନ୍ତି ତାଙ୍କୁ ପୁଣିଥରେ ଦିଲ୍ଲୀ ଯିବା ନେଇ ଯିବାପାଇଁ । ସାନମାଲିକାଣୀ ଘରର ପରିବେଶ ସହିତ ପରିଚିତ ହେବାକୁ ଚେଷ୍ଟା କରୁଛନ୍ତି ଧୀରେଧୀରେ। ହେଲେ ତାଙ୍କ ହାବଭାବକୁ ଦେଖିଲେ ମନେହେଉଛି ସେ ଏଠିକା ପରିବେଶକୁ ଆପଣେଇ ନେଇ ପାରୁନାହାନ୍ତି ସହଜରେ। ରକ୍ଷଣଶୀଳତା ଭିତରେ ନିଜକୁ ବାନ୍ଧି ପାରୁନାହାନ୍ତି।

ଦ୍ୱିତୀୟ ଥର ପାଇଁ ସାନ ମାଲିକାଣୀଙ୍କ ସହିତ ଦିଲ୍ଲୀଯାଇ ସାନବାବୁ ସିନା ଫେରିଆସିଛନ୍ତି, ହେଲେ ସେ କିନ୍ତୁ ଆସିନାହାନ୍ତି ଏଥରକ। ଏଠିକାର ପାଣିପାଗରେ ତାଙ୍କୁ କୁଳାଉନି କାଳେ। ସକାଳୁ ଉଠି ଗାଧୋଇବା..ଶୁଦ୍ଧ ଶାକାହାରୀ ଭୋଜନ, ଅମୁକଓଷା ବ୍ରତ ଇତ୍ୟାଦି ହଜାରେ କାଇଦା.. ସେସବୁ କୁଆଡେ ତାଙ୍କ ଦେହରେ ଯାଉନି। ଏମିତିରେ ସେ ରୂଢ଼ିବାଦୀ ଚିନ୍ତାଧାରା ଓ ଏ ପ୍ରକାରର ଚଳଣି ତଥା ପରମ୍ପରାକୁ ନାପସନ୍ଦ କରନ୍ତି। ଏକଥା ସେ ରୋକଠୋକ୍ ଭାବେ ଜଣାଇ ଦେଇଛନ୍ତି ସାନବାବୁଙ୍କୁ। ସେଥିପାଇଁ ମାଲିକ ଓ ମାଲିକାଣୀଙ୍କ ମନରେ ଆଘାତ ଲାଗିଛି। ସେମାନଙ୍କ ଅବଶୋଷ ଯେ ସେ ବୋହୂ ସୁଖ କଣ ଜାଣିପାରିଲେନି। ବୋହୂ ବି କେବେ ଥରୁଟିଏ ପାଇଁ ଶାଶୁ ଶ୍ୱଶୁରଙ୍କ ଭଲମନ୍ଦ ବୁଝିନି। ତାଙ୍କର ମତାମତ ଲୋଡି ନାହିଁ। ସେ ଖାଲି ନିଜ ଜୀବନ ଶୈଳୀ ଭିତରେ..! ଦିନରାତି ଖାଲି ଫୋନ୍, ଟି.ଭିର ସେ ଲଙ୍ଗୁଳି ଚ୍ୟାନେଲ୍ ଆଉ ସାଙ୍ଗସାଥୀମାନଂକ ସହିତ ବାର୍ତ୍ତାଳାପ।

ପୁଅ ଅଫିସ୍‌ରୁ ଘରକୁ ଆସିଲେ ତା ସହିତ..ସେ ନିବୁଜ ଘରଟାରେ ଗପସପ ନହେଲେ ବାହାରକୁ ବୁଲିବାକୁ ଯିବା ହିଁ ତାର ରୀତିମତ ଅଭ୍ୟାସ। କେବେକେବେ ସାନ ମାଲିକାଣୀଙ୍କ ପରିଚିତ ବନ୍ଧୁ କେତେ ଜଣ ଘରକୁ ବୁଲିଆସନ୍ତି। ସେମାନଙ୍କ ବ୍ୟତୀତ ଅନ୍ୟକାହା ସହିତ ସେ ମିଶିବାକୁ କିମ୍ବା କଥା ହେବାକୁ ଉଚିତ୍ ମଣନ୍ତି ନାହିଁ। ବିବାହପରଠାରୁ ଖାଲି ଦିଲ୍ଲୀ ଯିବା ଓ ରହିବା..ସବୁକିଛି ଚିରାଚରିତ। ଏସବୁ ମାଲିକ ଓ ମାଲିକାଣୀଙ୍କ ମନକଥା ଯାହା ଅକୁହା ବେଦନାରେ ରୂପାନ୍ତରିତ ଆଜିକାଲି। କାହାରିକୁ କହି ହୁଏନି କି ସହି ବି ହୁଏନି। ଏସବୁର ନୀରବ ପ୍ରତିବାଦ ସାନବାବୁ ବୁଝିପାରନ୍ତି।

ସେ ସାନମାଲିକାଣୀଙ୍କୁ ଯେତେ ବୁଝାଇଲେ ବି ସେ ବୁଝୁନାହାନ୍ତି। ତାଙ୍କୁ କୁଆଡେ ଏ ଜାଗା ଭଲ ଲାଗୁନାହିଁ। ସେ ଚାହୁଁଛନ୍ତି ଏଠାକାର କାମ ଛାଡି ସାନବାବୁ ବି ଦିଲ୍ଲୀ ଯାଇ ତାଙ୍କ ଦାଦାଙ୍କ ବିଜିନେସ୍ ସମ୍ଭାଳନ୍ତୁ ଏବଂ ସେଇଠି ସବୁଦିନ ପାଇଁ ସେଟଲ୍ ହୋଇଯାନ୍ତୁ ବୋଲି।

ଏ କଥାରୁ ଦୁହିଁଙ୍କ ଭିତରେ ମାନ ମନାନ୍ତର। ସାନବାବୁ ତାଙ୍କୁ ସେଇଠି ଛାଡି ବିରକ୍ତ ହୋଇ ଚାଲି ଆସିଛନ୍ତି ଘରକୁ। ସେବେଠାରୁ ସେମାନଂକ ଭିତରେ ସଂପର୍କ ଆଉ ପୂର୍ବ ଭଳି ନାହିଁ। ସାନ ମାଲିକାଣୀ ସବୁବେଳ ପାଇଁ ସେଇଠି। ସାନବାବୁ ଏପଟ ସେପଟ ହୋଇ ବିରକ୍ତ ହୋଇଯାନ୍ତି। ଯାହାହେଲେ ବି ସେ ତାଙ୍କ ବାପମାଆଙ୍କୁ ଛାଡି କୁଆଡେ ରହିପାରିବେ ନାହିଁ ବୋଲି ତାଙ୍କୁ ସ୍ପଷ୍ଟ ଭାବେ କହିସାରିଛନ୍ତି। ସେ ବି ଆଉ ଶାଶୁଘରକୁ ଆସିବେ ନାହିଁ ବୋଲି ନାସ୍ତିବାଣୀ ଜଣାଇ ସାରିଛନ୍ତି।

ନିଜେ ବଡ ମାଲିକ ଦିଲ୍ଲୀଯାଇ ତାଙ୍କୁ ବୁଝାସୁଝା କରି ଘରକୁ ଆଣିଥିଲେ। କିଛିଦିନ ଚଳିବା ପରେ ପୁଣି ସେ ଚାଲିଗଲେ ଦିଲ୍ଲୀ। ଘରେ ଥିଲାବେଳେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସବୁବେଳେ ଝଗଡା ଲାଗି ରହୁଥିଲା। ଆଜିକାଲି ସେମାନେ ସ୍ଥାନ କାଳ ପରିବେଶ ଓ ପାତ୍ର ଭୁଲି ଯାଇ କେବଳ ତର୍କ ହିଁ କରନ୍ତି। ଯାହା ମାଲିକ ଓ ମାଲିକାଣୀଙ୍କୁ ଭଲ ଲାଗେନାହିଁ। ମାଲିକାଣୀ ଆଜିକାଲି ଗୁମୁରି କାନ୍ଦନ୍ତି। ଆଗଭଳି କାହାମୁହଁରେ ହରସ ନାହିଁ। ସମସ୍ତେ ଦୁଃଖୀ ପାଲଟି ଯାଇଛନ୍ତି । ଯାହା ମୁହଁକୁ ଚାହିଁବ ବେଜାଏ ଦୁଃଖରେ ଜୁଡୁବୁଡୁ ଯେପରି! ଭିତିରି ଯନ୍ତ୍ରଣାରେ କୁହୁଳୁ ଥିବେ। ଅଥଚ ନିଜଭିତରେ ନୀରବ ଥିବେ। ଲାଗିବ ଜୀବନର ଗତି ଥମିଯାଇଛି ସତେଯେମିତି! କାହିଁକି କେଜାଣି ଅନ୍ଧକାର ଗ୍ରାସ କରିଯାଇଛି ସମଗ୍ର ଘରଟାକୁ। ଅଥଚ ପ୍ରବୋଧନା ଦେବାକୁ କାହାଓଠରେ ବି ଭାଷାନାହିଁ।

ଆଜିକାଲି ସାନ ମାଲିକାଣୀ ଘରକୁ ଆସିଲା ମାତ୍ରେ ପାର୍ଟିର ଆୟୋଜନ ହୁଏ। ଉପର ମହଲାକୁ ଯିବାପାଇଁ ୧୦୪ଧାରା ଲାଗୁ ହୋଇଯାଏ। ନିଷିଦ୍ଧାଂଚଳ ଭାବେ ଘୋଷିତ ହୁଏ ସେ ଅସ୍ଥିରତା ସୃଷ୍ଟି କରୁଥିବା ମହଲାଟି। ସାନବାବୁ ପ୍ରାୟ ଅଫିସ୍‌ରେ ବ୍ୟସ୍ତ ଥାନ୍ତି ସେତେବେଳେ। ସେ ଏ ପାର୍ଟିକୁ ପସନ୍ଦ ନକଲେ ବି ଅଶାନ୍ତି ସୃଷ୍ଟି ହେବା ପାଇଁ ପ୍ରତିରୋଧ ବି କରିପାରନ୍ତିନି। ସାନ ମାଲିକାଣୀଙ୍କ ଡାକରାରେ ଲୀନା କେବଳ ସେଠିକୁ ଯାଇ କିଛି ଜିନିଷପତ୍ର ଦେଇ ଆସେ। କବାଟ ବନ୍ଦକରି ତା ଭିତରେ ସେମାନେ ଶ୍ରୁତିକଟୁ ଗୀତ ବଜାଇ ଉଦ୍ଦଣ୍ଡ ନୃତ୍ୟ ବି କରନ୍ତି। ବାସ୍, ସେସବୁ ସରିବା ପରେ ଲୀନା ସେଠାକୁ ସଫାସଫି କରିବାକୁ ଯାଏ। ଯାହା ଦେଖେ ନିଜଆଖିକୁ ବିଶ୍ୱାସ କରିପାରେନି।

ମନ୍ଦିର ଭଳି ସଫା ସୁତୁରା ପରିବେଶଟି ହଠାତ୍ ନର୍କରେ ପରିଣତ ହୋଇଯାଏ। ସେଠାରେ ମୁଣ୍ଡ ପିଟି ଗଡୁଥାନ୍ତି ଗୁଡିଏ ମଦ ବୋତଲ। ନିଜର ଅକ୍ଷମତା ପ୍ରକାଶ କରି ଏଣେତେଣେ ଉଡି ବୁଲୁଥାନ୍ତି ସ୍ନାକ୍ସ ଜରିମାନ। ଘର ଭିତରୁ ଭାସିଆସେ ମଦର ତୀବ୍ରଗନ୍ଧ, ଯାହା ଧୀରେ ଧୀରେ ସଂଚରିଯାଏ ଠାକୁର ଘର, ତଳମହଲା, ଫୁଲ ବଗିଚା ଓ ଆଖପାଖ ସ୍ଥାନମାନଙ୍କରେ। ମାଲିକାଣୀ ଚମକି ପଡନ୍ତି। ଇତଃସ୍ତତ ହୋଇ ବିଳାପ କରିଉଠନ୍ତି "ଆଲୋ ମୋ ଠାକୁରଘର ପରା ସେ କଣରେ..ଏ ଦୁର୍ଗନ୍ଧ ସେଠିକୁ କାଳେ ଚାଲିଯିବ, ଲୀନା ଯାଆ..ଠାକୁର ଘରେ ଧୂପବତୀ ଚାରିଟା ଲଗାଇଦେ'। ସବୁ ଝରକା, କବାଟ ବନ୍ଦ କରିଦେ' ସେ ଘରର। ମୋ ଦେବାଳୟକୁ ସେ ଆଜି କଣ ବେଶ୍ୟାଳୟ ବନାଇ ଦେଲା"? ନୀରବରେ ଅଶ୍ରୁମୋଚନ କରନ୍ତି ସେ। ହେଲେ ଆଉ କିଛି ବାଟ ନଥାଏ ସେମାନଙ୍କ ପାଖରେ।

ପୁଣି ସମୟାନ୍ତରରେ ସେ ଘରେ ଅନୁଷ୍ଠିତ ହୁଏ ଏଭଳି ଅପସଂସ୍କୃତିର ନାଟକ। ଆଉ ଆଖି ମେଲି ଦେଖନ୍ତି ଯେତେ ସବୁ ଅସହାୟ ଲୋକ। ଅଥଚ ପାଟି ଖୋଲିବାର ଯୁ' ନଥାଏ ସେମାନଙ୍କର! ବତାସ ଆସି ସବୁ କିଛି ଉଡେଇ ନେବା ଭୟରେ ହୁଏତ ସେମାନେ ଛାନିଆଁ ହୋଇଯାଆନ୍ତି। ପାର୍ଟି ସରିବାବେଳକୁ ହଲି ଦୋହଲି କେଇଟା ଅର୍ଦ୍ଧଚେତନ ଶରୀର ଅଗ୍ରସର ହୁଅନ୍ତି ସେମାନଙ୍କ ପାଇଁ ପୂର୍ବରୁ ଅପେକ୍ଷା କରିଥିବା ଗାଡିଟି ପାଖକୁ। ସାନମାଲିକାଣୀ ବି ଅଚେତନ ହୋଇ ପଡିଥାନ୍ତି ତାଙ୍କ ବେଡ୍ ଉପରେ। ଅସଂଯତ ବେଶବାସ..ଇସ୍, ତାଭିତରୁ ତାଙ୍କ ବିଶୃଂଖଳିତ ଯୌବନର ଜ୍ୱାଳା ଦିଶିଯାଏ ଜକଜକ ହୋଇ। ମାଂସାଳ ଦେହର ପ୍ରତିଟି କୋଣ ଅନୁକୋଣ ପ୍ରଦର୍ଶିତ ହୁଏ ଅଶ୍ଳୀଳ ଭାବରେ କୌଣସି ଏକ ଅନ୍ତର୍ବାସର ବିଜ୍ଞାପନ ପରି!

ଲାଗେ ତାଙ୍କ ଭିତରେ ଅବଦମିତ କ୍ଷୁଧା.. ଯାହାକୁ ପ୍ରଶମିତ କରିବାକୁ ବୋଧହୁଏ ସାନବାବୁ ଅକ୍ଷମ। ସେଥିପାଇଁ ସେ ଆଜି ଉଦ୍ଭ୍ରାନ୍ତ,ବିଶୃଂଖଳିତ। ତାଙ୍କ ଦେହ ଓ ମନର କାମନା ବାସନା କଣ ଏତେ ତୀବ୍ର, ଯାହାପାଇଁ ସେ ନିଜ ନାରୀତ୍ୱକୁ ଅବମାନନା କରନ୍ତି! ନିଜର ଲଜ୍ଜାକୁ ଏମିତି ନିଲାମ କରିଦିଅନ୍ତି!! ଏସବୁ ବାଦ୍ ଆଉକଣ କିଛିନାହିଁ ଜୀବନରେ? ଏମାନେ ତୁଚ୍ଛ ଦେହବାଦୀ! ଦେହସର୍ବସ୍ୱ ମଣିଷମାନେ ଅନ୍ୟ ବିଷୟକୁ, ଅନ୍ୟର ତ୍ୟାଗପୂତ ଜୀବନ ଶୈଳୀକୁ ବୁଝିପାରନ୍ତି ନାହିଁ। ଏଗୁଡାକ 'ରବିସ୍' କହି ବାଟକାଟି ଚାଲିଯାଆନ୍ତି ଆଗକୁ। ଅନ୍ଧକାରକୁ ସୂର୍ଯ୍ୟାଲୋକ କହି ଆଲୋକର ଅବମାନନା କରିବସନ୍ତି!

ସାନମାଲିକାଣୀ ବୋଧହୁଏ ସାନବାବୁଙ୍କଠାରୁ ବାରମ୍ବାର ଉପେକ୍ଷିତ ହୋଇ ତାଙ୍କୁ ଆଘାତ ଦେବାକୁ ଏପରି ନାଟକ କରୁଛନ୍ତି। ଏସବୁର ପୁନରାବୃତ୍ତିରେ ଅତିଷ୍ଠ ହୋଇ ସାନବାବୁ ମୁହଁ ଖୋଲିଛନ୍ତି। ପରିଣାମ ସ୍ୱରୂପ ଗୁଡିଏ କଳିତକରାଳ ଭିତରେ ସାନ ମାଲିକାଣୀ ପୁଣି ଚାଲିଯାଇଛନ୍ତି ଦିଲ୍ଲୀ। ନା ଏଥର ବି ନିଜ ସ୍ୱାମୀଙ୍କୁ ସେ ବୁଝାଇ ପାରିଲାନି ନିଜ ଆଦବ କାଇଦା। ସେ ବି ବୁଝିବାକୁ ଚାହାନ୍ତିନି ଏସବୁ। ସବୁବେଳେ କାମ ଓ ଅଫିସ୍..ଘରକୁ ଫେରିଲେ ବାପା, ମାଆ, ଧାଇ ମାଆ ଆଉ ସେ ବିଲକୁଲ୍ ହାଫ୍ ମାଇଣ୍ଡେଡ୍ ଲୀନା..! ସେହିମାନେ ତାଙ୍କର ପାର୍ଟ ଆଣ୍ଡ ପାର୍ସଲ ଅଫ୍ ଲାଇଫ୍। ଅବଶ୍ୟ ତା ସ୍ଥାନଟି ସ୍ୱତନ୍ତ୍ର ଅନିମେଶ୍‌ଙ୍କ ଜୀବନରେ। ହେଲେ ସେ ଆଉ କିଛି ଅଧିକ ଚାହାଁନ୍ତି। ସମସ୍ତଙ୍କ ସହିତ ମିଶିକି ରହିବାକୁ ପସନ୍ଦ କରନ୍ତି। ସେଥିପାଇଁ ସେ ତାଙ୍କୁ ଇରିଟେଟ୍ କରିବାକୁ ମଝିରେ ମଝିରେ ଏପରି କରିବସେ। ନିକଟବର୍ତ୍ତି ହେବା ଅପେକ୍ଷା ସେ କିନ୍ତୁ ଆହୁରି ଦୁରକୁ ଛିଟିକିପଡେ ତାଙ୍କଠାରୁ। ସେମାନଙ୍କ ଭିତରର ଦୂରତାଟି ଧୀରେ ଧୀରେ ବଢିଚାଲେ। ଏବଂ ସେହି ଶୂନ୍ୟସ୍ଥାନଟିର କଳେବର ବୃଦ୍ଧିହୁଏ କ୍ରମାଗତ।

ସେ ବେଳେବେଳେ ସୋଫାରେ ବସି ଅନ୍ୟମନସ୍କ ହୋଇ ଭାବେ- ସେ ବି ତ କେତେ ପରିବର୍ତ୍ତନ କରିପାରିଲା ନିଜକୁ ନିଃସଙ୍କୋଚରେ! ସେ ବି ତ ତା ଦିନ ଓ ରାତିର ଶୈଳୀକୁ ବିବର୍ତ୍ତିତ କରିପାରିଲା ନିର୍ଦ୍ଦ୍ୱନ୍ଦ୍ୱରେ। ଅନିମେଶ୍ କାହିଁକି ପାରିବେନି? ପ୍ରେମ ତ ଅସାଧ୍ୟ ସାଧନ କରିପାରେ! ହେଲେ ଅନିମେଶ୍ ତାକୁ କି ପ୍ରକାରର ପ୍ରେମ କରୁଛନ୍ତି ଯେ! ସେ ଚାହାନ୍ତି ନାହିଁ ପାର୍ଟି, ହୋଟେଲ୍ ଖାଦ୍ୟ। ସେ ଭଲ ପାଆନ୍ତି ନାହିଁ ଫରେନ୍ କଲଚରକୁ ଏବଂ ସାଙ୍ଗ ସାଥୀମାନଙ୍କ ସହିତ ତାର ଏପରି ଅବାଧ ମିଳାମିଶାକୁ।

ସେ ଚାହାନ୍ତି ତାଙ୍କ ସ୍ତ୍ରୀ ସୂର୍ଯ୍ୟ ଉଠିବା ପୂର୍ବରୁ ଗାଧୋଇ ଶାଢୀ, ସିନ୍ଦୁର ପିନ୍ଧି ଚଉରା ମୂଳେ ପାଣିଦେଉ। ଠାକୁର ପୂଜା କରୁ, ବାପାମାଆଙ୍କ ସେବା କରୁ। ରୋଷେଇ ଶାଳର ସେ ଉତ୍କଟ ଧୂଆଁର କୁଣ୍ଡଳୀ ଭିତରେ ଜୀବନର ସାଇତା ଅଭିଳାଷମାନଙ୍କୁ କୁହୁଳାଇ ଧୂଆଁ କରିଦେଉ। ନିଜକୁ ଓ ନିଜର ବେଶବାସକୁ ବିକ୍ଷିପ୍ତ କରି କୁକ୍ ବା ରୋଷେୟାଟିଏ ପରି ବାସନ କୁସନ ଓ ସ୍ୱପ୍ନମାନଙ୍କ ସହିତ ଲଢୁ। ସଂପୂର୍ଣ୍ଣ ସୁସ୍ୱାଦୁ ଓଡିଆ ଖାଦ୍ୟ ପରିବେଷଣ କରୁ। ତା ମନର ଅବସ୍ଥା ଯାହା ହେଉନା କାହିଁକି ସେ ଅନ୍ୟମାନଙ୍କ ମନ ଅନୁସାରେ କାମ କରୁ। ଖାଇବା, ଚାଲିବା, ବସିବା, ହସିବା, ପିନ୍ଧିବା, ଶୋଇବା ସବୁ କିଛି ଓଡିଶୀ ଶୈଳୀରେ ହେଉ। ନିଜର କୌଣସି ଇଚ୍ଛାନାହିଁ କିମ୍ବା ସ୍ୱାଧୀନତା ହିଁ ନାହିଁ ବିବାହ ପରର ଜୀବନରେ! ହାଓ ରବିସ୍!

ବିବାହ ପରେ ଏଠି ପୁରୁଷଟିଏ ତ ଛାତି ଫୁଲାଇ ସଗର୍ବରେ ମଥା ଉନ୍ନତ କରି ଚାଲିପାରେ ଅଥଚ ଗୋଟେ ସ୍ତ୍ରୀ ଲୋକର ଜୀବନ ହୋଇଯାଏ ଦୂର୍ବିସହ!

*(କ୍ରମଶଃ)*



## ଡିସେମ୍ବର

### ପୁଷ୍ପାରାଣୀ ପଟେଲ



ଡିସେମ୍ବର କହିଲେ ମୁଁ ବୁଝେ
ଗୋଟିଏ ସ୍ମୃତି ଛଳଛଳ କବିତାର ନାଁ...
ଯେଉଁ କବିତା ଭିତରେ ଉଙ୍କି ମାରେ
ଗୋଟିଏ ଉହ୍ନେଇ ଓ ତା' ଚାରିକଡେ
ହାତ ସେକୁଥିବା କିଛି ଲୋଳିତ ଚର୍ମର ହାତ...
ସେଠି କେବେ ଦିଶେ ମୋ' ଜେଜେଙ୍କର ମୁହଁ
ପୁଣି କେବେ ଦିଶେ ମୋ' ଜେଜେମା'ର ହସ...
ଡିସେମ୍ବର କ'ଣ କେବଳ କବିତା ଟିଏ?
ନା...!



ଡିସେମ୍ବର କହିଲେ ଯେ ମୋତେ ଘରଟିଏ ଦିଶେ...
ଯେଉଁ ଘରେ ଆତଯାତ ଦୁଇଟି ମଣିଷ
ଜଣେ ଛାତ ପରି ଖୁବ ଗମ୍ଭୀର ଓ ବିଶାଳ
ଜଣେ ଅଗଣାର ଚଉରା ପରି ଖୁବ ଶାନ୍ତ ଓ ଶୀତଳ।
ଡିସେମ୍ବର କହିଲେ ବି ମୁଁ ବୁଝେ କିଛି ଖର ନିଶ୍ୱାସ
ଓ ଉଷୁମ କମ୍ବଳ ତଳେ ମୋ' ପାଖକୁ
ଲାଗି ଆସୁଥିବା ସେଇ ଅଚିହ୍ନା ମଣିଷର
ମୋତେ ନପାଇ ବି ପାଇଥିବାର ଖୁସିର ଉଚ୍ଛ୍ୱାସ।
ଏସବୁ ତ ଡିସେମ୍ବର... ତଥାପି ଡିସେମ୍ବର କହିଲେ
ଆଜିକାଲି ମୋତେ କେବଳ ତୁମେ ହିଁ ଦିଶିଯାଅ
ଦିଶେ ତୁମ ସହର...
ଟାଣେ ତୁମ ଟଣା ଟଣା ଦୁଇ ଆଖିର କୁହୁକର ସ୍ପର୍ଶ।



ସ୍ୱପ୍ନ କରି ଦିଶିଯାଏ, ତୁମ ହାତ ଭିତରେ
ଆପଣାପଣର ଉଷୁମ ସାଉଁଟୁଥିବା ମୋ ଦୁଇ ହାତ...
କିଛି ତାରା ପୁଞ୍ଜା ବିଶାଳ ଆକାଶର ଛାତତଳେ
ପହିଲି କରି ଏକ ଆରେକକୁ ଚିହ୍ନିବାକୁ ବଢ଼ି ଆସୁଥିବା
ଦୁଇଟି ଆତ୍ମାର ଏକାନ୍ତ ସହବାସ...
ଡିସେମ୍ବର କହିଲେ ଆଜିକାଲି ମୁଁ ବୁଝେ କେବଳ
ତୁମର ବିସ୍ତୃତ ଛାତିପରେ, ସବୁ ସ୍ମୃତିକୁ ଫିଙ୍ଗିଦେଇ
ନିଶ୍ଚିନ୍ତରେ ଶୋଇଥିବା ମୁଁ...
ଓ ତୁମ ବିନା, ପ୍ରତିଦିନ ଏ ଅସହ୍ୟ ଜୀବନକୁ ସାମ୍ନା କରିବା ପାଇଁ
ଯୋଗାଉଥିବା ମୋ'ର କିଛି ଦୁଃସାହସ...।



*ସହକାରୀ ଶିକ୍ଷୟିତ୍ରୀ*
*ସରକାରୀ ଉଚ୍ଚବିଦ୍ୟାଳୟ, ସେକ୍ଟର-୧୬, ରାଉରକେଲା*



## ନୂଆ ବରଷ

### ମୀନାକ୍ଷୀ ପଣ୍ଡା

ନବୀନ ବରଷ ସ୍ୱର୍ଣ୍ଣାଭେ ସୁବେଶ ଆସ ପ୍ରଭାତକୁ ଧରି
ଢାଳି ସ୍ନେହ-ସିନ୍ଧୁ ପ୍ରତି ପ୍ରାଣ-ବିନ୍ଦୁ ବାନ୍ଧି ଦିଅ ପ୍ରୀତି-ଡୋରି
ପୁଷ୍ପ, ଶଙ୍ଖଧ୍ୱନୀ ମନ୍ତ୍ର ଆବାହନୀ ସ୍ତୋତ୍ର ସ୍ୱାଗତିକା ଗାଇ
କରୁଛୁ ବରଣ ତରୁଣ ଅରୁଣ ଭକ୍ତି ପୁଷ୍ପାଞ୍ଜଳି ଦେଇ।
ନୂତନ ବରଷ ବିତରୁ ପ୍ରକାଶ ତମିସ୍ରା ହେଉ ହରଣ
ଆଶାର କିରଣ ପୁରି ପ୍ରତି ପ୍ରାଣ ସତ୍ତ୍ୱ କରୁ ଆରୋହଣ
ବହି ଶାନ୍ତି ଗଙ୍ଗା ଉଦ୍‌ଘୋଷୁ ତ୍ରିରଙ୍ଗା ଜାଗୁ ଜାତି-ପ୍ରୀତି ବହ୍ନି
ସବୁରି ହୃଦୟ ହେଉ ସୁଧାମୟ ଆଚରଣେ ବିଭୁ ବାଣୀ।
ବୀରପ୍ରସବିନୀ ଭାରତ ଜନନୀ ସ୍ୱର୍ଣ୍ଣପ୍ରସୂ ବସୁମାତା
ବିଷାଦ ମାନସ ତୃପ୍ତେ ହେଉ ତୋଷ ଦେଶ ହଉ ବିଶ୍ୱନେତା
ରୋଗ ମହାମାରୀ ଯାଉ ଅପସରି ଅସତ୍ୟ ହେଉ ବିଲୟ
ହା-ଅନ୍ନ ଚିତ୍କାର ଆତଙ୍କର ଡର ଲଭୁ ସାମ୍ୟବାଦ ଜୟ।
କ୍ରାନ୍ତିକାରୀ ଦୂତ ହୁଅନ୍ତୁ ଜନ୍ମିତ ସଂସ୍କାରିତ ହେଉ ମନ
ଶାନ୍ତି, ମୈତ୍ରୀ, ପ୍ରୀତି ପ୍ରଗତି ରାଜୁତି ସମୟ କରେ ଆହ୍ୱାନ
ମାନବ ଜୀବନ ଶ୍ରେଷ୍ଠ ବିଭୁ ଦାନ ମାୟାବନ୍ଧେ ବିସ୍ମରଣ
ପ୍ରତି ହୃଦେ ଈଶ କରିଛନ୍ତି ବାସ ଚେଇଁଉଠୁ ଦିବ୍ୟଜ୍ଞାନ।
ଆସ ସଜ୍ଞାପତି ସଙ୍ଗତେ ବିଭୂତି ଏକତା ବାରତା ଧରି
ସୁନାକଳସୀରୁ ପୁଷ୍ପ ଜଳ ଝରୁ ବିଶ୍ୱବାସୀ ଶିରୋପରି।



*ଯାଜପୁର*

## ଆୱାର୍ଡ

### ସୁଧାଂଶୁ ଶେଖର ଦ୍ୱିବେଦୀ



ବଂଶୀ ବାବୁ ସକାଳୁ ସକାଳୁ ସଜବାଜ ହୋଇ ବାହାରକୁ ଯିବାଲାଗି ପ୍ରସ୍ତୁତ ହେଉଥାନ୍ତି। କିଛି ଆବଶ୍ୟକୀୟ ଜିନିଷପତ୍ର ମଧ୍ୟ ପେକିଙ୍ଗ ହେଉଥାଏ। ହଠାତ ତାଙ୍କର ଚା' ପିଇବାକୁ ମୁଡ୍ ହେଲା। ତୁରନ୍ତ ଚାକର ପିଲା ମୁନ୍ନାକୁ ଡାକମାରି କହିଲେ-ଆରେ ମୁନ୍ନା! ଗାଡି ପରେ ଧୋଇବୁ। ପ୍ରଥମେ ଦଇ କପ ଚା' ତିଆରି କରିଆଣ।ଗୋଟେ କପ ମୋତେ ଦେଇଯିବୁ ଆଉ ଗୋଟେ କପ ମାଡାମଙ୍କ ରୁମକୁ ନେଇଯିବୁ।

୧୨ ବର୍ଷର ବାଳକ ମୁନ୍ନା ମାଲିକର ଆଦେଶ ପାଇ ଚା' ତିଆରି କରିବାକୁ ରୋଷେଇ ଘରେ ପଶିଲା। ୧୦ ରୁ ୧୫ ମିନିଟ ମଧ୍ୟରେ ଚା'କପ ଟ୍ରେରେ ସଜେଇ ମାଲିକ ପାଖରେ ହାଜର। ବଂଶୀ ବାବୁ ଚା' କପ ଉଠେଇ ଯେମିତି ଗୋଟେ ସୁଡୁକା ଟାଣିଛନ୍ତି ମୁହଁକୁ ଭୋକିଲା କୁକୁର ମୁଦ୍ରାରେ ମୁନ୍ନା ଉପରକୁ ଥୁ ଥୁ କରି ପକେଇଲେ। ହାତରେ ଧରିଥିବା ଗରମ ଚା' କପକୁ ମଧ୍ୟ ତା' ଉପରକୁ ଛାଟିସାରି ଗର୍ଜନ କରି କହିଲେ-କିବେ ଶଳା! ମୋ ଘରେ ରହିବା ତୋର ଦିଇ ବର୍ଷ ହୋଇଗଲାଣି ଅଥଚ ଚା' ତିଆରି କରିବା ଶିଖିପାରିଲୁ ନାହିଁ। ଏତେ ମିଠା ଚା' ଦେଇ ମୋତେ ମାରିବୁ ନା କଣବେ?

ମୁନ୍ନା ମାଲିକର ରୁଦ୍ର ମୂର୍ତ୍ତି ଦେଖି ଗୋଟାପଣେ ଥରିଥରି ଗରମ ଚା'ର ଚେଙ୍କକୁ ହଜମ କରୁଥାଏ। ବଂଶୀ ବାବୁଙ୍କ ଗର୍ଜନ ଶୁଣି ତାଙ୍କ ପତ୍ନୀ ଆଖି ମଳି ମଳି ଘର କବାଟ ଖୋଲି ଗୋଟେ ଗୋଡ଼ ଦ୍ୱାର ଭିତରେ ଅନ୍ୟ ଗୋଡ଼ଟି ଦ୍ୱାର ବାହାରେ ରଖି ପଚାରିଲେ-କଣହେଲା? ସକାଳୁ ସକାଳୁ କାହା ଉପରେ ଏତେ ଗରମ ହେଉଛ? ପତ୍ନୀଙ୍କ ପ୍ରଶ୍ନ ବାଣରେ ବଂଶୀ ବାବୁଙ୍କ ରୁଦ୍ର ରୂପ କିଛି ପରିମାଣରେ ନରମିଗଲା। ମୁନ୍ନା ସେଇବେଳୁ ସେଇଠି ଠିଆ ହୋଇଥାଏ। ତାକୁ ଦେଖି ବଂଶୀ ବାବୁଙ୍କ ସ୍ୱରର ସ୍କେଲ ଆଉଥରେ ଗା-ମା-ପା ଧରିଲା। ହାତ ଛାଟି କହିଲେ- ଆବେ ଏମିତି ଠିଆହୋଇ ମୋ ମୁହଁକୁ ବଲବଲ କରି ଚାହିଁଛୁ କଣ? ଗାଡି ଧୋଇବୁ ଯା-। ମୁନ୍ନା ମାଲିକର ହୁକୁମ ଶୁଣି ଚୁପଚାପ ଚାଲିଗଲା।

ବଂଶୀ ବାବୁଙ୍କ ପତ୍ନୀ ନିକଟକୁ ଆସି ପଚାରିଲେ-ତାକୁ କଣପାଇଁ ଏତେ ଗାଳି ଦେଉଛ? ଚା'ରେ ଅଧିକ ଚିନି ପକାଇବା ପାଇଁ ମୁଁ ତାକୁ କହିଥିଲି। କାଲି ସେ ମୋତେ ପୂରା ଫିକା ଚା' ଦେଇଥିଲା।ହଉ ତୁମେ କୁହତ କୋଉଠିକୁ ଏମିତି ସଜବାଜ ହୋଇ ବାହାରିଛ?

ଆରେ ମାଡାମ! ତୁମେ ଜାଣିନାହଁ କି? ମୋତେ ପରା ଆଜି ଆୱାର୍ଡ ମିଳିବ। ଶିଶୁ ଅଧିକାରକୁ ନେଇ ଯେଉଁ ରିସର୍ଚ୍ଚ କରିଥିଲି ତଥା ଶିଶୁ ବିକାଶ ପାଇଁ ଯେତେସବୁ କାମ କରିଛି ତାହାରି ପାଇଁ ସରକାର ପରା ମୋତେ ଆୱାର୍ଡ ଦେଉଛନ୍ତି।

ପତ୍ନୀ ଅଧୁଆ ମୁହଁରେ ବାଷ୍ପାୟିତ ହସ ହସି ବଂଶୀ ବାବୁଙ୍କୁ ଧନ୍ୟବାଦ ଜଣାଉଥାନ୍ତି। ବିଚରା ମୁନ୍ନା ଗରମ ଚା' ଚେଙ୍କର ଜ୍ୱଳନକୁ ସହିବା ନ ସହିବା ସ୍ଥିତିରେ ଗାଡି ଧୋଇବାରେ ମଗ୍ନ ଥାଏ।

*ବିସି-୭୪,ସେକ୍ଟର-୧,ସଲଟ ଲେକ,କଲକାତା-୬୪*
*ଦୂରଭାଷ : ୯୬୮୧୩୭୩୫୧୨*










ବୁସରା ଫତିମା
ଷ୍ଟାଣ୍ଡାର୍ଡ - ୨
ତପୋବନ ଏକାଡେମୀ
ସିରୋଲ, ଟିଟିଲାଗଡ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା






### ସାଟେଲାଇଟ୍ ଜାଲରେ ଚାଷୀ

# ମଣ୍ଡିରେ ଧାନ ଦେବା ପାଇଁ ବେପାରୀ ନିରାଶ

**ଜଗତସିଂହପୁର :** ମଣ୍ଡିରେ ଧାନଦେବାପାଇଁ ସରକାର ବିଭିନ୍ନ ଯୋଜନା ସବୁ ଆରମ୍ଭ କରିଥିବା ବେଳେ ଚାଷୀମାନେ ପ୍ରତିବର୍ଷ ଧାରଣା ଦେବା, ମଣ୍ଡି ଚଲାଇନଦେବା ଘଟଣା ସରକାରଙ୍କୁ ଅଡୁଆରେ ପକାଉଥିଲା। ଏପରିକି ଚାଷୀ ଧାନ ବିକ୍ରୟ ହୋଇପାରିନଥିବାକୁ ନେଇ ବିରୋଧୀ ଦଳମାନେ ବିଧାନସଭା ହୁଲୁସ୍ଥୁଲ କରୁଥିଲେ। ବିରୋଧୀ ଫାଇଦା ନେଇ ଚାଷୀମାନଙ୍କୁ ମାଲାମାଲ କରୁଥିଲେ। ଗତ ୨ବର୍ଷ ଧରି ସରକାର ସାଟେଲାଇଟ୍ ଜରିଆରେ ରାଜ୍ୟର ସବୁଆଡେ ଜମିଗୁଡିକର ସର୍ଭେକ୍ଷଣ କଲାପରେ ଚାଷୀମାନଙ୍କ ଜମିଜାଲିଆତି ଘଟଣା ସବୁର ପର୍ଦ୍ଦାଫାସ୍ ହୋଇଛି। ବହୁ ସ୍ଥାନରେ ଚାଷୀମାନେ ନିଜ ନିଜ ବିଲମାନଙ୍କରେ କୁକୁଡା ଫାର୍ମ, ପନିପରିବା ଚାଷ, ବଡବଡ ମାଛ ପୋଖରୀ, ସିମେଂଟ ଇଟା କାରଖାନା, ମାଣ ମାଣ ଜମିରେ ଆଖୁଚାଷ, ବହୁ ଚାଷ ଜମି ପଡିଆ ପଡିବା, ବଡବଡ ଘର କରିବା ଓ ନଡିଆ ଗଛ ଲଗାଇ



ଦେଉଥିବା ବେଳେ ନେଟ୍ ପଟ୍ଟା ବାହାର କରି ଦୋଫସଲି କିସମ ଦେଖାଇ ଚାଷୀ ପଞ୍ଜୀକରଣ ଦେଉଛନ୍ତି। ତେବେ ଏହି ଜମି ସବୁରେ ଧାନ କିପରି ହେଉଥିଲା ? ଏହି ଘଟଣାର ପର୍ଦ୍ଦାଫାସ ସାଟେଲାଇଟ ଜରିଆରେ ହେବା ଦ୍ୱାରା ଚାଷୀ ଆଉ ମଣ୍ଡିରେ ବେପାରୀ ମାନଙ୍କୁ ହାତେଇ ରଖି ଧାନ ବିକ୍ରୟ କରିପାରିବେ ନାହିଁ। ବହୁ ଗରିବ, କ୍ଷୁଦ୍ରଚାଷୀ ଓ ଭାଗଚାଷୀ ବିଲଭାଗ କରି ଧାନ ଅମଳ କରୁଥିଲେ ଜମିର ମାଲିକାନା ନଥିବାରୁ ଦଲାଲ ମାନେ ତାଙ୍କର ଧାନକୁ କମ୍ ମୂଲ୍ୟରେ କିଣି ମଣ୍ଡିରେ ଧାନ ବିକ୍ରୟ କରି ମାଲେମାଲେ ହେଉଥିଲେ। ଏସବୁର ସରକାର ସନ୍ଦେହ ପ୍ରକାଶ କରି ପଞ୍ଜୀକୃତ କରିଥିବା ଚାଷୀମାନଙ୍କ ଚାଷଜମି ସବୁରେ କ୍ଷତ୍ରିୟ ତଦନ୍ତ କରି ମୋବାଇଲ ଆପ୍ ଜରିଆରେ ରିପୋର୍ଟ ଦେବାକୁ ସମବାୟ ବିଭାଗ ଅଧିକାରୀ ଓ ରାଜସ୍ୱ ନୀରିକ୍ଷକଙ୍କୁ ଜଣାଇ ଦିଆଯାଉଥିବାରୁ ଚାଷୀଙ୍କ ମୁଣ୍ଡରେ ଭାଲେଣି ପଡିଯାଇଛି। ସରକାରଙ୍କର ଏପରି ଯୋଜନାକୁ ବହୁ ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଇଛି।

# ସାଧାରଣ ନିର୍ବାଚନ ଆଗରୁ ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀଙ୍କ ବିକ୍ଷୋଭ ଯାତ୍ରା

**ଜଗତସିଂହପୁର:** ଆଉ କିଛିଦିନ ପରେ ଓଡିଶାରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ଓ ଆନ୍ଦୋଳନ ଯାତ୍ରା ଆରମ୍ଭ ହେବାକୁ ବସିଲାଣି। ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକ ମାନଙ୍କରେ କାର୍ଯ୍ୟ କରୁଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକା ମାନେ ରାଜରାସ୍ତାରେ ବିକ୍ଷୋଭ କରି ସେମାନଙ୍କ ୮ଦଫା ସମ୍ବଳିତ ଦାବିକୁ ବିଭିନ୍ନ ମଣ୍ଡଳ ଉନ୍ନୟନ ଅଧିକାରୀ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅଙ୍ଗନୱାଡି କର୍ମୀ ସଙ୍ଗଠନକୁ ଭାରତୀୟ ମଜଦୁର ସଂଘ ପକ୍ଷରୁ ସମର୍ଥନ



କରାଯାଉଥିବା ବେଳେ ଆଉ ଏକ ସିଆଇଟିୟୁ ସଂଘ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟରେ ବିକ୍ଷୋଭ ପ୍ରଦର୍ଶନ କରି ୧୯ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟଚିକିତ୍ସାଳୟ ଭିତରକୁ ଧାରଣା, ଅନ୍ନଶନ ଇତ୍ୟାଦି କରିବା ନିମନ୍ତେ ବାରଣ କରାଯାଇଥିବା ବେଳେ ଶହ ଶହ ସଂଖ୍ୟା ଆଶା କର୍ମୀ ସିଆଇଟିୟୁ ସଂଘର ନେତାମାନେ କିପରି ପ୍ରବେଶ କଲେ ତାହା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ସେହିପରି ଅଙ୍ଗନୱାଡି କର୍ମୀ, ସହାୟିକା ଆନ୍ଦୋଳନରେ ଥିବାରୁ ଶିଶୁମାନେ ପାଠ ପଢି ପାରୁନଥିବା ବେଳେ ସେମାନଙ୍କ ପାଇଁ ଆସୁଥିବା ଛତୁଆ ଓ ଅଣ୍ଡା ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରଦାନ କରାଯାଉଛି। ରାଜ୍ୟ ସରକାରଙ୍କ ଅର୍ଥ ବଳରେ ଚାଲୁଥିବା ଏହି ମହିଳା ଗୋଷ୍ଠୀ ସମୂହ ନିର୍ବାଚନ ବିଗୁଲ୍ ବାଜିଲେ ପ୍ରତିଥର ଏପରି ଆନ୍ଦୋଳନ କରି ସରକାରଙ୍କୁ ଅଡୁଆରେ ପକାଉଥିବା ବେଳେ ବିରୋଧୀ ଦଳକୁ ଖୋରାକ ଯୋଗାଇବାରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ତେଣୁ ଶିଶୁ ମାନଙ୍କୁ ପାଠ ପଢାଇବା ଓ ଆଶା କର୍ମୀମାନେ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କୁ ଡାକ୍ତରଖାନାକୁ ନେବାପାଇଁ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସେମାନଙ୍କ ଧାରଣା ଓ ବିକ୍ଷୋଭ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବାର ଦେଖାଯାଉଛି। ଏମାନଙ୍କର ଏପରି ଅରାଜକତା ଉପରେ ରାଜ୍ୟ ସରକାର ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହରଡଘଣାରେ ...

ଅଧିକ ସର୍ଭେ କରାଯିବା ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ମଶା ନିବାରଣକୁ ନେଇ ଦୀର୍ଘଦିନ ହେବ ବିଏମ୍‌ସି ଚିନ୍ତା କରିନାହିଁ। ମଶା ତେଲ ଖୋର୍ଦ୍ଧା ସିଡିଏମ୍‌ଓ ଯୋଗାନ୍ତି। ଏଥିରେ ମିଶିବାକୁ ଥିବା ଟେମୋଫସ୍ ବିଏମ୍‌ସି କିଣେ। ନଗର ସ୍ୱାସ୍ଥ୍ୟ ଅଧିକାରୀ ଯାହା ଲିଖିତ ଭାବେ ଦାବି କରନ୍ତି, ସେହି ଅନୁସାରେ ଏ ସବୁ କିଣାଯାଏ। ସମୀକ୍ଷା ବେଳେ କମିସନର୍ ଏ ସଂକ୍ରାନ୍ତୀୟ ବିଭିନ୍ନ ପ୍ରଶ୍ନ ପଚାରନ୍ତି। କ'ଣ କେତେ ପରିମାଣରେ କିଣା ହେଇଛି ? ମଶା ଧୂଆଁ ଓ ତେଲ ସ୍ପ୍ରେ' କରାଯାଉଛି କି ନାହିଁ ? କମିସନରଙ୍କ ଏମିତି ପ୍ରଶ୍ନର ଯାହା ଉତ୍ତର ଆସେ, ତାହା ଉପରେ ତର୍ଜମା ହୁଏ ନାହିଁ କି ମଶା ଧୂଆଁ ଯଥେଷ୍ଟ ହୁଏ ନାହିଁ। ତେଲ ମଧ୍ୟ ଅଭାବ ପଡେ। କିନ୍ତୁ ଆବଶ୍ୟକ ମୁତାବକ ଏ ସବୁ କିଣା ଯାଉଥାଏ। କିଣାକିଣିରେ ଅଧିକାରୀମାନେ ମାଲେମାଲ୍ ହୁଅନ୍ତି। ମଶା ଉଡ଼ିବା ଅବସ୍ଥାକୁ ଆସିଗଲେ ସେମାନଙ୍କୁ ମାରିବା କଷ୍ଟକର ହୋଇଥାଏ। ଏଣୁ ଲାର୍ଭା ମାରିବା ଉପରେ ଗୁରୁତ୍ୱ ଦିଆଯାଏ। ଲାର୍ଭାଙ୍କୁ ଖାଇଦେବା ପାଇଁ ନାଳ ନର୍ଦ୍ଦମାରେ ବିଏମ୍‌ସି ମାଛ ଛାଡ଼ିଥାଏ। ଅପରିଷ୍କାର ପାଣି ପାଇଁ ଗଙ୍ଗୁସିଆ ମାଛ ବ୍ୟବହାର କରାଯାଉଥିବା ବେଳେ ପରିଷ୍କାର ପାଣି ପାଇଁ ଗପି ମାଛ ଛଡ଼ା ଯାଏ। ଏହି ମାଛ ଉତ୍ପାଦନ ପାଇଁ ରସୁଲଗଡ଼ରେ ଏକ ହାଚେରି ରହିଥିଲା। ହେଲେ ବିଏମ୍‌ସି ଏହି ମାଛ ବ୍ୟବହାର ନ କରିବାରୁ ତାହା ବନ୍ଦ ହୋଇଯାଇଛି ବା ଏହି ମାଛ ଆଉ ଉତ୍ପାଦନ ହେଉନାହିଁ। ଏହା ଭିତରେ ତିନିଥର ନିର୍ବାଚିତ ଜନପ୍ରତିନିଧି ବିଏମ୍‌ସିର ଦାୟିତ୍ୱ ନେଇ ସାରିଲେଣି। ତିନିବର୍ଷ କେବଳ ଅଧିକାରୀମାନେ ଶାସନ କରିଛନ୍ତି। ହେଲେ କେହି ଏ ବାବଦରେ ଚିନ୍ତା କରିନାହାନ୍ତି। ମଶା ସ୍ଥିର ଜଳରେ ସୃଷ୍ଟି ହୁଅନ୍ତି, ଉଡ଼ିବା ଆରମ୍ଭ କଲା ପରେ ସନ୍ତସନ୍ତିଆ ଜାଗାରେ ରୁହନ୍ତି। ସହରରେ ଏବେ ଆବର୍ଜନା ଠାକୁ ଠା ଗଦା ହେଉଛି। ଚାରିଆଡ଼େ ଅସ୍ଥାୟୀ ଡମ୍ପିଂୟାର୍ଡ ସୃଷ୍ଟି କରାଯାଇଛି। ମାସ ମାସ ଧରି ଆବର୍ଜନା ଜମା ହୋଇରହୁଛି। ଫଳରେ ମଶାମାନେ ଏଠାରେ ବସା ବାନ୍ଧିଛନ୍ତି। ଆବର୍ଜନାରେ ରହୁଥିବା ପ୍ଲାଷ୍ଟିକ୍ ଓ ପଇଡ଼ ଖୋଳରେ ପାଣି ଜମିବା ଦ୍ୱାରା ଏଠାରୁ ମଶା ମଧ୍ୟ ସୃଷ୍ଟି ହେଉଛନ୍ତି। ହେଲେ ଏ ସବୁ ଡମ୍ପିଂୟାର୍ଡ ହଟାଇବା ଦିଗରେ ବିଏମ୍‌ସି ଆଦୌ ଚିନ୍ତା କରୁନାହିଁ। ଯାହାଫଳରେ ଆଜି ମଶାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

### ବଦନାମ୍ ହେଉଛି ...

ଅଭିମନ୍ୟୁ ନୁହନ୍ତି କମିସନରେଟ୍ ପୁଲିସରେ ଲାଞ୍ଚ ନେଇ ବହୁ ସମୟରେ ଧରାପଡ଼ିଛନ୍ତି ଅଧିକାରୀ ଓ କର୍ମଚାରୀ। ଏହିକ୍ରମରେ ଗତ ୬ବର୍ଷରେ ଲାଞ୍ଚ ନେବା ସମୟରେ ୨୫ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏଥିରେ ଡିଏସ୍ପି, ଇନ୍ସପେକ୍ଟର ଠାରୁ ଏଏସ୍ଆଇ ମଧ୍ୟ ରହିଛନ୍ତି। ସେହିପରି ତମାଣ୍ଡୋ, ବାଲିଅନ୍ତା, ବାଲିପାଟଣା, ଜଟଣୀ, ପାହାଳ, ଧଉଳି ଓ ମଞ୍ଚେଶ୍ୱର ଭଳି ଥାନାଗୁଡ଼ିକରେ ଅଧିକ ସଂଖ୍ୟକ ପୋଲିସ କର୍ମଚାରୀ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ଏସବୁ ଥାନାଗୁଡ଼ିକ ସହରର ଉପକଣ୍ଠରେ ଥିବାରୁ ପୁଲିସ ଅଧିକାରୀ ଅବା କର୍ମଚାରୀମାନେ ଲାଞ୍ଚ ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଥିବା ଅଭିଯୋଗ ହେଉଛି। ଏଣୁ ଏସବୁ ଥାନାଗୁଡ଼ିକ ଉପରେ ଭିଜିଲାନ୍ସ ଅଧିକାରୀଙ୍କ ଫୋକସ୍‌ରେ ରହିଛି। ଉକ୍ତ ଥାନାଗୁଡ଼ିକରେ ଗାଁ ଓ କିଛି ଅପାଠୁଆ ଲୋକେ ଅଧିକ ରହୁଥିବାରୁ ମାମଲା ସମାଧାନ ଲାଗି ପୋଲିସ କର୍ମଚାରୀମାନଙ୍କୁ ଲାଞ୍ଚ ଦେଉଛନ୍ତି। କିନ୍ତୁ କିଛି ବ୍ୟକ୍ତି ଏବାବଦରେ ଭିଜିଲାନ୍ସରେ ଜଣାଇବା ପରେ ପଦାକୁ ଆସୁଛି ପୋଲିସ ବାବୁଙ୍କ କାରନାମା।

### ଦରମା ବୃଦ୍ଧି ...

ଆଖିରେ ରଖି ବିଧାୟକମାନେ ଅଢ଼େଇ ଲକ୍ଷ ଟଙ୍କା ଦରମା ଓ ଭତ୍ତା ଦାବିକୁ ଜୋର କରିଛନ୍ତି। ଯଦିଓ ନବୀନଙ୍କ ଶାସନରେ ୨୦୦୦ ମସିହାରେ ଜଣେ ବିଧାୟକ ମୋଟ ୧୮ହଜାର ଟଙ୍କା ଦରମା ଓ ଭତ୍ତା ପାଉଥିଲେ। ସେପଟେ ଏଡିଆର ଓ ଇଲେକ୍ସନ ୱାଚ ରିପୋର୍ଟ ଅନୁସାରେ ୨୦୧୯ ବିଧାନସଭାକୁ ନିର୍ବାଚିତ ବିଧାୟକମାନଙ୍କର ହାରାହାରି ସମ୍ପତ୍ତିର ପରିମାଣ ୪.୪୧ କୋଟି ଟଙ୍କା। ଯାହାକି ୨୦୧୪ ବିଧାନସଭାରେ ୩.୨୨କୋଟି ଟଙ୍କା ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଷୋଡ଼ଶ ଓଡ଼ିଶା ବିଧାନସଭାକୁ ଆସିଥିବା ମୋଟ ବିଧାୟକଙ୍କ ମଧ୍ୟରୁ ୯୫ଜଣ ହେଉଛନ୍ତି କୋଟିପତି। କଂଗ୍ରେସର ୭୮ପ୍ରତିଶତ, ବିଜେଡିର ୭୧ପ୍ରତିଶତ ଓ ବିଜେପିର ୩୯ପ୍ରତିଶତ ବିଧାୟକ ହେଉଛନ୍ତି କୋଟିପତି। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବିଜେଡି ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୫.୦୮କୋଟି ଟଙ୍କା ଥିବାବେଳେ କଂଗ୍ରେସର ୫.୬୭କୋଟି ଟଙ୍କା ଓ ବିଜେପି ବିଧାୟକମାନଙ୍କର ୧.୦୧କୋଟି ଟଙ୍କାର ହାରାହାରି ସମ୍ପତ୍ତି ରହିଛି। କରୋନା ମହାମାରୀବେଳେ ନିଜର ହାତପାଣ୍ଠିକୁ ୩କୋଟି ଟଙ୍କାକୁ ବୃଦ୍ଧି କରାଇ ନେଇଥିବା ରାଜ୍ୟର ବିଧାୟକମାନେ କୋଟିପତି ହୋଇଥିଲେ ମଧ୍ୟ ଏବେ ପୁଣିଥରେ ନିଜର ଦରମାକୁ ଅଢ଼େଇଗୁଣ ବୃଦ୍ଧି ପାଇଁ ଲବି ଜୋରଦାର କରିଛନ୍ତି। ଯଦିଓ ସାଧାରଣ ଲୋକଙ୍କ ସମସ୍ୟା ଉଠାଇବା ପବିତ୍ର ଗୃହ ବିଧାନସଭାରେ ଏହି ବିଧାୟକମାନେ ସକ୍ଷମ ହେଉନାହାନ୍ତି। ବିଧାନସଭାର ନିୟମକୁ ଅଣଦେଖା କରି ପ୍ରତିବର୍ଷ ଅଧିବେଶନକୁ ସର୍ବନିମ୍ନ ୬୦ଦିନ ମଧ୍ୟ କରାଇ ଦେଉନାହାନ୍ତି। ନବୀନ ପଟ୍ଟନାୟକଙ୍କ ୨୨ବର୍ଷ ଶାସନକାଳରେ ବିଧାନସଭା ଅଧିବେଶନ ୨୦୦୬,୨୦୧୦ ଓ ୨୦୧୨ ମସିହାରେ ୬୦ଦିନ ବସିବା ସମ୍ଭବପର ହୋଇଥିଲା। ଅନ୍ୟବର୍ଷ ଗୁଡ଼ିକରେ ଗୃହ ୪୧ରୁ ୫୮ଦିନ ବସିଛି। ୨୦୨୧ରେ ବିଧାନସଭା ଅଧିବେଶନ ମାତ୍ର ୩୦ଦିନ ଓ ୨୦୨୨ରେ ମୋଟ ୩୭ଦିନ ଚାଲିପାରିଛି। ଏଭଳି ସ୍ଥିତିରେ ଗୃହକୁ ଠିକ୍ ଭାବେ ଚଳାଇ ଦେଉନଥିବା ଧନୀ ବିଧାୟକମାନେ ନିଜର ହାତପାଣ୍ଠିକୁ ୩କୋଟି କରିସାରିଥିଲେ ମଧ୍ୟ ପୁଣିଥରେ ଦରମାକୁ ୧ଲକ୍ଷ ଟଙ୍କାରୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ଦାବି କରିବା କେତେ ଯୁକ୍ତିଯୁକ୍ତ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ଆବାସ ପୋର୍ଟାଲରୁ ...

ଏକ ସ୍ୱତନ୍ତ୍ର ଟିମ୍ ସୋମବାର ନୂଆଦିଲ୍ଲୀ ଯାଇ କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟ ସହ ଆଲୋଚନା କରିଛନ୍ତି। ସୂଚନା ଯୋଗ୍ୟ ଯେ ରାଜ୍ୟର ୪୨ ଲକ୍ଷ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦିଆଯିବ। ତନ୍ମଧ୍ୟରୁ ୨୭ ଲକ୍ଷ ଘର ଅନୁମୋଦିତ ହୋଇ ୱାର୍କ ଅର୍ଡର ଇସ୍ୟୁ ହୋଇସାରିଥିବା ବେଳେ ୨ୟ ପର୍ଯ୍ୟାୟରେ କେନ୍ଦ୍ର ସରକାର ୮ ଲକ୍ଷ ୧୭ ହଜାର ଘର ଅନୁମୋଦନ ପାଇଁ ନିଷ୍ପତ୍ତି ନେଇଥିଲେ। ଏହିକ୍ରମରେ ୨୦୨୧ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟ ସରକାରଙ୍କୁ ଏକ ହାଉସିଂ ସର୍ଭେ ପାଇଁ ସ୍ୱଳ୍ପ ସମୟ ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ସମୟ ମଧ୍ୟରେ ସର୍ଭେ ଶେଷ କରିବା କଷ୍ଟସାଧ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସର୍ଭେ କରି କାର୍ଯ୍ୟକୁ ଶେଷ ପର୍ଯ୍ୟାୟରେ ପହଞ୍ଚାଇଥିଲେ। ମାତ୍ର କେନ୍ଦ୍ର ସରକାର ରାଜ୍ୟର ଗରିବ ହିତାଧିକାରୀଙ୍କ ସ୍ୱାର୍ଥକୁ ଧ୍ୟାନ ନଦେଇ ନୂଆ ଆବେଦନକାରୀଙ୍କ ପାଇଁ ପୋର୍ଟାଲକୁ ବନ୍ଦ କରି ଦେଇଥିଲେ। ଏହାପରେ ରାଜ୍ୟ ସରକାର ସ୍ୱଳ୍ପ ଅବଧି ମଧ୍ୟରେ ସର୍ଭେ ଶେଷ କରି ବାରମ୍ବାର ଚିଠି ଲେଖି ପୋର୍ଟାଲ ଖୋଲିବାକୁ ଦାବି କରିବା ପରେ ପୋର୍ଟାଲ ଖୋଲିଥିଲା। ପୋର୍ଟାଲ ଖୋଲିବା ପରେ ରାଜ୍ୟ ସରକାର ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଅପଲୋଡ୍ କରିଥିଲେ। ମାତ୍ର ଏହାପରଠାରୁ ଏସମ୍ପର୍କିତ କୌଣସି ସୂଚନା ପୋର୍ଟାଲରେ ଉପଲବ୍ଧ ହେଉନାହିଁ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାବଦକୁ ରାଜ୍ୟକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ କ୍ରମାଗତ ଭାବେ କମୁଥିବା କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି। ଉଭୟ ଗ୍ରାମୀଣ ଓ ସହରାଞ୍ଚଳ କ୍ଷେତ୍ରରେ ଆବାସ ଯୋଜନା ବାବଦକୁ କେନ୍ଦ୍ର ସରକାର ଅନୁଦାନକୁ କମାଇ ଦେଇଛନ୍ତି। ଯାହାଫଳରେ ଆବାସ ଯୋଜନା ହିତାଧିକାରୀମାନଙ୍କ ସ୍ୱାର୍ଥରେ ଆଞ୍ଚ ଆସୁଛି। କେନ୍ଦ୍ର ସରକାରଙ୍କର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟର ସୂଚନା ଅନୁଯାୟୀ, ୨୦୨୧-୨୨ ଆର୍ଥିକ ବର୍ଷରେ ଗ୍ରାମୀଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାବଦକୁ ୧ ହଜାର ୧୧ କୋଟି ୮୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ସହରାଞ୍ଚଳ ପାଇଁ ୨୯୧ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିଛି। ଗଲା ତିନି ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ଅନୁଦାନ। କୋଭିଡ୍ ସଂକ୍ରମଣ ସତ୍ତ୍ୱେ ଗ୍ରାମୀଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ କେନ୍ଦ୍ର ସରକାର ୨୦୧୯-୨୦ ବର୍ଷରେ ୨ ହଜାର ୧୯୭ କୋଟି ୩୩ ଲକ୍ଷ ଓ ୨୦୨୦-୨୧ରେ ୨ ହଜାର ୮୨୧ କୋଟି ୮୭ ଲକ୍ଷ ଟଙ୍କା ରାଜ୍ୟକୁ ପଇଠ କରିଛନ୍ତି। ସେହିଭଳି ସହରାଞ୍ଚଳରେ ଆବାସ ଯୋଜନା ବାବଦକୁ ଉକ୍ତ ଦୁଇ ବର୍ଷରେ ଯଥାକ୍ରମେ ୨୭୪ କୋଟି ୬୦ ଲକ୍ଷ ଓ ୨୯୫ କୋଟି ୫୨ ଲକ୍ଷ ଟଙ୍କା ମିଳିଛି। ସମ୍ପୃକ୍ତ ଦୁଇ ବର୍ଷରେ ମିଳୁଥିବା ଅନୁଦାନ ତୁଳନାରେ ୨୦୨୧-୨୨ ବର୍ଷରେ ଅନୁଦାନ ବହୁମାତ୍ରାରେ କମିଯାଇଥିବା ଦେଖିବାକୁ ମିଳିଛି। ଏପରିକି ଗତ ଆର୍ଥିକ ବର୍ଷ ତୁଳନାରେ ରାଜ୍ୟକୁ ଅଧା ଟଙ୍କା ମିଳିଛି।

### ନିର୍ମାଣ କାର୍ଯ୍ୟ ...

ଆନ୍ଦୋଳନରେ ମଧ୍ୟ ବସିଥିଲେ। ଯେହେତୁ ଏହା ନୀଳାଦ୍ରି ବିହାର ପାଇଁ ଏକମାତ୍ର ସଂଯୋଗକାରୀ ପୋଲ ଥିଲା ଓ ଏହା ଉପରେ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ। ଏହାକୁ ନେଇ କିଛି ଲୋକ ସ୍ଥାନୀୟ ବିଧାୟକଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଘରୋଇ ଜମିର ସମସ୍ୟା ସମାଧାନ ହେବା ପରେ ଗତ ନଭେମ୍ବର ୪ ତାରିଖରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଦ୍ୱାରା ନୂତନ ପୋଲ ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ୫ କୋଟି ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପୋଲର କାର୍ଯ୍ୟ ୬ମାସ ମଧ୍ୟରେ ଶେଷ ହେବାକୁ ସମୟ ଧାର୍ଯ୍ୟ ଥିଲା ବେଳେ ଏହାକୁ ୩ମାସ ମଧ୍ୟରେ ଶେଷ କରିବାକୁ ମାନ୍ୟବର ବିଧାୟକ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ନୀଳାଦ୍ରି ବିହାର ଓ ଶୈଳଶ୍ରୀ ବିହାର ଅଞ୍ଚଳର ଲୋକଙ୍କ ଯାତାୟାତ ପାଇଁ ଏହି ପୋଲଟି ଏକମାତ୍ର ମାଧ୍ୟମ। ଲୋକଙ୍କୁ ଆଗରୁ ମୁଖ୍ୟ ରାସ୍ତା ଛୁଇଁବାକୁ ଅଧା କି.ମି. ବାଟ ହେଉଥିବା ବେଳେ ବର୍ତ୍ତମାନ ୩ କି.ମି. ରାସ୍ତା ବୁଲି ଯିବାକୁ ପଡୁଛି। ତେବେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ଏହା ମନ୍ଥର ଗତିରେ ଚାଲିଥିବା ଯୋଗୁ ବିଧାୟକ କହିଥିବା ୩ ମାସର ଅବଧିରେ ଏହା ଶେଷ ହେବ କି ନାହିଁ ସନ୍ଦେହ ଦେଖାଦେଇଛି। କିନ୍ତୁ ପରିତାପର ବିଷୟ ବିକଳ୍ପ ରାସ୍ତା ନ ଦେଇ ବିଭାଗ ନିରବ ଥିବାରୁ ଲୋକଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଛି। ତେଣୁ ତୁରନ୍ତ ପୋଲ କାର୍ଯ୍ୟ ସାରିବା ପାଇଁ ସାଧାରଣରେ ଦାବି ହେଉଛି।

### ଦାୟିତ୍ୱ ତୁଲାଇ ...

ଦେଇନାହାନ୍ତି ରାଜ୍ୟ ସରକାର । କେନ୍ଦ୍ର ସରକାର ବହୁବାର ସଂସଦରେ ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ଚିଠିର ଉତ୍ତର ରାଜ୍ୟ ସରକାର ଦେଲେ ନାହିଁ। ରାଜ୍ୟ ସରକାରଙ୍କ ନୀରବତା ଏବଂ ନିଷ୍ପାର ଅଭାବ କାରଣରୁ ଗତ ୧୨ତାରିଖ ସମ୍ବଲପୁରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଆନ୍ଦୋଳନରତ ସଂଖ୍ୟାଧିକ ଆଇନଜୀବୀଙ୍କୁ ପୋଲିସ ଗିରଫ କରିଛି। ଅନେକ ଓକିଲଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହିତ ଗିରଫ ମଧ୍ୟ କରାଯାଉଛି । ଏହି କାରଣରୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ଏବଂ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୀରବତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର ନିଜର ଭୁଲ ଓ ତ୍ରୁଟିକୁ ଚିହ୍ନି ତାହାର ସମାଧାନ ନକରିଲେ ଆଗକୁ ପରିସ୍ଥିତି ଆହୁରି ବିଗିଡିଯିବ। ସ୍ୱାଭାବିକ ପରିସ୍ଥିତି ଓ ପୂର୍ବ ଭଳି କୋର୍ଟ କାର୍ଯ୍ୟ ଚାଲୁ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଅବିଳମ୍ବେ ଘଟଣାରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ଗିରଫ ହୋଇଥିବା ଓକିଲଙ୍କ ମୁକ୍ତି ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ପୂଜାରୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମ ଓଡିଶାର ସମସ୍ତ ବିଜେପି ସାଂସଦ ଜୁଏଲ ଓରାମ, ସଂଗୀତା ସିଂହଦେଓ, ବସନ୍ତ ପଣ୍ଡା ଏବଂ ନିତେଶ ଗଙ୍ଗଦେବ ପ୍ରମୁଖ ଉପସ୍ଥିତ ଥିଲେ।

### ଆଗଭର ହେଉନି ...

କ୍ଷମତାକୁ ବ୍ୟବହାର କରି କେନ୍ଦ୍ର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିପାରିବ। ଯେତେବେଳେ ବି ନିର୍ବାଚନ ଆସେ ସେତେବେଳେ ପଶ୍ଚିମ ଓଡିଶାରେ ହାଇକୋର୍ଟର ବେଞ୍ଚ ସ୍ଥାପନକୁ ନେଇ ବିଜେପି କୁମ୍ଭୀର କାନ୍ଦଣା କାନ୍ଦେ ଏବଂ ନିର୍ବାଚନ ସରିଗଲେ ସେମାନେ ଏହାକୁ ଭୁଲିଯାଆନ୍ତି। ଭାରତୀୟ ସଂସଦ ମାଧ୍ୟମରେ କେନ୍ଦ୍ର ତାଲିକାର ଏଣ୍ଟ୍ରି-୭୮ ଅଧୀନରେ ଥିବା କ୍ଷମତାକୁ ବ୍ୟବହାର କରି ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ କିଏ ଅଟକାଉଛି ବିଜେପି କେନ୍ଦ୍ରରେ କ୍ଷମତାରେ ଥିବା ନିଜ ଦଳର ସରକାରଙ୍କୁ ସେ ସଂକ୍ରାନ୍ତରେ ପଚାରିବା ଉଚିତ୍। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବିଜେପି କାହିଁକି ବିଭ୍ରାନ୍ତିକର ଏବଂ ମିଛ ପ୍ରଚାର କରୁଛି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି।

# ଅନ୍ତର୍ଜାତୀୟ ମାନବିକ ଅଧିକାର ଦିବସ




**ବରଗଡ :** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଅଗ୍ରଣୀ ଶିକ୍ଷା କେନ୍ଦ୍ର ଲରମ୍ଭା ମହାବିଦ୍ୟାଳୟ ଲରମ୍ଭା ଠାରେ ଅନ୍ତର୍ଜାତୀୟ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ପ୍ରମୋଦ କୁମାର ଭୋଇଙ୍କ ଅଧକ୍ଷତାରେ ଏକ ସାଧାରଣ ସଭାକୁ ଉଦବୋଧନ ଦେଇଥିଲେ। ରାଜନୈତିକ ବିଭାଗର ପ୍ରଫେସର ଦିବ୍ୟାଭାରତୀ ନାଏକ, ସମୀର କୁମ୍ଭାର, ଦିଲ୍ଲୀପ ସାହୁ, ସୁନୀଲ କୁମାର ପ୍ରଧାନ ଓ ଗଣେଶ ସିଂ ଯୋଗଦେଇ ଦିବସର ମହାନିୟତା ଅବସରରେ ଆଲୋଚନା କରିଥିଲେ। ଏହି ଅବସରରେ ପଦାର୍ଥ ବିଜ୍ଞାନର ପ୍ରଫେସର ରବିନାରାୟଣ ନାଏକ ଅର୍ଥନୀତିକ ବିଭାଗ ପ୍ରଫେସର ପବିତ୍ର ମହାରଣା ଓଡ଼ିଆ ବିଭାଗର ପ୍ରଫେସର ଡ଼. ଅଜିତ କୁମାର ନାଥ ନିଜସ୍ୱ ମତଦାନ କରିଥିବା। ଛାତ୍ରୀ ସଂଗୀତା ବାଗ, ଭାବନା ଆଚାର୍ଯ୍ୟ, କମଳିନୀ ପଢ଼, ନିକିତା ସାହୁ, ରେନୁ ଚୌଧୁରୀ ଓ ଚିନ୍ମୟ ଦୋରା ପ୍ରମୁଖ ନିଜ ନିଜର ଆଲୋଚନା କରିଥିଲେ। ସର୍ବ ଶେଷରେ ପ୍ରଫେସର ସମୀର କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# କାଗଜ ହସ୍ତକଳା ପ୍ରଦର୍ଶନୀ ଉଦ୍‌ଘାଟନ



**ବରଗଡ:** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଖଇରପାଳି ୟୁଜିୟୁପି ବିଦ୍ୟାଳୟରେ ଏକ କାଗଜ ହସ୍ତକଳାର ପ୍ରଦର୍ଶନୀ ହୋଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ବିଦାୟୀ ଶିକ୍ଷୟିତ୍ରୀ ନିଳିମା ସାହୁଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲାବେଳେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମେହେର ଓ ସହକାରୀ ଶିକ୍ଷକ ରତ୍ନାକର ମହାପାତ୍ର ଉପସ୍ଥିତ ଥିଲେ। ଗ୍ରାମବାସୀ ପିଲାମାନଙ୍କର ହସ୍ତକଳା ପ୍ରଦର୍ଶନ ଦେଖି ବେଶ ଆନନ୍ଦିତ ହୋଇଥିଲେ। ଛାତ୍ରଛାତ୍ରୀ ମାନଙ୍କର କଳା କୃତିକୁ ଦେଖି ଅନେକ ପ୍ରଶଂସା କରିଥିବା ଜଣାଯାଇଛି। କଳା ଶିକ୍ଷକ ମନୋଜ କୁମାର ଭୋଇ ଓ ପିଇଟି ଧର୍ମେନ୍ଦ୍ର ବାରିକଙ୍କର। ମାର୍ଗ ଦର୍ଶନ ଏବଂ ସାଂସ୍କୃତିକ ମନ୍ତ୍ରୀ ଶ୍ରୀୟା ତାଣ୍ଡି, ଆନନ୍ଦ, ରୋହନ ବାଗ ଓ ଭୀଷ୍ମ ପ୍ରତାପ ମେଣ୍ଟଳୀ ସହାୟତା କରିଥିଲେ।

# ମାଙ୍କଡ ଉପଦ୍ରବ, ଚାଷୀଙ୍କ ଆନ୍ଦୋଳନ ଡାକରା



**ଜଗତସିଂହପୁର:** ଦିନକୁ ଦିନ ମାଙ୍କଡ ମାନଙ୍କ ଉପଦ୍ରବ ପାଇଁ ଚାଷୀମାନେ ସେମାନଙ୍କର ଜୀବନ ଜୀବିକା ହରାଇବାକୁ ବସିଲାଣି। ବିଲ ବାଡିରେ ଫସଲ ଲଗାଇବା ଓ ମୁଗ, ବିରି ଚାଷ କରିବା ଯେପରି ଚାଷୀମାନଙ୍କ ପାଇଁ ସାତ ସପନ ହୋଇଗଲାଣି। ପନିପରିବା, ଫସଲ ଓ ବିଭିନ୍ନ ଫୁଲ ଗଛ ମାନଙ୍କରୁ ମାଙ୍କଡମାନେ ଏକପ୍ରକାର ରାଜୁତି ଆରମ୍ଭ କରୁଛନ୍ତି। ମାଙ୍କଡ ମାନଙ୍କ ବଂଶ ବୃଦ୍ଧି ହେଉଥିବା ବେଳେ ସେମାନଙ୍କୁ ବନ୍ଧ୍ୟାକରଣ କରାଯାଉନାହିଁକି ସେମାନଙ୍କୁ ଧରି ନନ୍ଦନକାନନରେ ନେଇ ଛାଡିବାର ବ୍ୟବସ୍ଥା କରାଯାଉନାହିଁ। ଫଳରେ ମାଙ୍କଡ ମାନଙ୍କ ସଂଖ୍ୟା ବୃଦ୍ଧି ହେଉଥିବାରୁ ଚାଷୀମାନଙ୍କ ମନରେ ଆଶଙ୍କା ସୃଷ୍ଟି ହେଲାଣି। ଏପରିକି କେତେକ ସ୍ଥାନରେ ମାଙ୍କଡମାନଙ୍କର ଉପଦ୍ରବ ଯୋଗୁଁ ଜନସାଧାରଣଙ୍କୁ କାମୁଡା କାମୁଡି କରୁଛନ୍ତି। ଏହି ମାଙ୍କଡମାନଙ୍କ ଉପଦ୍ରବକୁ ଦେଖି ଏକ ସ୍ୱେଚ୍ଛାସେବୀ ସଂସ୍ଥା ସମାଜ ବିକାଶ ମିଶନ ଓ ଚିରାଚରିତ ଚାଷୀମାନଙ୍କ ସହଯୋଗୀ ସଂସ୍ଥା ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ ଆରମ୍ଭ କରାଗଲା ନାହିଁ। ଏପରିକି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବହୁ ଚାଷୀ ଧାରଣା ଦେବାଦ୍ୱାରା ମାଙ୍କଡ ମାନଙ୍କୁ ଉଦ୍ଧାର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଯାହାର ଏକ ନମୁନା ଦେଖିବାକୁ ମିଳିଥିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧଳତଙ୍ଗଗଡ ଜଙ୍ଗଲ ନିକଟରେ ଓ ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରଣ ଓଡପଡା ନିକଟରେ। ଭୁବନେଶ୍ୱରରୁ ଆସିଥିବା ଏକ ଟିମ୍ ମାଙ୍କଡ ମାନଙ୍କୁ ଜାଲରେ ଧରି ତାଙ୍କୁ ଉଦ୍ଧାର କରି ନନ୍ଦନକାନନକୁ ନେଇଯାଇଥିବାର ସୂଚନା ଆମର ହସ୍ତଗତ ହୋଇଛି। ଏହି ମାଙ୍କଡ ଧରା ଅଭିଯାନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା ଓ ସମାଜ ବିକାଶ ମିଶନ ସଭାପତି ସରିତ୍ ମହାପାତ୍ର ଏବଂ ତାଙ୍କର ସମସ୍ତ ସଦସ୍ୟମାନେ ଏହି ଅଭିଯାନକୁ ହାତକୁ ନେଇ ଚାଷୀମାନଙ୍କର ସୁରକ୍ଷା ପ୍ରଦାନ କରୁଛନ୍ତି।

# ମିଥ୍ୟା ଜାତିଗତ ପ୍ରମାଣ ଦେଇ ଶିକ୍ଷକ ଚାକିରୀ, ହାଇକୋର୍ଟରୁ ଡକରା

**ଭଦ୍ରକ :** ମହେଶ୍ୱର ନାୟକ ନାମକ ଜଣେ ଖଣ୍ଡାୟତ ବ୍ୟକ୍ତି ନିଜକୁ ଏସ୍‌ଟି ଦର୍ଶାଇ ବିଞ୍ଝା ନୋଡାଲ ବିଦ୍ୟାଳୟରେ ଚାକିରୀ କରିଥିଲେ ବୋଲି ସୂଚନା ଅଧିକାର କର୍ମୀ ତଥା 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି ବିକାଶ ଧଳ ସୂଚନା ପାଇବା ପରେ ଏହାକୁ ନେଇ ଭଦ୍ରକ ଜିଲ୍ଲାପାଳ, ଡିଇଓ ଏବଂ ବନ୍ତ ବିଇଓଙ୍କ ନିକଟରେ ୨୦୨୦ ମସିହା ଅଗଷ୍ଟ ମାସ ୧୭ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୂର୍ବତନ ବିଇଓ ଅଧିର ତରାଇ ତଦନ୍ତ କରିଥିଲେ ବି ଲାଞ୍ଚ ନେଇ ଉପଯୁକ୍ତ ତଦନ୍ତ କରିବା ବଦଳରେ ଶ୍ରୀ ନାୟକଙ୍କୁ ସୁରକ୍ଷା ଦେଇଥିବା ନେଇ ଅଭିଯୋଗ ପାଇବା ପରେ ଶ୍ରୀ ଧଳ ଜିଲ୍ଲାପାଳ ଓ ଡିଇଓଙ୍କୁ ଏ ବାବଦରେ ଜଣାଇଥିଲେ ବି ଦୀର୍ଘଦିନ ଧରି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ଯାହାକୁ ନେଇ ଶ୍ରୀ ଧଳ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଭଦ୍ରକ ଜିଲ୍ଲାପାଳ, ଡିଇଓ, ଡିପିସିଏସ୍‌ଏସ୍‌ସି, ବନ୍ତ ବିଇଓ, ତହସିଲଦାର, ଓଡ଼ିଶା ଶିକ୍ଷା ବିଭାଗ ସଚିବ ଓ ଶ୍ରୀ ନାୟକଙ୍କୁ ୧୨ ଜାନୁଆରୀ ୨୦୨୩ରେ ହାଇକୋର୍ଟରେ ହାଜର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ମତ୍ସ୍ୟ ବିଭାଗ-ଟ୍ରଲର ମାଲିକଙ୍କ ମଧ୍ୟରେ ସଲାସୁତୁରା

# ବାରମ୍ବାର ନିଷିଦ୍ଧାଞ୍ଚଳକୁ ପ୍ରବେଶ କରୁଛି ଟ୍ରଲର



**ଅସ୍ତରଙ୍ଗ :** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ନଭେମ୍ବର ଏକରୁ ମେ ମାସ ୩୧ ପର୍ଯ୍ୟନ୍ତ ଗଭୀର ସମୁଦ୍ରର କୋଡିଏ କିଲୋମିଟର ମଧ୍ୟକୁ କେହି ମାଛ ଧରିବାକୁ ଯାଇ ପାରିବେ ନାହିଁ। କାରଣ ବିରଳ ଅଲିଭି ରିଡେଲ କଇଁଛ ମାନଙ୍କ ପ୍ରଜନନ ଋତୁ ଚାଲୁଥିବାରୁ ଅଣ୍ଡା ଦାନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି।ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ଦେବୀ ମୁହାଣ ଠାରୁ ଅସ୍ତରଙ୍ଗ କେଳୁଣୀ ମୁହାଣ ଅଞ୍ଚଳରେ ଲକ୍ଷ୍ମୀ ମନ୍ଦିର ନାମକ ଏକ ଟ୍ରଲର ଫିସିଙ୍ଗି କରୁଥିବା ସମୟରେ ରେଞ୍ଜର ବିଚିତ୍ରା ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗ କର୍ମଚାରୀ ବେଆଇନି ଭାବେ ଫିସିଙ୍ଗି କରୁଥିବା ଟ୍ରଲରକୁ ଜବତ କରିବା ସହିତ ଟ୍ରଲରରେ ଥିବା ପ୍ରାୟ ୮ ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖିଛନ୍ତି। ରେଞ୍ଜର ବିଚିତ୍ରାନନ୍ଦବେହେରାଙ୍କ ତତ୍ତ୍ୱାବଧାନ ରେବନପାଳ ପ୍ରଦୀପ ପାଣିଗ୍ରାହୀ, ମାନସ ରଞ୍ଜନ ବେହେରା, ବନରକ୍ଷୀ ଅବିନାଶ ଖୁଣ୍ଟିଆ ସମେତ ଏପିଆର ଟିମ ଟ୍ରଲରକୁ ଜବତ କରି ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଛନ୍ତି। କିନ୍ତୁ ଯାହା ସାଧାରଣରେ ଦେଖିବାକୁ ମିଳୁଛି ମତ୍ସ୍ୟ ବିଭାଗର ଅର୍ଥ ଖୋର କୋହଳ ଭାବମୂର୍ତ୍ତି କାରଣରୁ ବାରମ୍ବାର ଟ୍ରଲର ମାନଙ୍କର ନିଷିଦ୍ଧାଞ୍ଚଳକୁ ଅନୁପ୍ରବେଶ କରୁଛନ୍ତି। ବନବିଭାଗ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିବା ପରେ ଟ୍ରଲର ରେ ଥିବା ମାଛର ସଠିକ ଭାବରେ ନିଲାମ କରାନଯାଇ ଶାଗମାଛ ଦରରେ ନିଲାମ ହେଉଥିବା ଅଭିଯୋଗ ହେଉଛି। ଟ୍ରଲର ଗୁଡିକରେ ଟିଇଡି ଅଛି କି ନାହିଁ ତାହା ଯାଞ୍ଚ ହେବା ନିହାତି ଆବଶ୍ୟକ। ମତ୍ସ୍ୟ ବିଭାଗର ଅସାଧୁ କର୍ମଚାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯିବ ତାହା ଦେଖିବାକୁ ବାକି ରହିଲା।

# ଜଗନ୍ନାଥଙ୍କ ହସ





କିଶୋର ମହାନ୍ତି

ମୁଁ ପ୍ରକୃତରେ ଅନୁମାନ କରିନେଇଛି ମୁଁ ହସୁଥାଏ, ମୋ ହସ ମିଠା ମିଠା ହସ। ମୋର ଶ୍ରୀରଙ୍ଗା ଅଧରରେ ମଗ୍ନ ହେଇପଡ଼ନ୍ତି ଭକ୍ତଗଣ। ମୁଁ ହସେ କାରଣ କାହିଁକି କେହି ଜାଣି ପାରନ୍ତି ନାହିଁ - ମୁଁ ହସେ ସଂସାର ଏମିତି ହସୁ...ପ୍ରତିଟି ମଣିଷ ଏମିତି ହସୁଥାଉ। ଜୀବନଟା ହାସ୍ୟମୟ ହୋଇଉଠୁ। ଦୁଃଖ ଅଛି ବୋଲି ସେ ତିଳେ ହେଲେ ମନେ ନକରୁ।

ଭକତଙ୍କ ଗହଳି ଚହଳି ଲାଗୁଥାନ୍ତା, କିଏ ଡାକୁଥାନ୍ତା ମଣିମା, କିଏ କାଳିଆ, କିଏ ଚକାନୟନ, ପୁଣି ହାତଟେକି ଦେଇ ସମର୍ପଣ ମୁଦ୍ରାରେ ହୋଇ ମୋତେ କହୁଥାନ୍ତା ହେ ! ବଳିଆର ଭୁଜ, ହେ ମହାବାହୁ।

ମୁଁ ପରା ଭକତ ଜୀବନ ଧନ। ଭକତ ଭାବନାରେ ବଂଧା ସବୁଦିନେ। ଯିଏ ମୋତେ ଖୋଜେ ମୁଁ ତ ତାଙ୍କୁ ହିଁ ଖୋଜେ।

ଏ ବେଳରେ ମୋର ଭାରି ମନେପଡୁଛି ବନ୍ଧୁ ମହାନ୍ତିଙ୍କର ଭୋକର ଜ୍ୱାଳା ସହି ନପାରି ମୁଁ ସୁବର୍ଣ୍ଣ ଥାଳିରେ ମହାପ୍ରସାଦ ଦେଇଥିଲି। ମନେ ମୋର ଅଛି କରମା ବାଇର ମାତୃତ୍ୱରେ ବାନ୍ଧିହୋଇ ଅବଢ଼ା ହାଣ୍ଡିର ନାମ ବାଇହାଣ୍ଡି ରଖିଥିଲି। ଗଣପତିଙ୍କ ବିଶ୍ୱାସକୁ ମଜବୁତ କରିବା ପାଇଁ ମୁଁ ହାତୀବେଶ ସାଜିଥିଲି ତାଙ୍କ ପାଇଁ।

ଯେହେତୁ ମୁଁ ଭକ୍ତର ଭଗବାନ ହେଲେ ଦେଖୁଛି ତା ଅତୁଟ ଭକ୍ତି ପାଖରେ ମୁଁ ସତରେ ବନ୍ଧା ପଡ଼ିଯାଏ- ସେ ବେଳ ଆଉ ଏ ବେଳ ଭିତରେ ଆକାଶ ପାତାଳ ତଫାତ୍।

ମାଧବୀ ଦାସୀଙ୍କ ଗୀତରେ ବର୍ଣ୍ଣିଯାଇଛନ୍ତି ଚନ୍ଦ୍ରି-

"ଶବରୀ କି ଦିବ୍ୟଗତି ଯାଚିଦେଇ
ତା ଉଚ୍ଛିଷ୍ଟ ଭକ୍ଷି କରି
ମୀରା କରମାଙ୍କ ଭାବେ ହୋଇ ରଂକ
ସ୍ଥାନ ଦେଲ ବ୍ରଜପୁରୀ"

କର୍ଣ୍ଣ ନଥିଲେ ମଧ ସବୁ କର୍ଣ୍ଣ ଡେ଼ରି ଦେଇଛି-କାହାର ଦୁଃଖ ଦେଖିଲେ ମୁଁ କେମିତି ଅସ୍ଥିର ହୋଇପଡ଼େ ଆଉ ଯାହା ପାରିବି ସେ ଦିଗରେ ମୁଁ ମୋର କାର୍ଯ୍ୟ ଅବ୍ୟାହତ ରଖେ।

ମୋର ପ୍ରିୟ କବି ମୋତେ ସିଧା ପଚାରିଛନ୍ତି। ଭକ୍ତକବି ଆର୍ତ୍ତ ଦାସ ଦୃଢ଼ୋକ୍ତି ପ୍ରକାଶ କରି ମୋ ସାମ୍ନାରେ କହିଛନ୍ତି -

"ଓଡ଼ିଆ ଜନଙ୍କୁ ତୁମ୍ଭ ହୃଦେ ଦୟା ନାହିଁକି
ପରମ ପୁରୁଷ ଦେବ ନ ଶୁଣୁଛ କାହିଁକି ?"

ସବୁ ଶୁଣିଛି, ସବୁ ଦେଖିଛି, ସବୁ ବୁଝିଛି ସବୁର ଭାବକୁ ଗ୍ରହଣ କରିଦେଇଛି। ମୁଁ ସତରେ ଦେବତା ହୋଇ ରହିନାହିଁ, ମୁଁ ଆପଣଙ୍କ ଭିତରୁ ଜଣେ ହେଇଯାଇଛି। ମଣିଷ ଜୀବନ ଭିତରେ ଦୁଃଖ କଷ୍ଟ ଯନ୍ତ୍ରଣା ଭରି ରହିଛି- ନଚେତ୍ ଜୀବନର ଖଟାମିଠା, ରାଗ, ପିତାର ସ୍ୱାଦ ବାରି ପାରିବେନି- ଏଣୁ ରୋଗ ଶୋକ ବେଳେବେଳେ ମଣିଷକୁ ଅତିଷ୍ଠ କରେ ଏହି ଚରମ ସତ୍ୟକୁ ଉପଲବ୍ଧି କରି ମୋର ପ୍ରିୟ ଭକ୍ତ କବି ସମସ୍ତଙ୍କୁ ଚେତେଇ ଦେଇଛନ୍ତି -

"ଝୋଲା କନ୍ଥା ପାଛୋଡ଼ା ପିନ୍ଧାକୁ ରସୁ
ଝାଡ଼ ସଂସାରେ ମନ ଝସାଇ ପଶୁରେ
ଝୁଣ୍ଟି ପଡ଼ିଲେ ଉଠି ପାରିବୁ ନାହିଁ
ଝଡ଼ିଲା ପତ୍ର ବୃକ୍ଷେ ଲାଗିଛି କାହିଁରେ ....।

ମୁଁ ଜାଣେ ଚିରନ୍ତନ ସତ୍ୟକୁ କଣ କେହି ଆଡ଼େଇ ଦେଇ ଯାଇାପରେ ? ସବୁ ଯନ୍ତ୍ରଣା କଷ୍ଟକୁ ମଥାପାତି ସହି ନବାର କ୍ଷମତା ସେଇ ମଣିଷଙ୍କ ଭିତରେ ଅଛି। ମୁଁ ଜାଣିନଥିଲି ଏତେ ବଡ଼ ସୁନ୍ଦର ସବୁଜ ସଂସାର ହଠାତ୍ ଏତେ ବିଷମୟ ସତରେ ହୋଇଯିବ ବୋଲି। ସରଳତା ଭିତରେ ଜଟିଳତା ହିଁ ମଣିଷର ମେରୁଦଣ୍ଡୁ ଦୋହଲାଇ ଦେଇଛି। ଆଉ ସର୍ବ ଶେଷରେ ଦୁଃଖଭରା ନୟନରେ ମୋ ଆଡ଼େ ଯଦି ଥରେ ଚାହିଁ ଦେଉଛି- ମୋ ମୁହଁରୁ ସେ କେବଳ ହସ ହିଁ ଶିଖବ - ତାହା ହିଁ ମୁଁ ଚାହେଁ। ଏତେ ଦୁଃଖ କଷ୍ଟ ଭିତରେ ହସ ବା ସୁଖକୁ ଗୋଟାଇବାକୁ ଚେଷ୍ଟା କରିବ- ଏ ହସ ମୋର ନିଜର ନୁହେଁ- ଏ ସମଗ୍ର ସଂସାର ହସୁ, ମୋ ଭକ୍ତଗଣ ସୁଖରେ କାଳତିପାତ କରନ୍ତୁ, ଏହା ହିଁ ମୁଁ ଆଶା କରେ। କହିବେ ଏତେ ବଡ଼ ଚକାନୟନ ମେଳି ବସିଛ ହେଲେ ମୁଁ ବାସ୍ତବିକ କେମିତି ଅନ୍ଧ ହୋଇ ଯାଇଛି- ସବୁ ଦେଖୁଛି ହେଲେ କିଛି ଦେଖୁନାହିଁ- ଏହି ବିଷାକ୍ତ ବାତାବରଣ ମୋର ସମସ୍ତ ଚଳତ୍ ଶକ୍ତିକୁ କେମିତି ସ୍ଥାଣୁ କରିଦେଇଛି। ମୁଁ ଚାହିଁଥିଲି କଣ ହେଇ ଯାଉଛି କଣ... ମଣିଷ ମଣିଷ ହାତରେ ଅମୃତ ଧରାଇ ଅମୃତସ୍ୟ ପୁତ୍ର କହିଲି ହେଲେ ଶେଷରେ ବିଷ ମଞ୍ଜି ବୁଣିଦେଲା ? ମୁଁ ଦେଖୁଛି ଏଠି ତ ଦୁର୍ଯ୍ୟୋଧନଙ୍କର ଆଉ ରାବଣଙ୍କର ପ୍ରାଦୃଭାବ କମ ନାହିଁ - ଏମାନେ ଧରାକୁ ସରା ମଣୁଛନ୍ତି। ସାମାନ୍ୟ ସତା ପାଇଁ ଶକ୍ତି ବା ବଳର ପ୍ରୟୋଗ କରୁଛନ୍ତି।

"ଲୋଚନେ ଦେଖି କର୍ଣ୍ଣ ଶଣୁଛି ନିତି
ଲୋଭ କରି ଅର୍ଜିଲୁ ଧନ ସମ୍ପତିରେ
ଲୋଭଟି ସବୁନାଶ କରଇ ମନ
ଲୋଡ଼ିଲେ ନପାଇବୁ ଆଉ ଜୀବନରେ..."

ଏହି ସବୁ ଗୁଢ଼ କଥାକୁ ହେଜ ନକରି ପାପ କର୍ମରେ ଲିପ୍ତ ହେଇ ସୁନ୍ଦର ସମାଜକୁ ଗଢ଼ିବା ବଦଳରେ ଭାଙ୍ଗିବାରେ ଲାଗିଲା ସେ - ହେଲେ ଏଥିରୁ ନିଷ୍କୃତ କାହିଁ ?

ମୋ ହସ କିନ୍ତୁ ସବୁଙ୍କୁ ଆହ୍ଲାଦିତ କରିଛି - ତେଣୁ ତ କବି ଶତମୁଖର ହେଇ ଗାଇଛନ୍ତି -

"ମୃଦୁ ମଧୁର ହସ
ଅଧରେ ଜଗଦୀଶ
ତିନିପୁରକୁ ଯାଚି ଦେଉଛ।"

ପୁରୁଷୋତମଧାମର ନୀଳାଚଳ ନାଥ କହି ମୋତେ ରତ୍ନସିଂହାସନରେ ବସାଇ ଦେଇଛ। ମୋତେ ଉତ୍କଳର ନେତା ନିଜେ ନାରାୟଣ କହି ମୋହାତେ ଗଢ଼ା ସୁନାର ସଂସାରକୁ ଉଜାଡ଼ି ଦେଇ ନାହିଁ ? ଏସବୁ ସହିବି କେମିତି କହ ! ଯୋଉ ଗଛଲତା ପାହାଡ଼ ପଶୁ ପକ୍ଷୀଙ୍କ ରକ୍ଷଣା ବେକ୍ଷଣ କରିବା ପାଇଁ ମୁଁ ମଣିଷକୁ ସୃଷ୍ଟି କଲି ସେ କଲା କ'ଣ ! ମୋ ହାତରେ ଗଢ଼ା ସେ ଶାନ୍ତ ସୁନ୍ଦର ପ୍ରକୃତି ଆଉ ଅଛି କଣ ! ଏଇ ଦୁର୍ଦ୍ଦାନ୍ତ ମଣିଷ ବାଘକୁ ମାରି ତା ଛାଲ ବିକ୍ରି କରି ଧନ ଅର୍ଜିଲା, ହାତୀ ବଂଶକୁ ନିପାତ କଲା, ତାର ଦାନ୍ତ ହାଡ଼କୁ ନେଇ ବ୍ୟବସାୟ କଲା। ନିଜ ଆମୋଦ ପ୍ରମୋଦ ପାଇଁ ପକ୍ଷୀଙ୍କୁ ପିଞ୍ଜରାରେ ରଖିଲା। ବଣ ଜଙ୍ଗଲ ହାଣି ପଦା କରିଦେଲା ! ଯେଉଁଥିପାଇଁ ଏ ଜଗତରେ ଛ' ଋତୁ ଆଉ ଆସିଲା ନାହିଁ। ଗାଡ଼ି, ମଟର କଳକାରଖାନା ଧୂଆଁରେ ପ୍ରଦୂଷିତ ହେଲା ସାରା ଜଗତ। ଜାଣିଲା ନାହିଁ ବିଷ ପିଇଲା - ଏଇଥିରୁ ବିଷାକ୍ତ ଭୂତାଣୁ ସେ ନିଜେ ତିଆରି କଲା। ନିଜ ଗୋଡ଼ରେ ନିଜେ କୁରାଢ଼ୀ ଚୋଟ ମାରିଲା। ଆଜି ମଣିଷ ତିଆରି ଭୂତାଣୁ ମଣିଷର ଫୁସ୍‌ଫୁସ୍ କଲିଜାକୁ ସଂକ୍ରମଣ କରି ଖାଇ ଯାଉଛି। କୁଢ଼ କୁଢ଼ ଶବ ଶ୍ମଶାନରେ ପଡ଼ିଛି। ଭାବୁଛ କଣ ମତେ କଷ୍ଟ ହେଉନାହିଁ ? ମୋ ଭିତରେ ଅନେକ କଷ୍ଟ ଆଉ ଯନ୍ତ୍ରଣା। ହେଲେ ମୁଁ ନାଚାର।

କହିବ, ଏକଥା ସତ୍ୟ, ଷାଠିଏ ପଉଟି ଭୋଗ ଖାଇ ମୁଁ ଅୟସ ଆରାମରେ ନୀଳାଚଳର ସମୁଦ୍ରର ଶୀତଳ ପବନରେ ଶୋଇଯାଇଛି। ମୋ ଆଖିରେ କିନ୍ତୁ ଏଯାଏ ପଲକ ପଡୁନି। କେମିତି ଦିନ ଯାଇ ରାତି ଆସି ରାତି ପାହୁଚି ମୋତେ ଜଣା ନାହିଁ- ମୁଁ ସିନା ଏଠି ବସିଲି, ଯେଉଁ ଯେଉଁ ସ୍ଥାନରେ ମୋର ଅବିକଳ ପ୍ରତିମୂର୍ତ୍ତୀ ସ୍ଥାପନ କରି ପୂଜା ଅର୍ଚ୍ଚନା ଚାଲିଛି। ସେଠି କଣ ଠିକ୍‌ରେ ଚାଲିଛି ? ସେଠି କ'ଣ ବ୍ୟବସାୟ ହେଉନାହିଁ ? ମୁଁ ଏମାନଙ୍କ ପାଖରେ କେତେ ଅଲୋଡ଼ା ସତରେ- ଏମତି ଭବ୍ୟ ମନ୍ଦିର ତିଆରି କରି ମୋତେ ଥାପିବାର ଉଦ୍ଦେଶ୍ୟ କଣ ସତରେ ? ମୋ ସେଇ ମନ୍ଦିରକୁ ବୁଲଡ଼ୋଜର ମଡ଼ାଇ ଭାଙ୍ଗି ଦିଆଯାଉଛି। ମୋର ବାସସ୍ଥାନ ହେଇଯାଉଛି ତା ପରଠାରୁ ଗଛମୂଳ। ମୁଁ ପୁଜା ହେଲି କି ନ ହେଲି କିଏ ଜାଣେ। ଏଇ ଆମର ସୁଦୃଢ଼ ପ୍ରଶାସନ । ମୋତେ ସେଇ ଜାଗାରେ ରଖି ଅସମ୍ମାନ କରାଯାଉ ନାହିଁ କି ? ମୋତେ ଦୋକାନ ଆଗରେ ଅବା ହୋଟେଲର ଶୋଭା ବଢ଼ାଇବା ପାଇଁ ସ୍ଥାପନ କରି ଧୂପ ସକାଳେ ବୁଲାଇ ଦେଇ ଯାବତୀୟ ଅପକର୍ମ ଚାଲିଛି, ମୁଁ ସହିପାରିବି ତ ? ଏସବୁ ମଣିଷକୃତ ନୁହେଁ କି ? ମୁଁ କଣ ଏଇ ଉପଦେଶ ଦେଇଥିଲି ତାକୁ ?

ଯୋଉଠି ଯୋଉଠି ମନ୍ଦିର ଭଙ୍ଗାଯାଇ ମୋତେ ଅନାଥ କରାଯାଇ ଗଛମୂଳେ ରଖାଯାଇଛି ସେଠି ମୋତେ ଫୁଲ,ପାଣି ଓ ତୁଳସୀ କିଏ ବା ଚଢ଼ାଉଛନ୍ତି - ହେଲେ ଏଠି ପୁରୀର ଭବ୍ୟ ମନ୍ଦିରରେ ବସାଇ ମୋ ରଥଯାତ୍ରା କରି ଫଟୋ ଉଠାଇ ଟେଲିଭିଜନରେ ବିଶ୍ୱର ସବୁ ଲୋକଙ୍କୁ ଦେଖାଇ ସେମାନେ ଧର୍ମବକ ସାଜି ବାହାବା ନେଉ ନାହାନ୍ତି କି ?

ଆଜି ସତରରେ ମୋତେ ପଣ୍ୟଦ୍ରବ୍ୟ ଭାବରେ ବଜାର ହାଟରେ ଦୋକାନରେ ମେଲାଇ ବସିଛନ୍ତି। ପ୍ରଦର୍ଶନର ଉତ୍କୃଷ୍ଟ ନମୁନା ସାଜିଛି ଏବେ ମୁଁ। ବିଭିନ୍ନ ସଭା, ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ମଂଚ ଉପରେ ସେମିତି ମୋତେ ବସାଇ ଦିଆଯାଉଛି। ବିବାହ, ବ୍ରତୋପଯନ,ଶୋଭାଯାତ୍ରା ଓ ରାଲି ଇତ୍ୟାଦିରେ ମୋର ମୂର୍ତ୍ତି ରହୁଛି। ଶୁଭ ତଥା ମଙ୍ଗଳ କର୍ମରେ ମୋତେ ରଖିଲେ ହୁଏତ ସୁନ୍ଦର ସାଜନ୍ତା। ଏ ପ୍ରକାର ପ୍ରଦର୍ଶନ କହିଲେ ଭକ୍ତଗଣ ସଂସ୍କୃତିର ବିକଳ ସ୍ଥିତି ନୁହେଁକି ? ଏଣୁ ମୋ ଶ୍ରୀରଂଗା ଅଧର ଆଜି ହସୁନାହିଁ- ହସିବାଟା ଆପଣଙ୍କ ପାଇଁ କେବଳ ଚିତ୍ର ମାତ୍ର। କିନ୍ତୁ ମୋ ମନଟା ଭିତରେ ଆଉଟ ପାଉଟ ହୋଇଯାଉଛି- ମୁଁ ହସୁନାହିଁ - ସତ ମୋ ଆଖି ଦୁଇଟା ଲୁହରେ ଭରା। ମୋ ହୃଦୟ କାନ୍ଦୁଛି।

"ଆଖିକୁ କରିଛି ମୁଁ ଲୁହର ସାଗର, ହୃଦୟକୁ ମୋର କରିଛି ପଥର ସହିପାରୁନାହିଁ - କହିପାରୁନାହିଁ ମୁଁ ସତେ ହେବି କାହାର ?

*ଇ-୫୦, ସେକ୍ଟର -୭,*
*ସିଡ଼ିଏ, କଟକ-୧୪*
*ଫୋନ୍-୯୪୩୭୭୨୮୪୭୫*



# ଅସମ୍ଭାଳ ଜାଡ



ପ୍ରେମାନନ୍ଦ ପାଣିଗ୍ରାହୀ

ସାମୁଦ୍ରିକ ଝଡ ମାଣ୍ଡସ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ଝିପଝିପ ବର୍ଷା ଓ କୋହଲା ପାଗ କିଛିଦିନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା । ଏବେ ସାରା ରାଜ୍ୟରେ ଉଭୟ ଦିନ ଓ ରାତି ତାପମାତ୍ରା ହ୍ରାସ ସହିତ ଉତ୍ତର ଦିଗରୁ ଶୀତଳ ପବନ ପ୍ରବାହିତ ହେଉଥିବାରୁ ଶୀତଲହରୀ ସାଙ୍ଗକୁ ଅସମ୍ଭାଳ ଜାଡ ଅନୁଭୂତ ହେଉଛି । ଦିନକୁ ଦିନ ପାରଦ ଖସିବାରେ ଲାଗିଛି । ବିଶେଷ କରି ଆଭ୍ୟନ୍ତରୀଣ ଓଡିଶାର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି । ଭୌଗୋଳିକମାନଙ୍କ ମତରେ ପୃଥିବୀର ବାର୍ଷିକ ଗତି ଫଳରେ ଋତୁ ପରିବର୍ତ୍ତନ ହୁଏ । ପୃଥିବୀର ଘୂର୍ଣ୍ଣନ ସାଙ୍ଗକୁ ତାପମାତ୍ରା ମଧ କ୍ରମ ବୃଦ୍ଧି ହୁଏ । ସର୍ବନିମ୍ନ ତାପମାତ୍ରା ସାଙ୍ଗକୁ ସର୍ବୋଚ୍ଚ ତାପମାତ୍ରା ହ୍ରାସ ପାଏ । ସାଧାରଣତଃ ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଓଡିଶାରେ ଶୀତ ପ୍ରକୋପ ଅନୁଭୂତ ହୋଇଥାଏ । ଡିସେମ୍ବରରୁ ଫେବୃଆରୀ ମାସ ମଧରେ ସର୍ବାଧିକ ଶୀତ ହୁଏ । ଦିବାଭାଗର କ୍ରମ ସଙ୍କୋଚନ ଆଉ ରାତ୍ରିର ମାତ୍ରା ବୃଦ୍ଧି ହୁଏ । ହିମାଳୟର ଉତ୍ତର ଭାଗଦେଇ ସାଇବେରିଆ ଓ ଅନ୍ୟାନ୍ୟ ବରଫାବୃତ୍ତ ଗୁରୁଚାପ ଅଞ୍ଚଳରୁ ଲଘୁଚାପ ଅଞ୍ଚଳକୁ ଏହି ସମୟରେ ବାୟୁ ପ୍ରବାହିତ ହୁଏ । ସେହି ବାୟୁ ଶୁଷ୍କ ଓ ଥଣ୍ଡା ହୋଇଥିବାରୁ ଏହାର ପ୍ରଭାବରେ ସାରା ଭାରତରେ ଶୀତ ଲହରୀ ଲାଗି ରହେ । ଉପକୂଳ ଅଞ୍ଚଳ ଅପେକ୍ଷା ଅଭ୍ୟନ୍ତର ଅଞ୍ଚଳରେ ଅଧିକ ଥାଏ । କାରଣ ସାମୁଦ୍ରିକ ତାପର ପ୍ରଭାବ ଉପକୂଳବର୍ତ୍ତୀ ଅଞ୍ଚଳର ତାପମାତ୍ରାକୁ ପ୍ରଭାବିତ କରିଥାଏ । ତେଣୁ ସମୁଦ୍ର ଠାରୁ ଯେଉଁ ସ୍ଥାନର ଦୂରତା ଯେତେ ଅଧିକ ସେଠାରେ ଶୀତର ପ୍ରକୋପ ସେତେ ଅଧିକ ହୋଇଥାଏ ।

ଋତୁ ଚକ୍ରର ଋତୁ ଗୁଡିକ ମଧରେ ଶୀତ ଋତୁର ସ୍ୱତନ୍ତ୍ରତା ରହିଛି । ଋତୁଚକ୍ରରେ ଏହାର ସ୍ଥାନ ପଞ୍ଚମ । ହେମନ୍ତ ଋତୁର ଠିକ୍ ପରକୁ । ଶୀତ ଏକ ଶିହରିତ ମାୟାର ଋତୁ । ପ୍ରତିଟି ମଣିଷର ସାମଗ୍ରୀକ ଚେତନା ବୋଧ ପାଇଁ ଚମତ୍କାର ସମ୍ବୋଧନ ଭରା ଆବେଗର ଋତୁ ଶୀତ । ହେମାଙ୍ଗ ଆଲିଙ୍ଗନରେ ଆବୋରି ହୋଇଯାଏ ଜଗତ । ଶୀତଳ ସଂନ୍ଧ୍ୟାରେ ଉତ୍ତରା ପବନ ପରିବେଶକୁ ଆହୁରି ଶୀତୁଆ କରିଦିଏ । ଶୀତ ଋତୁ ସମସ୍ତଙ୍କ ମନରେ ଆଶା, ଆନନ୍ଦ, ଉଲ୍ଲାସ ଭରିଦିଏ । ଏ ଆନନ୍ଦ ଆତ୍ମାକୁ ବାରମ୍ବାର ସ୍ୱର୍ଶ କରେ । ସ୍ୱର୍ଶ କରେ ଚେତନାର ଉତ୍ସକୁ । କେଉଁଠି ସୋରିଷ ଫୁଲର ଶୋଭା ପୁଣି କେଉଁଠି କୁହୁଡି ଘେରା ପୌଷର ସକାଳ, ପୁଣି ଅସୁମାରି ବିହଙ୍ଗଙ୍କ ଖୋଲା ଆକାଶ ତଳେ ସଂନ୍ଧ୍ୟାକାଳୀନ ଶୋଭାଯାତ୍ରା । ଆଉ ଧାନ ବିଲ ଭିତରେ ଚିଲ, ଗେଣ୍ଡାଳିଆ, ବଗ ପକ୍ଷୀମାନଙ୍କର ସ୍ୱଚ୍ଛନ୍ଦ ବିହାର । ଶୀତରେ ସବୁ କମନୀୟ ଲାଗେ । କୃଷକ ମନରେ ତାର ପାଚିଲା ଧାନ କ୍ଷେତର ଦୃଶ୍ୟ ଆତ୍ମତୃପ୍ତି ଭରିଦିଏ ।

ଶୀତ ଋତୁ ଶସ୍ୟ ଅମଳର ଋତୁ । ପୌଷ ମାସରେ ଧାନ କଟା ଚାଲିଥାଏ । ଶଗଡ ଶଗଡ ଧାନ ଆସୁଥାଏ । ଖଳାରେ, ବାଡିରେ ଭର୍ତ୍ତି ହୋଇଯାଏ ଧାନଗଦା । ବସୁଧା ପିନ୍ଧିଥାଏ ସୁନା ଛିଟିକା ଖଣ୍ଡୁଆ ପାଟ । ମହାଲକ୍ଷ୍ମୀ ଅଗଣାରେ ହସି ଉଠନ୍ତି । ତା ସହିତ ହସି ଉଠେ ଚିର ଅବହେଳିତ ଜୈବକ୍ଲିଷ୍ଟ କୃଷକର ଅନ୍ତରାତ୍ମା । ଶୀତ ଋତୁ ଆଣେ ନାନାପ୍ରକାର ସ୍ୱାଦିଷ୍ଟଫଳ, ଫୁଲ , ସାଗ, ସବୁଜିମାର ସଂଭାର । ଦେଶୀ ବିଦେଶୀ ଫୁଲ ଆଉ ତାର ପ୍ରିତୀଭରା ଉଚ୍ଛୁଳା ଭୁରୁଭୁରୁ ମହକରେ ମନ ମତୁଆଲା ହୋଇଯାଏ । ଶୀତ ଋତୁରେ ପ୍ରାୟ ଓଡିଆଙ୍କ ଘରେ ଦେଶୀ ସୁପ୍ କାଞ୍ଜି ର ଚାହିଦା ମିଳିଥାଏ । ବାସି ଅରୁଆ ତୋରାଣୀରେ ହଳଦୀ,ଲୁଣ,ସାରୁ,ମୂଳା,ପାଳଙ୍ଗ,କଖାରୁ , ଭେଣ୍ଡି ଓ ଭୃଷଙ୍ଗ ପତ୍ରକୁ ଫୁଟଣ କରି କାଞ୍ଜି ପ୍ରସ୍ତୁତ ହୁଏ। ଏହି ଦେଶୀ ସୁପ୍ ର ଚାହିଦା ଏବେବି ଗାଁ ମାନଙ୍କରେ ରହିଛି । ଶୀତ ଋତୁ ଆସିଲେ ପିଲାମାନଙ୍କର ଗୁଡିଉଡା କଥା ମନେପଡେ। ନାନାରଂଗର ଗୁଡିରେ ଆକାଶ ରଙ୍ଗିନ୍ ହୋଇଉଠେ। ନଇପଠା ଓ ଖେଳପଡିଆରେ କି ଯୁବକ କି ପିଲା ଗୁଡି ଉଡାର ମଜା ନିଅନ୍ତି । ବାୟୁମଣ୍ଡଳରୁ ଉତ୍ତାପ ହ୍ରାସ ପାଇବା ଫଳରେ ଶରୀରକୁ ଉଷ୍ମ ରଖିବା ,ପାଇଁ ପଶମ ଓ ଉଲେନର ରଙ୍ଗ ବେରଙ୍ଗ ବସ୍ତ୍ର ପିଲାଙ୍କଠାରୁ ବୁଢାବୁଢୀଙ୍କ ପର୍ଯ୍ୟନ୍ତ ପରିଧାନ କରିଥାନ୍ତି । ଶୀତ ଋତୁ ବୁଲାବୁଲିର ଋତୁ। ଏହି ଋତୁରେ ଟିକିଏ ଓ ଆନନ୍ଦ ପାଇବା ପାଇଁ ବୁଲାବୁଲି ଓ ଖାଇବା ପିଇବାରେ ସମସ୍ତେ ଆଗ୍ରହ ଦେଖାଇଥାନ୍ତି । ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ ସାଙ୍ଗକୁ ବଣ, ନଦୀ ଓ ଝରଣା କୂଳରେ ବଣଭୋଜି କରିବାର ମଜା ଏ ଋତୁରେ ନିଆରା।

ଶୀତ ଋତୁ ଆସିଲେ ବିଶ୍ୱମାନ୍ୟ ପକ୍ଷୀତୀର୍ଥ ତଥା ଏସିଆ ମହାଦେଶର ସର୍ବବୃହତ ଲୁଣିହ୍ରଦ ଚିଲିକା ପାଲଟିଯାଏ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ବିହାର ସ୍ଥଳ । ଶୀତ ଋତୁରେ କାସ୍ପିଆନ୍ ସାଗର, ବୈକାଲ ହ୍ରଦ, ଆରାଲ୍ ସମୁଦ୍ର ତଥା ରୁଷ୍ ଦେଶର ଅନ୍ୟାନ୍ୟ ଦୁର୍ଗମ ସ୍ଥାନ । କେନ୍ଦ୍ର ତଥା ଦକ୍ଷିଣ ପୂର୍ବ ଏସିଆ, ଲଦାକ୍, ହିମାଳୟର ଥଣ୍ଡା ଅଞ୍ଚଳରେ ପଡୁଥିବା ଶୀତକୁ ସହ୍ୟ କରିନପାରି ପ୍ରତି ବର୍ଷ ନଭେମ୍ବର ମାସରୁ ଫେବୃଆରୀ ମାସ ମଧରେ ପ୍ରାୟ ୧୬୦ ପ୍ରଜାତିର ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠେ । କେବଳ ଚିଲିକା କାହିଁକି ଆମ ରାଜ୍ୟରେ ଥିବା ଭିତରକନିକା, ଅଂଶୁପା, ଡେରଜାଙ୍ଗ, ହ୍ରଦଗଡ, ରେଙ୍ଗାଳି, ମାଛକୁଣ୍ଡ, ଦଣ୍ଡାଧର, ଦଦରାଘାଟି ପ୍ରଭୃତି ଜଳାଶୟ ମାନଙ୍କରେ ଦେଶୀ ବିଦେଶୀ ପକ୍ଷୀଙ୍କ ସମାଗମ ଗତ କିଛି ବର୍ଷ ଧରି ଦେଖିବାକୁ ମିଳୁଛି ।

ପଶ୍ଚିମ ଲାଦାକ୍‌ର ଦ୍ରାସ ଭାରତର ସବୁଠାରୁ ଅଧିକ ଶୀତ ପ୍ରଧାନ ସ୍ଥାନ ହୋଇଥିବାବେଳେ ସାଇବେରିଆ ପରେ ଏହା ବିଶ୍ୱର ଦ୍ୱିତୀୟ ଥଣ୍ଡା ଅଞ୍ଚଳ ଭାବେ ପରିଚିତ । ଓଡିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡି ଅଞ୍ଚଳରେ ଶୀତଋତୁରେ ଅନେକ ପର୍ଯ୍ୟଟକଙ୍କର ଭିଡ ଜମେ । ଦାରିଙ୍ଗବାଡିର ସବୁଜ ପରିବେଶ ଓ ସକାଳର କୁହୁଡିରେ ଶୀତ ଅନୁଭୂତିକୁ ପାଖରୁ ସାଉଣ୍ଟିବା ପାଇଁ ପର୍ଯ୍ୟଟକ ଏଠାକୁ ଆକୃଷ୍ଟ ହୋଇଥାନ୍ତି । ଦାରିଙ୍ଗବାଡିରେ ଶୀତଋତୁରେ ବରଫପାତ ହୋଇଥିବାର ନଜିର ମଧ ରହିଛି । କେବଳ ଦାରିଙ୍ଗବାଡି ନୁହେଁ ଓଡିଶାର ସୁନାବେଡା ଓ ଟେନ୍‌ସାରେ ମଧ ହାଡଥରା ଶୀତ ଅନୁଭବ କରିହୁଏ । ଶୀତ ଋତୁରେ ମଣିଷ ଓ ଜୀବଜନ୍ତୁ ଙ୍କୁ ଶୀତ ଲାଗେ । ଏହି ଶୀତ ଶ୍ରୀମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବି ଅନୁଭୁତ ହୁଏ । ମହାପ୍ରଭୁ ମଧ ଶୀତ ପ୍ରକୋପରେ ଥରନ୍ତି । ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ କରାଯାଇଥାଏ ସ୍ୱତନ୍ତ୍ର ଘୋଡ । ମାର୍ଗଶର ଶକ୍ଳପକ୍ଷ ଷଷ୍ଠୀ ଯାହାକୁ କି ଓଢଣ ଷଷ୍ଠୀ କୁହାଯାଏ ସେହିଦିନ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ସପ୍ତାହର ସାତ ଦିନରେ ଠାକୁର ମାନଙ୍କୁ ଭିନ୍ନ ଭିନ୍ନ ରଙ୍ଗର ଘୋଡ ଲାଗି ହୋଇଥାଏ ।

*ଭୁଷଲ, ଭୁବନ, ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*





# କୋଭିଡ୍‌ରେ ୨୨ ହଜାର ଶ୍ରମିକ ଉଭାନ

**କଟକ :** କଟକ ଜିଲ୍ଲାର ୨୨ ହଜାର ୩୨୬ ଶ୍ରମିକ କୋଭିଡ୍ ସମୟରୁ ଉଭାନ ହୋଇଯାଇଛନ୍ତି। ସେମାନଙ୍କର ଆଉ ପତ୍ତା ମିଳୁନି। ଯାହାଫଳରେ, ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆସିଥିବା ସାଢ଼େ ୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ଏବେ ବିଭିନ୍ନ ବ୍ଲକ୍ ଓ ପେ ?ର ସଂସ୍ଥାରେ ପଡ଼ିରହିଛି। ନିୟମ ଅନୁସାରେ, ଯେଉଁ ଶ୍ରମିକ ନାହାନ୍ତି ସେମାନଙ୍କ ସହାୟତା ରାଶି ଫେରି ଯିବା କଥା। ମାତ୍ର, ବାରମ୍ବାର ଚିଠି ସତ୍ତ୍ୱେ ୫ଟି ବ୍ଲକ୍‌ର ବିଡିଓ ତଥ୍ୟ ଅଥବା ବିନିଯୋଗ ପ୍ରମାଣପତ୍ର ମଧ୍ୟ ଦାଖଲ କରୁ ନଥିବା ଜଣାପଡ଼ିଛି। କୋଭିଡ୍ ପାଇଁ ଜୀବିକା ହରାଇ ଭିଟାମାଟିକୁ ଫେରି ଆସିଥିବା ଶ୍ରମିକଙ୍କ ପାଇଁ ସରକାର ସହାୟତା ରାଶି ଘୋଷଣା କରିଥିଲେ। ପ୍ରତି ଶ୍ରମିକଙ୍କ ପାଇଁ ୧୫ଶହ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଥିଲା। ସେହି ଆଧାରରେ କଟକ ଜିଲ୍ଲାର ପଞ୍ଜୀକୃତ ୧ ଲକ୍ଷ ୮୭ହଜାର ୫୩୧ ଜଣ ଶ୍ରମିକଙ୍କ ପାଇଁ ସରକାର ୨୮କୋଟି ୧୨ ଲକ୍ଷ ୯୬ ହଜାର ୬୦୦ଟଙ୍କା ପ୍ରଦାନ କରିଥିଲେ। ସେହି ଟଙ୍କାକୁ ଠିକ୍ ଢଙ୍ଗରେ ବଣ୍ଟନ ପାଇଁ ସମସ୍ତ ୧୪ଟି ବ୍ଲକ୍‌ର ବିଡିଓ, ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏପରିକି ସେମାନଙ୍କୁ ଶ୍ରମିକଙ୍କ ତାଲିକା ମଧ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ, ସବୁ ଶ୍ରମିକ ପାଉଣା ପାଇନାହାନ୍ତି। ଅର୍ଥାତ୍ ୧ ଲକ୍ଷ ୮୭ହଜାର ୫୩୧ ଜଣ ଶ୍ରମିକଙ୍କ ମଧ୍ୟରୁ ୧ଲକ୍ଷ ୬୫ହଜାର ୨୦୫ଜଣ ଶ୍ରମିକ କରୋନା ସହାୟତା ରାଶି ପାଇଛନ୍ତି। ଅବଶିଷ୍ଟ ୨୨ହଜାର ୩୨୬ଜଣ ସହାୟତା ରାଶି ପାଇ ପାରିନଥିବା ଜଣାପଡ଼ିଛି। ଫଳରେ, ସେମାନଙ୍କ ପାଇଁ ଥିବା ୩ କୋଟି ୩୪ ଲକ୍ଷ ୮୯ ହଜାର ଟଙ୍କା ଏବେ ବି ବ୍ଲକ୍ ଆଉ ପୌରସଂସ୍ଥାରେ ପଡ଼ିରହିଛି। ହସ୍ତଗତ ସୂଚନା ଅନୁସାରେ, କଟକ ଜିଲ୍ଲାର ୧୪ଟି ବ୍ଲକ୍ ମଧ୍ୟରୁ ୫ଟି ବ୍ଲକ୍ ଅର୍ଥାତ୍ ନିଆଳି, ବଡ଼ମ୍ବା, ବାଙ୍କୀ, ଡମପଡା, ନରସିଂହପୁର ଆଜି ପର୍ଯ୍ୟନ୍ତ କେତେ ଟଙ୍କା ବାଣ୍ଟିଲେ, କେତେ ବଳକା ରହିଲା ତାର ତଥ୍ୟ ଦେଇ ନାହାନ୍ତି। ଶ୍ରମ ବିଭାଗର ବାରମ୍ବାର ଚିଠି ସତ୍ତ୍ୱେ ବଳକା ଟଙ୍କା ବି ଫେରସ୍ତ କରୁ ନାହାନ୍ତି। ଏଥିସହ ଚୌଦ୍ୱାର ପୌରପରିଷଦ, ଆଠଗଡ଼ ଏନ୍‌ଏସିକୁ ଯାଇଥିବା ସହାୟତା ରାଶିରୁ କେତେ ବଣ୍ଟା ଯାଇଛି, କେତେ ବଳକା ରହିଛି ସେ ତଥ୍ୟ ଆସୁନି କି ବଳକା ଟଙ୍କା ବି ଶ୍ରମ ବିଭାଗକୁ ଫେରସ୍ତ ଯାଉନି। ଇତିମଧ୍ୟରେ ଦେଢ ବର୍ଷରୁ ଅଧିକ ଦିନ ବିତି ଯାଇଥିଲେ ବି ୨୨ ହଜାର ଶ୍ରମିକଙ୍କ ସ୍ଥିତିକୁ ନେଇ ଏବେ ସମସ୍ତେ ସନ୍ଦିହାନ। ପ୍ରକୃତରେ ସେହି ନାମଧାରୀ ଶ୍ରମିକ ଅଛନ୍ତି ନା ନାହିଁ, ଯଦି ଅଛନ୍ତି ସେମାନେ ସେମାନଙ୍କ ଗାଁରେ ଅଛନ୍ତି ନା ପୁଣି ଭିଟାମାଟିଠାରୁ ଦୂରେଇ ଗଲେଣି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

## କ୍ଷୀପ୍ର ଗତିରେ ଆଗେଇ ଚାଲିଛି ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟ

# ନିର୍ଦ୍ଧାରିତ ଅବଧିରେ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର :** କ୍ଷେତରେ ମାଡ଼ିବ ପାଣି, ଚାଷୀ ମୁହଁରେ ଖେଳିବ ହସ। କେବଳ ବର୍ଷା ଉପରେ ଆଉ ଚାଷୀକୁ ନିର୍ଭର କରିବାକୁ ପଡ଼ିବ ନାହିଁ। ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ବରଗଡ଼ ଓ ଏହାର ନିକଟବର୍ତ୍ତୀ ଜିଲ୍ଲାର ଜମି ଜଳସେଚିତ ହେବ। ଏହି ପରିପ୍ରେକ୍ଷୀରେ ବିଜେପୁର ନିର୍ବାଚନମଣ୍ଡଳୀରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଦ୍ୱାରା ୯୨ କିମି ପର୍ଯ୍ୟନ୍ତ ୬୪ ହଜାର ଏକର ଶୁଖିଲା ଜମିକୁ ପାଣି ପହଞ୍ଚାଇବା ପାଇଁ ପାଇପ ଲାଇନ ବିଛାଯାଇଛି। ଯାହାର ଏକ ଚିତ୍ର ୫ଟି ସଚିବ ଭିକେ ପାଣ୍ଡିଆନ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହି ପ୍ରକଳ୍ପକୁ ଖୁବ ଶୀଘ୍ର ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଷୟିକ ଟିମ ସହ ମଧ୍ୟ ଆଲୋଚନା କରିଛନ୍ତି। ରାଜ୍ୟରେ ଜାରି ରହିଥିବା ବିଭିନ୍ନ ବୃହତ୍ ଜଳସେଚନ ପ୍ରକଳ୍ପ ଯେପରି ନିର୍ଦ୍ଧାରିତ ସମୟରେ ଶେଷ ହେବ ସେନେଇ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗତ ଏପ୍ରିଲ ମାସରେ ରୂପାନ୍ତର ଶୃଙ୍ଖଳାର ପ୍ରଥମ ବୈଠକ ଅନୁଷ୍ଠିତ ହେବା ସହ ଆସନ୍ତା ୨୦୨୪ ସୁଦ୍ଧା ରାଜ୍ୟର ୧୫ଟି ପ୍ରମୁଖ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୨୦୨୩ ମସିହା ଜୁନ୍ ମାସ ସୁଦ୍ଧା ବହୁ ପ୍ରତୀକ୍ଷିତ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲୁଥିବା ବେଳେ ଆସନ୍ତା ଖରିଫରେ କୃଷକମାନେ ଚାଷଜମିକୁ ପାଣି ପାଇବେ। କେବଳ ଗଙ୍ଗାଧର ମେହେର ପ୍ରକଳ୍ପ



ନୁହେଁ,ଏହା ସହ ଲୋୟର ସୁକତେଲ, କାନପୁର ଜଳସେଚନ ପ୍ରକଳ୍ପ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ସହ ଅନ୍ୟାନ୍ୟ କେତେକ ପ୍ରକଳ୍ପ ଶେଷ କରିବାକୁ ସରକାରୀସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାୟ ୧୧୩୮ କୋଟି ୬୩ ଲକ୍ଷ ଟଙ୍କା ବିନିମୟରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଥମେ ୨୫ ହଜାର ୬୦୦ ହେକ୍ଟର ଚାଷଜମିକୁ ଜଳ ଯୋଗାଣ ନେଇ ସରାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ତନ୍ମଧ୍ୟରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ବିଜେପୁର ବ୍ଲକର ୭୭ଟି ଗ୍ରାମର ୧୫ ହଜାର ୨୦୦ ହେକ୍ଟର, ସୋହେଲା ବ୍ଲକର ୨୩ ଗୋଟି ଗ୍ରାମର ୬ ହଜାର ୪୦୦ ହେକ୍ଟର ଏବଂ ବରପାଲି ବ୍ଲକର ୧୯ଟି ଗ୍ରାମର ୩ ହଜାର ୮୪୦ ହେକ୍ଟର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକର ୫ଟି ଗ୍ରାମର ୧୬୦ ହେକ୍ଟର ଚାଷଜମିକୁ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଗତ ମଇ ମାସରେ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ପ୍ରକଳ୍ପ ଅଧିନରେ ଆଉ ଅତିରିକ୍ତ ୫୭୨୦ ହେକ୍ଟର ଚାଷଜମିକୁ ଜଳସେଚନ କରିବା ନେଇ ପ୍ରସ୍ତାବ ଉପରେ ମୋହର ବାଜିଥିଲା। ଏଥିପାଇଁ ଅତିରିକ୍ତ ଭାବେ ୧୮୫ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

## ପହିଲାରୁ ଶ୍ରୀମନ୍ଦିରକୁ ମୋବାଇଲ ଫୋନ୍ ନା’

# ନମାନିଲେ କଡା କାର୍ଯ୍ୟାନୁଷ୍ଠାନ

**ପୁରୀ :** ଆସନ୍ତା ପହିଲାରୁ ଶ୍ରୀମନ୍ଦିରକୁ ମୋବାଇଲ ଫୋନ୍ ନେବା ଉପରେ କଟକଣା ଜାରୀ କରାଯାଇଛି। ଭକ୍ତ, ସେବାୟତ, ପୋଲିସ ଓ ପ୍ରଶାସନିକ ଅଧିକାରୀ କେହି ହେଲେ ବଡଦେଉଳ ଭିତରକୁ ସାଙ୍ଗରେ ମୋବାଇଲ ଫୋନ୍ ନେଇ ଯାଇପାରିବେ ନାହିଁ। ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶେଷ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସାମ୍ବାଦିକମାନଙ୍କୁ କହିଲେ ସେବାୟତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାର ନିକଟରେ ହୋଇଥିବା ଦୁଇଟି କେନ୍ଦ୍ରରେ ସେମାନଙ୍କର ମୋବାଇଲ ଫୋନ୍ ଜିମା ଦେଇ ଭିତରକୁ ଯିବା ଲାଗି ବ୍ୟବସ୍ଥା କରାଯିବ। ଏହାଛଡା ଜରୁରୀ ବ୍ୟବହାର ଲାଗି ଶ୍ରୀମନ୍ଦିର ଭିତରେ ଥିବା



ପ୍ରଶାସନିକ କାର୍ଯ୍ୟାଳୟରେ ଏକ ସ୍ମାର୍ଟ ଫୋନ୍ ରଖାଯିବ ବୋଲି ସେ କହିଥିଲେ। ବୈଠକରେ ହୋଇଥିବା ଅନ୍ୟାନ୍ୟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସେ କହିଲେ ସେବାୟତ ପିଲାଙ୍କ ଗୁରକୂଳ ନେଇ ବିରଲା ଏଜୁକେସନ୍ ସହିତ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପରେ ୩୬୦୦ ହେକ୍ଟରରେ ବୃକ୍ଷରୋପଣ କରାଯାଇଛି। ପରିଚାଳନା କମିଟି ସଦସ୍ୟଙ୍କର ଏନେଇ ସ୍ଥିତି ଅନୁଧ୍ୟାନ ପରେ ମହାପ୍ରଭୁଙ୍କ ନାମରେ ଥିବା ୧୬୦୦ ଏକର ଜଙ୍ଗଲ କିସମ ଜମିରେ ରଥକାଠ ପାଇଁ ପଇ ଜାତୀୟ ଗଛ ରୋପଣ କରାଯିବ। ପ୍ରମୋଦ ଉଦ୍ୟାନ ଓ ଗୁଣ୍ଡିଚା ମନ୍ଦିର ଉନ୍ନତିକରଣ ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି। ଟେଣ୍ଡର ପରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଗୁଣ୍ଡିଚା ମନ୍ଦିର ନାଟ ମନ୍ଦିରର ମରାମତି କାର୍ଯ୍ୟ ଆସନ୍ତା ଏପ୍ରିଲ ପୂର୍ବରୁ ଶେଷ ହେବ। ନିକଟରେ ଏନଜିଟି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଉପରେ ହୋଇଥିବା ଜୋରିମାନା ଆଦେଶ ବିରୋଧରେ ପରିଚାଳନା କମିଟି ଅପିଲ କରିବ ବୋଲି ସେ କହିଥିଲେ।

# ବଢୁଛି ହକି ବିଶ୍ୱକପ୍ ଉତ୍ସାହ

## ସାରା ରାଜ୍ୟରେ ଆୟୋଜନ ହେବ ସିଟି ଫେଷ୍ଟିଭାଲ



**ଭୁବନେଶ୍ୱର :** ହକି ବିଶ୍ୱକପ ପାଇଁ ବଢୁଛି ଉତ୍ସାହ। ସାରା ରାଜ୍ୟରେ ଆୟୋଜନ ହେବ ସିଟି ଫେଷ୍ଟିଭାଲ। ସ୍କୁଲ, କଲେଜରେ ଖେଳ ଓ ହକିର କରାଯିବ ପ୍ରମୋସନ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷରେ ବସିଥିବା ହକି ବିଶ୍ୱକପ ଆୟୋଜନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଶ୍ୱକପ ଆୟୋଜନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି। ଯୋଗାଯୋଗ, ଚିକିତ୍ସା, ଟ୍ରାଫିକ ଓ ଗହଳି ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇଛି। ଚଳିତ ଆର୍ଥିକ ବର୍ଷରେ କ୍ରୀଡ଼ା ବିଭାଗ ୭୫କୋଟି ଟଙ୍କା ହକି ବିଶ୍ୱକପ ପାଇଁ ବ୍ୟୟ କରିବ। ଭୁବନେଶ୍ୱରର କଳିଙ୍ଗ ଓ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳ ହେବ। ଉଭୟ ଷ୍ଟାଡିୟମରେ ସମସ୍ତ ବନ୍ଦୋବସ୍ତ କରାଯାଉଛି। ଖୁବଶୀଘ୍ର ରାଉରକେଲାକୁ ବିମାନ ଚଳାଚଳ ଆରମ୍ଭ ହେବ। ରାଉରକେଲାରେ ଜାନୁଆରୀରୁ ମୋ ବସ ସେବା ଆରମ୍ଭ ହେବ। ପାଖରେ ହକି ଟିକେଟ ଥିଲେ ଷ୍ଟାଡିୟମକୁ ମାଗଣାରେ ମୋ ବସରେ ଯାଇପାରିବେ। ଆସନ୍ତା ୧୧ତାରିଖରେ କଟକରେ ହକି ବିଶ୍ୱକପ ଉଦଘାଟନ କାର୍ଯ୍ୟକ୍ରମ ହେବ। ସେଥିପାଇଁ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ବିଶ୍ୱକପ ପୂର୍ବରୁ ସବୁ ଜିଲ୍ଲାରେ ନଗର କ୍ରୀଡ଼ା ଆୟୋଜନ କରାଯିବ। ଏଥିରେ ବିଭିନ୍ନ ବିଭାଗରେ ଖେଳ ଅନୁଷ୍ଠିତ ହେବ। ବିଜୟୀଙ୍କୁ ପୁରସ୍କାର ପ୍ରଦାନ କରାଯିବର ବ୍ୟବସ୍ଥା ରହିଛି। ରାଜ୍ୟର ସବୁ ଜିଲ୍ଲାକୁ ହକି ଟ୍ରଫି ଟୁର କରିବ। ଏହି ବୈଠକରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଭାରତୀୟ ହକିର ଅଧିକାରୀମାନେ ଆଲୋଚନା ସମୟରେ ଉପସ୍ଥିତ ଥିଲେ।

## ‘ଉଚ୍ଚମାନର ଖଣିଜକୁ ନିମ୍ନମାନର ଦର୍ଶାଇ କୋଟି କୋଟି ଟଙ୍କା ହଡ଼ପ’



**ଭୁବନେଶ୍ୱର :** କୋଭିଡ୍ ସମୟରେ ଓଡ଼ିଶାରେ ହୋଇଛି ଖଣି ଦୁର୍ନୀତି। ଉଚ୍ଚମାନର ଖଣିଜକୁ ନିମ୍ନମାନର ଦର୍ଶାଇ କୋଟି କୋଟି ଟଙ୍କା ହଡ଼ପ୍ କରାଯାଇଛି। ଲୋକସଭାରେ ରାଜ୍ୟରେ ଚାଲିଥିବା ଏହି ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଶ୍ରୀମତୀ ଷଡଙ୍ଗୀ କହିଛନ୍ତି, ଓଡ଼ିଶାର ଅନେକ ଖଣି ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାର ନିଲାମ କରିଥିଲେ। ନୂଆ ନିଲାମଧାରୀ ଅନେକ ଖଣିଜକୁ ହଠାତ ନିମ୍ନମାନର ଦର୍ଶାଇଥିଲେ। ୧୯-୨୦ ଆର୍ଥିକ ବର୍ଷରେ ଲୋ ଗ୍ରେଡ୍ ଥିଲା ୦.୯%, ବର୍ଷକରେ ତାହା ୨୭.୩% ହୋଇଗଲା। ୨୦୨୨ ଏପ୍ରିଲରେ ୪୨.୩% ଏବଂ ମେ’ରେ ୫୮.୯%କୁ ବୃଦ୍ଧି ପାଇଲା। ଲୋଗ୍ରେଡ୍ ଦର୍ଶାଇବା ଦ୍ୱାରା ରାଜକୋଷକୁ କ୍ଷତି ହେଲା। ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ମଧ୍ୟ କମିଲା। ଜନକଲ୍ୟାଣୀ କାର୍ଯ୍ୟ ପ୍ରଭାବିତ ହେଲା। ଏହାର ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ମାଇନ୍ସ ରାଜ୍ୟ ସରକାରଙ୍କୁ ଚିଠି କରିଥିଲେ। କିନ୍ତୁ ରାଜ୍ୟ ସରକାର ତଦନ୍ତ କଲେନି କି ରିପୋର୍ଟ ଦେଲେନି। ତୁରନ୍ତ ରାଜ୍ୟ ସରକାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି ଅପରାଜିତା ଷଡଙ୍ଗୀ।




# ବିପିପି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**କୁଏତ :** ବିପିପି (ଭାରତୀୟ ପ୍ରଭାସୀ ପରିଷଦ ଆସୋସିଏସନ) କୁଏତର ଏକ ବୃହତ ସାମାଜିକ ଓ ଜନ କଲ୍ୟାଣ ସଂଗଠନ, ଭାରତର ବିଭିନ୍ନ ରାଜ୍ୟର ନାଗରିକଙ୍କୁ ନେଇ ଏହି ସଂଗଠନ ଗଠିତ। ଗତ ଫେବୃଆରୀ ୨, ଶୁକ୍ରବାର ଦିନ, ବିପିପି ଆବୁହଲିଫା କ୍ରିକେଟ୍ ପଡ଼ିଆରେ ଏହାର ସିଜନ୍ ୨ କ୍ରିକେଟ୍ ଫାଇନାଲ୍ ଉଦ୍‌ଯାପନ ହୋଇଛି। ସ୍କର୍ପିଓନ୍-କୁଏତ ଏବଂ ନାଗା-୧୧ ଫାଇନାଲରେ ପ୍ରବେଶ କରି ମୁହାଁମୁହିଁ ହୋଇଥିଲେ। ବିପିପି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂଗ୍ କରି ୧୨ ଓଭରରେ ୭ ଉିକେଟ୍ ହରାଇ ୧୩୫ ରନ୍ କରିଥିଲେ। ସ୍କର୍ପିଓନ୍ ଦଳରୁ ଦୀପକ୍ ସର୍ବାଧିକ ୧୯ଟି ବଲ୍‌ରୁ ୪୩ ରନ୍ କରିଥିଲେ। ସେହିପରି ନାଗା- ୧୧ ଟିମ୍ ୧୨ ଓଭର ଖେଳି, ୮ଉିକେଟ୍ ହରାଇ ୭୩ ରନ୍‌ରେ ସୀମିତ ଥିଲେ। ସର୍ବଶେଷରେ ସ୍କର୍ପିଓନ୍ ୬୨ ରନ୍‌ରେ ବିଜୟୀ ହୋଇଥିଲା। ଏହି ଅବସରରେ ଗ୍ରାଣ୍ଡ ପୁରସ୍କାର ପ୍ରଦାନ ସମାରୋହର ଆୟୋଜନ କରାଯାଇଥିଲା। ବିଜେତା ଏବଂ ଉପବିଜେତା ଦଳର ଖେଳାଳିଙ୍କ ପାଇଁ ପୁରସ୍କାର



ରାଶି ଏବଂ ପଦକ ସହିତ କପ୍ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ସମ୍ମାନିତ କରିବା ପାଇଁ ଶ୍ରେଷ୍ଠ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ସହିତ କପ୍ ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍ ଆୟୋଜନ ପାଇଁ ଉଦ୍‌ଯାପନ ମ୍ୟାଚ୍‌ରେ ଶ୍ରୀ ସନ୍ତୋଷ୍ ମଣିଙ୍କୁ ସମ୍ମାନିତ ଅତିଥି କରାଯାଇଥିଲା। କପିକୋ ଟୁର୍ ଏବଂ ଟ୍ରାଭେଲ୍ସର ସମସ୍ତ ଆୟୋଜକମାନଙ୍କ ପାଇଁ ଦୁଇଟି ଉପହାର କୁପନ୍ ପ୍ରଦାନ କରିଛନ୍ତି। ପ୍ରାରମ୍ଭରୁ ୧୬ଟି ଦଳ ସହିତ ବିପିପି ସିଜନ୍ ୨ ମ୍ୟାଚ୍ ଆରମ୍ଭ ହୋଇଥିଲା ଏବଂ ଖେଳର ଷଷ୍ଠ ସପ୍ତାହରେ ଫାଇନାଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ସଂଗଠକ ସଚିବ ଶ୍ରୀ ରାଜୀବ, କୋଷାଧ୍ୟକ୍ଷ ଶ୍ରୀ ସୁରେନ୍ଦର ଏବଂ ସାଧାରଣ ସମ୍ପାଦକ ସୁଧୀର ମେନନ୍‌ଙ୍କ ଦ୍ୱାରା ପ୍ରାରମ୍ଭ ଭାଷଣ ପ୍ରଦାନ କରାଯାଇଥିବା ସହିତ ଉତ୍କୃଷ୍ଟ ସମର୍ଥନ ସହିତ ବିପିପି ଉପାଧ୍ୟକ୍ଷ ଶ୍ରୀ ସମ୍ପଥ କୁମାର ସିଜିନ ୨ ଟୁର୍ଣ୍ଣାମେଣ୍ଟକୁ ପରିଚାଲାନା କରିଥିଲେ। ପ୍ରାରମ୍ଭରେ ବିପିପିର ସଭାପତି ବିନୋ ସେବାଷ୍ଟିଆନ୍ ଟସ୍ କରି ମ୍ୟାଚ୍ ଉଦ୍ଘାଟନ କରିଥିଲେ। ସାଧାରଣ ସଚିବ ବିପିପି ତାମିଲ ୱିଙ୍ଗ ଶ୍ରୀ କାର୍ତ୍ତିକେୟାନ୍ ଏହି ମ୍ୟାଚ୍ କାର୍ଯ୍ୟକ୍ରମ ନିମନ୍ତେ ସହଯୋଗ କରିଥିଲେ। ବିପିପି ତାମିଲ ୱିଙ୍ଗ ଅଫିସ୍ ଧାରକ ଶ୍ରୀ ରାଜାରାମ, ଶ୍ରୀକ୍ଷୀଭେଲ, ମନନାଇ ରାଜା, ଶ୍ରୀ ବିନୋଦ, ଶ୍ରୀ ନାଗରାଜ, ପଲାନି ରାଜନ ଏବଂ ବି ପରଣ ଏହି ସମସ୍ତ ଖେଳକୁ ଏକ ବଡ଼ ସଫଳତା ଦେବାରେ ପ୍ରମୁଖ ଭୂମିକା ପାଇଁ ସମସ୍ତ ସହଯୋଗ ବ୍ୟବସ୍ଥା କରିଥିଲେ। ଭାରତୀୟ ପ୍ରଭାସ ପରିଷଦ ଆସୋସିଏସନରର ଏରିଆ ସଭାପତି ତଥା ଭାରତୀୟ ପ୍ରଭାସୀ ପରିଷଦ ଓଡ଼ିଶା ସଙ୍ଗର ସଭାପତି ବିଶ୍ୱ ରଂଜନ ସାହୁଙ୍କ ପ୍ରତ୍ୟକ୍ଷ ସହଯୋଗରେ ସଙ୍ଗର ଅତିଥି ରୂପେ ଏହି ପୁରସ୍କାର ବିତରଣ କରିଥିଲେ। ସବୁଠାରୁ ବଡ ଖୁସିର କଥା ହେଉଛି କୁଏତରୁ ଆସିଥିବା ବିଭିନ୍ନ ପ୍ରାନ୍ତରୁ ଶତାଧିକ ଓଡ଼ିଆ ବନ୍ଧୁ ଓ ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ ଓଡିଆ ଭାଇମାନେ ଟୁର୍ଣ୍ଣାମେଣ୍ଟ ଦେଖିବା ନିମନ୍ତେ କୁଏତର ସୁଦୂର ପ୍ରାନ୍ତରୁ ସାକ୍ଷାତ୍ କରିବା ସହିତ ଏହି ଖେଳର ଆନନ୍ଦ ନେଇଥିଲେ। ଓଡ଼ିଆ ବନ୍ଧୁମାନଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ବୁଝିଥିଲେ। ଓଡ଼ିଶା ରାଜ୍ୟର ବିଭିନ୍ନ ଜିଲ୍ଲା ସ୍ତରୀୟ ପ୍ରତିନିଧିଙ୍କ ସହିତ ସାକ୍ଷାତ୍ କରି, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ବହୁତ ଶୀଘ୍ର ନୂତନ ବର୍ଷର ବିଭିନ୍ନ ସାମାଜିକ ଓ ଜନ କଲ୍ୟାଣ କାର୍ଯ୍ୟକ୍ରମର ଆଧାରରେ ଯୋଗଦାନ କରି ସଙ୍ଗଠନକୁ ଆହୁରି ମଜବୁତ୍ ସହିତ କରିବେ। ସର୍ବଶେଷରେ ବ୍ୟକ୍ତିଗତ ଭାବେ ବିଶ୍ୱ ରଞ୍ଜନ ସମସ୍ତ ଓଡ଼ିଆ ଭାଇଙ୍କୁ ଓ ଅନ୍ୟାନ୍ୟ ରାଜ୍ୟର ପତିନିଧି ମାନଙ୍କୁ ବ୍ୟକ୍ତିଗତ ଭାବେ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ ଟୁର୍ଣ୍ଣମେଣ୍ଟ ଏବଂ ପୁରସ୍କାର ବିତରଣ ସମାରୋହ ୟୁଟ୍ୟୁବରେ ସିଧା ପ୍ରସାରଣ କରାଯାଇଥିଲା।




# ଉଷା ପାଢ଼ୀଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର :** କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ୧୯୯୬ ବ୍ୟାଚ୍ ଆଇଏଏସ୍ ଉଷା ପାଢ଼ୀଙ୍କୁ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ମିଳିଛି। ସେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ ତୁଲାଇବେ। ଏହା ସହିତ ଆଇଏଏସ୍ ହେମନ୍ତ ଶର୍ମା ଓ ବିଷ୍ଣୁପଦ ସେଠୀଙ୍କୁ ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଉଷା ପାଢ଼ୀ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି



ପାଇଛନ୍ତି। ସେ ଅତିରିକ୍ତ ଭାବେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ଶିକ୍ଷ ସଚିବ ହେମନ୍ତ ଶର୍ମାଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବରୁ ଅବ୍ୟାହତି ଦିଆଯାଇଛି। ତେବେ ଇପିକଲ୍ ଓ ଇଡକୋ ଅଧ୍ୟକ୍ଷ ଭାବେ ସେ ଅତିରିକ୍ତ ଦାୟିତ୍ୱ ଜାରି ରଖିବେ। ସେହିପରି ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କଠୁ ବାଣିଜ୍ୟ ଓ ପରିବହନ ବିଭାଗ କାଢ଼ି ନିଆଯାଇଛି। ଶ୍ରୀମତୀ ପାଢ଼ୀଙ୍କୁ ଏହି ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ସୂଚନାଯୋଗ୍ୟ, ଶ୍ରୀମତୀ ପାଢ଼ୀଙ୍କ ଆଇଏଏସ୍ ସ୍ୱାମୀ ଅରବିନ୍ଦ ପାଢ଼ୀ ଏବେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରୀ ପାଢ଼ୀ ଗତ ଅଗଷ୍ଟ ମାସରେ ଓଡ଼ିଶା ଫେରିଥିଲେ। ଉଭୟ ପତି-ପତ୍ନୀ ୨୦୧୫ ମସିହାରେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**